
ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ............


website : www.dhwanipratidhwani.net
email: pratidhwani.dhwani@gmail.com



ବାଲେଶ୍ୱର ■ ମଙ୍ଗଳବାର ୧୦ ଅଗଷ୍ଟ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 10 AUGUST 2021
Vol.No. 32 ■ No. 204 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କୋଟିଆକୁ ଦୁଇ ଭାଗ କରିବାକୁ ଆନ୍ଧ୍ର ଖେଳିବ ଭାଷା କାର୍ଡ

### ତାତିଲେ ସ୍ଥାନୀୟ ନେତା, କହିଲେ କୋଟିଆ ଆସିଲେ ମାଡ଼ ଖାଇବେ ଆନ୍ଧ୍ର ନେତା ଓ ଅଧିକାରୀ




କୋରାପୁଟ/ଭୁବନେଶ୍ୱର,୦୯/୦୮(ନି.ପ୍ର): ଧରାପଡିଛି କୋଟିଆ ଦଖଲ ପାଇଁ ଆନ୍ଧ୍ରର ଚାଲ । କୋଟିଆ ହାତେଇବା ପାଇଁ ପୁରୁଣା ଯୋଜନାରେ ବିଶେଷ ସଫଳତା ନମିଳିବାରୁ ଭାଷା ଭିତ୍ତିରେ ବିଭେଦ ସୃଷ୍ଟି ପାଇଁ କରୁଛି ଷଡ଼ଯନ୍ତ୍ର । ୨୨ଟି ଗାଁରେ ତେଲଗୁ ଫଳକ ଲଗାଇବା ପାଇଁ ମଧ ଯୋଜନା ରହିଛି । ଗୋଟିଏ ପଟେ କୋଟିଆକୁ ଛଡ଼ାଇ ନେବା ପାଇଁ ରଣନୀତି ପରେ ରଣନୀତି ବନାଉଛି ଆନ୍ଧ୍ର । ଅନ୍ୟପଟେ ଓଡ଼ିଶାର ରାଜସ୍ୱ ବିଭାଗ ହାତବାନ୍ଧି ବସିଛି । ଆଉ ଏବେ ରାଜସ୍ୱ ମନ୍ତ୍ରୀ କହୁଛନ୍ତି, ଆମେ କୋଟିଆରେ କାହାକୁ ପୂରାଇ ଦେବୁନି, ଆଇନଗତ ଲଢ଼େଇ ଲଢ଼ିବୁ । ଜୟପୁର ବିଧାୟକ ତାରା ବାହିନୀପତିଙ୍କ ସମେତ କିଛି ବିଧାୟକ ଆନ୍ଧ୍ର ଅଧିକାରୀଙ୍କୁ ମାଡ ଧମକ ଦେଇଛନ୍ତି । କୋଟିଆ ଦଖଲ ପାଇଁ ଆନ୍ଧ୍ରର ଚାଲ୍ । ଭାଷା ଭିତ୍ତିକ ବିଭେଦ ପାଇଁ ଚାଲିଛି ଷଡ଼ଯନ୍ତ୍ର ! ଆନ୍ଧ୍ରପ୍ରଦେଶରେ ପ୍ରକାଶିତ ଏକ ଖବରକାଗଜରେ ଯାହା ଲେଖାଯାଇଛି, ସେକଥା ଜାଣିଲେ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ । ଅଗଷ୍ଟ ୧୫ରୁ କୋଟିଆ ଅଞ୍ଚଳରେ ତେଲୁଗୁ ଭାଷାର ପ୍ରସାର ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ଯାଉଛି ଆନ୍ଧ୍ର ସରକାର । କୋଟିଆ ହାତେଇବା ପାଇଁ ପୁରୁଣା ଯୋଜନାରେ ବିଶେଷ ସଫଳତା ନମିଳିବାରୁ ଭାଷା ଭିତ୍ତିରେ ବିଭେଦ ସୃଷ୍ଟି ପାଇଁ କରୁଛି ଷଡ଼ଯନ୍ତ୍ର । ୨୨ଟି ଗାଁରେ ତେଲଗୁ ଫଳକ ଲଗାଇବା ପାଇଁ ମଧ ଯୋଜନା ରହିଛି । ଗୋଟିଏ ପଟେ କୋଟିଆକୁ ଛଡ଼ାଇ ନେବା ପାଇଁ ରଣନୀତି ପରେ ରଣନୀତି ବନାଉଛି ଆନ୍ଧ୍ର । ଅନ୍ୟପଟେ ଓଡ଼ିଶାର ରାଜସ୍ୱ ବିଭାଗ ହାତବାନ୍ଧି ବସିଛି । ଆନ୍ଧ୍ରର ନେତା ଠାରୁ ପ୍ରଶାସନ ପର୍ଯ୍ୟନ୍ତ କୋଟିଆ ଅଂଚଳରେ ଲୋକଙ୍କୁ ନିଜ ଆଡକୁ ନେବା ପାଇଁ ବାରମ୍ବାର ପ୍ରୟାସ ଚଳାଉଛନ୍ତି, ହେଲେ ଗଠନ ହୋଇଥିବା ଗୃହ କମିଟି ଏପର୍ଯ୍ୟନ୍ତ କୋଟିଆ ଯାଇପାରି ନାହିଁ । ଏପଟେ ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି କହିଛନ୍ତି, ଆମେ କୋଟିଆରେ କାହାକୁ ପୂରାଇ ଦେବୁନି, ଆଇନଗତ ଲଢ଼େଇ ଲଢ଼ିବୁ । ଆନ୍ଧ୍ରର ଏହି ରଣନୀତିକୁ କାର୍ଯ୍ୟକାରୀ କରିବା ପାଇଁ ବିଜୟ ନଗର ଜିଲ୍ଲାପାଳ ଓ ଲୋକସଭା ପାର୍ଟିର କାର୍ଯ୍ୟକାରୀ ସଭାପତି ପୂରା ଦମରେ ଲାଗି ପଡ଼ିଛନ୍ତି । ୩-୪ ଦିନ ତଳେ ଲୋକସଭା ପାର୍ଟିର ନେତା ଓ କିଛି ସରକାରୀ ଅଧିକାରୀ କୋଟିଆ ଆସି ଲୋକଙ୍କୁ ଜମିପଟ୍ଟା ବାଂଟିବା ପାଇଁ ଯୋଜନା କରିଥିଲେ । ଖବର ପାଇ କୋଟିଆ ରାସ୍ତା ଉପରେ

▶▶ପୃଷ୍ଠା ୭

## ୧୬ଟି ପ୍ରସ୍ତାବ ଉପରେ କ୍ୟାବିନେଟ ମୋହର

- ଉପର ଇନ୍ଦ୍ରାବତୀ ଦକ୍ଷିଣ ପାର୍ଶ୍ୱ କେନାଲର ହେବ ପୁନରୁଦ୍ଧାର
- ଓଏଫଏସ୍ କ୍ୟାଡର୍ ପଦବୀ ୧୦୧୬କୁ ବୃଦ୍ଧି



ଭୁବନେଶ୍ୱର,୦୯/୦୮ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ସୋମବାର ସଂଧ୍ୟାରେ ଭିଡିଓ କନଫରେନ୍ସିଂ ମାଧମରେ ଆୟୋଜିତ ରାଜ୍ୟ କ୍ୟାବିନେଟରେ ୧୬ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ବୈଠକ ପରେ ଗଣମାଧମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ସୁରେଶ କୁମାର ମହାପାତ୍ର କହିଛନ୍ତି ଯେ, ୮୯ଟି ବହୁମୁଖୀ ଇନଡୋର ଷ୍ଟାଡ଼ିୟମ ନିର୍ମାଣକୁ ରାଜ୍ୟ କ୍ୟାବିନେଟ୍ ମଂଜୁର କରିଛି । ଏହା ବ୍ୟତୀତ ଓଏଫଏସ କ୍ୟାଡର ପୁନର୍ଗଠନ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛନ୍ତି । ଏହାଦ୍ୱାରା ରାଜ୍ୟର ଆର୍ଥିକ ପ୍ରଶାସନ ଓ ଉତରଦାୟିତ୍ୱ ଅଧିକ ସୁଦୃଢ଼ ହେବ । ଏହି ପୁନର୍ଗଠନ ପରେ ଓଏଫଏସ କ୍ୟାଡ଼ର ପଦବୀ ସଂଖ୍ୟା ୯୧୨ରୁ ୧୦୧୬କୁ ବୃଦ୍ଧି ପାଇବ । ଓଏଫଏସ ଜୁନିୟର ଗ୍ରେଡରେ ୫୮୧ଟି ପଦବୀ, ଓଏଫଏସ(ଏସଏଜି)ରେ ୭୦ଟି ଓ ଓଏଫଏସ (ଏସଏସ)ରେ ୩୧ଟି ପଦବୀ ରହିବ । ସେହିପରି ଓଡ଼ିଶା ଅଗ୍ନିଶମ ସେବା 'ସି) ବର୍ଗ ଅଧିକାରୀମାନଙ୍କ ନିଯୁକ୍ତି ଓ ଚାକିରି ସର୍ତାବଳୀ-୨୦୨୧ରେ ସଂଶୋଧନକୁ କ୍ୟାବିନେଟ ମଞ୍ଜୁରୀ ଦେଇଛନ୍ତି ।ସେହିପରି କ୍ୟାବିନେଟ ବୈଠକରେ ଓଡ଼ିଶା ଲୋକସେବା ଆୟୋଗ ସଦସ୍ୟ ଭାବେ ଅଞ୍ଜନ କୁମାର ମାଣିକଙ୍କ ନିଯୁକ୍ତିକୁ ପିଛିଲା ଭାବେ ଅନୁମୋଦନ, ଓଡ଼ିଶା ପ୍ରାଇଭେଟ୍ ସିକ୍ୟୁରିଟି ଏଜେନ୍ସୀ ରୁଲ-୨୦୨୧, ଓଡ଼ିଶା ଫୁଡ୍ ସେଫ୍ଟି ଲ୍ୟାବ କ୍ୟାଡ଼ର(ନିଯୁକ୍ତି ଓ ସେବା ସର୍ତାବଳୀ) ରୁଲ-୨୦୨୧, ଓଡ଼ିଶା ଜେଲ ସର୍ଭିସ(ଏ ଓ ବି ଗ୍ରେଡ୍) ମେଥଡ୍ ରୁଲ, ଓଡ଼ିଶା ଫାୟାର ସର୍ଭିସ (ଏ ଓ ବି ଗ୍ରେଡ୍ ) ମେଥଡ୍ ରୁଲ-୨୦୨୧କୁ ପ୍ରଣୟନକୁ ଅନୁମୋଦନ ସମେତ ଓଡ଼ିଶା ଜିଏସଟି ଆଇନରେ ସଂଶୋଧନ ଓ ଓଡ଼ିଶା ଲେବର ସର୍ଭିସ ରୁଲ୍ ସଂଶୋଧନକୁ କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛନ୍ତି ।

▶▶ପୃଷ୍ଠା ୭

## ଆଜିଠୁ ରାଜ୍ୟରେ ଖୋଲିଲା ବୈଷୟିକ ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର,୦୯/୦୮(ନି.ପ୍ର): ରାଜ୍ୟରେ ଆଜିଠୁ ଖୋଲିଲା ବୈଷୟିକ ଶିକ୍ଷାନୁଷ୍ଠାନ । ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧୀନ ରାଜ୍ୟର ସମସ୍ତ ବୈଷୟିକ ବିଶ୍ୱବିଦ୍ୟାଳୟ, ଇଂଜିନିୟରିଂ, ଡିପ୍ଲୋମା, ଆଇଟିଆଇ, ପଲିଟେକନିକ କଲେଜ ଖୋଲିବ । ନିୟମିତ ଭାବେ ଚାଲିବାକୁ ଥିବା କ୍ଲାସରୁମ୍ ପାଠ ପଢାରେ ସମସ୍ତ ସିଲାବସରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦିଆଯିବ । ଯେତେଦୂର ସମ୍ଭବ କ୍ଲାସରୁମ୍ ଶିକ୍ଷାର ରେକର୍ଡିଂ କରିବା ଦିଗରେ କର୍ତ୍ତୃପକ୍ଷ ପଦକ୍ଷେପ ନେବେ । କଂଟେନମେଂଟ

▶▶ପୃଷ୍ଠା ୭

## ଏସଆରସିଙ୍କ ଗାଇଡ୍ ଲାଇନ୍ ଜାରି : ବିନା ଭକ୍ତରେ ହେବ ପୂଜା



ଭୁବନେଶ୍ୱର,୦୯/୦୮ (ନି.ପ୍ର): ଗତବର୍ଷ ଭଳି ଏବର୍ଷ ବି ବିନା ଭକ୍ତରେ ହେବ ପୂଜା ପାର୍ବଣ। ଗଣେଶପୂଜା, ଦୁର୍ଗାପୂଜା, ଲକ୍ଷ୍ମୀପୂଜା ଓ କାଳୀପୂଜା ନେଇ ସୋମବାର ସ୍ୱତନ୍ତ୍ର ରିଲିଫ୍ କମିଶନର ମାର୍ଗଦର୍ଶିକା ଜାରି କରି ଏହା ସ୍ପଷ୍ଟ କରିଛନ୍ତି। ଏହାଛଡ଼ା ଅଗଷ୍ଟ, ସେପ୍ଟେମ୍ବର, ଅକ୍ଟୋବର ଓ ନଭେମ୍ବର ମାସରେ ପଡୁଥିବା ସବୁ ପାର୍ବଣ ଲାଗି ଏହି ନିୟମ ଲାଗୁ ହେବ। ଅପରପକ୍ଷରେ ସୀମିତ ଛାତ୍ରଛାତ୍ରୀମାନଙ୍କୁ ନେଇ ଶିକ୍ଷାନୁଷ୍ଠାନରେ ଗଣେଶ ପୂଜା ଲାଗି ଅନୁମତି ଦିଆଯାଇଛି। ଏସଆରସିଙ୍କ ଗାଇଡ୍ ଲାଇନ୍ ଅନୁଯାୟୀ କଟକଣା ସହ ପୂଜା ଆୟୋଜନ ପାଇଁ ପୂଜା କମିଟି ଗୁଡ଼ିକୁ ଅନୁମତି ଦିଆଯାଇଛି। ମଣ୍ଡପ, ପେଣ୍ଡାଲରେ ପୂଜା ପାଇଁ ଅନୁମତି ନେବା ଜରୁରୀ।ଜିଲ୍ଲାରେ ଜିଲ୍ଲାପାଳ ଓ ଟୁଇନ ସିଟିରେ ସିପିଙ୍କ ଅନୁମତି ଆବଶ୍ୟକ । କେବଳ ପରମ୍ପରା ରକ୍ଷା ପାଇଁ ନିରାଡ଼ମ୍ବର ଭାବେ ପୂଜା କରାଯିବ। କୌଣସି ସାଜସଜ୍ଜା ହୋଇପାରିବ ନାହିଁ କିମ୍ବା ମଣ୍ଡପକୁ ଶ୍ରଦ୍ଧାଳୁ ଆସି ପାରିବେ ନାହିଁ। ସବୁ ପୂଜାମଣ୍ଡପରେ ୪ଫୁଟରୁ କମ୍ ଉଚ୍ଚତାରେ ମୂର୍ତି ହେବ। ପୂଜାମଣ୍ଡପ ତିନି ପଟରୁ ସମ୍ପୂର୍ଣ୍ଣ ଆବଦ୍ଧ ହେବ। ସାମ୍ନା ପଟରୁ ଏମିତି ଆବଦ୍ଧ ହେବ ଯେମିତି ଦର୍ଶନ କରିବେନି ଭକ୍ତ। କର୍ତା, ପୁରୋହିତ ଓ ଅନୁଷ୍ଠାନର କର୍ମକର୍ତାଙ୍କୁ ମିଶାଇ ୭ଜଣଙ୍କୁ ଅନୁମତି ମିଳିବ। ବିସର୍ଜନ ଶୋଭାଯାତ୍ରା ହେବ ନାହିଁ। କୃତ୍ରିମ ପୋଖରୀରେ ମୂର୍ତି ବିସର୍ଜନ ହେବ। ଏହାଛଡ଼ା କୋଭିଡ୍ ନିୟମ ଓ ସାମାଜିକ ଦୂରତା ରକ୍ଷା ବାଧ୍ୟତାମୂଳକ।

▶▶ପୃଷ୍ଠା ୭

## ୯ କୋଟି ୭୫ ଲକ୍ଷ କୃଷକଙ୍କ ବ୍ୟାଙ୍କ ଖାତାରେ ଜମା ହେଲା ଟଙ୍କା



ନୂଆଦିଲ୍ଲୀ,୦୯/୦୮ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଦିନ ଭିଡିଓ କନଫରେନ୍ସିଂ ମାଧମରେ ପ୍ରଧାନ ମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ) ଯୋଜନା ଅଧିନରେ ଆର୍ଥିକ ସୁବିଧାର ପରବର୍ତୀ କିସ୍ତି ଟ୍ରାନସଫର କରିଛନ୍ତି । ୯,୭୫ .୭୫ କୋଟି କୃଷି ପରିବାରର ହିତାଧିକାରୀଙ୍କୁ ଏହା ଜରିଆରେ ୧୯, ୫୦୯ କୋଟିରୁ ଅଧିକ ଅର୍ଥ ସେ ଟ୍ରାନ୍ସଫର କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ କୃଷକ ହିତାଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ । ଉଲ୍ଲେଖ୍ୟଯୋଗ୍ୟ ପିଏମ୍-କିଷାନ ଯୋଜନା ଅଧିନରେ କୃଷକ ପରିବାରର ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରତି ବର୍ଷ ୬୦୦୦ ଟଙ୍କା କରି ପ୍ରଦାନ କରାଯାଇଥାଏ । ପ୍ରତ୍ୟେକ ସମାନ ୪ମାସିଆ ତିନିଟି କିସ୍ତିରେ ୨୦୦୦ ଟଙ୍କା କରି ଦିଆଯାଏ । ଏହି ଅର୍ଥ ସିଧାସଳଖ ହିତାଧିକାରୀମାନଙ୍କ ବ୍ୟାଙ୍କ୍ ଆକାଉଂଟକୁ ପଠାଯାଇଥାଏ । ଏହି ଯୋଜନାରେ ୧.୩୮ ଲକ୍ଷ କୋଟି ଟଙ୍କାରୁ ଅଧିକ ସମ୍ମାନ ରାଶି କୃଷକ ପରିବାରଗୁଡ଼ିକୁ ପଠାଯାଇଛି । ଏହି ଅବସରରେ କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମର ମଧ ଉପସ୍ଥିତ ଥିଲେ ।

## ପୁନଃ ନିଯୁକ୍ତି ଦାବିରେ କମ୍ପ୍ୟୁଟର ଶିକ୍ଷକମାନଙ୍କ ଆତ୍ମାହୁତି ଉଦ୍ୟମ

ଭୁବନେଶ୍ୱର,୦୯/୦୮ (ନି.ପ୍ର): ପୁନଃ ନିଯୁକ୍ତି ଦାବିରେ ରାଜରାସ୍ତାକୁ ଓହ୍ଲାଇଛନ୍ତି କମ୍ପ୍ୟୁଟର ଶିକ୍ଷକ। ସୋମବାର ଦିନ ଛଟେଇ କମ୍ପ୍ୟୁଟର ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ଭୁବନେଶ୍ୱର ଓସେପା କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ତେବେ କେତେକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଫିନାଇଲ ଓ କିରୋସିନ ପିଇ ଆତ୍ମାହୁତି ଉଦ୍ୟମ କରିଥିଲେ। ଏହି ସମୟରେ ପୋଲିସ ଓ ଆନ୍ଦୋନକାରୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହେବାବେଳେ ଉତେଜନା ଦେଖାଦେଇଥିଲା। ଶେଷରେ ଆନ୍ଦୋଳନରତ କମ୍ପ୍ୟୁଟର ଶିକ୍ଷକମାନଙ୍କୁ ପୋଲିସ ଗିରଫ କରିଥିଲା। ପୋଲିସ ସହ ଧସ୍ତାଧସ୍ତି ବେଳେ କ୍ୟାପିଟାଲ ଥାନା ଅଧିକାରୀ ଆହତ ହୋଇଥିବା ନେଇ ଭୁବନେଶ୍ୱର ଡିସିପି ଉମାଶଙ୍କର ଦାସ ସୂଚନା ଦେଇଛନ୍ତି। ଡିସିପି କହିଛନ୍ତି ଯେ କୋଭିଡ କଟକଣା ନିୟମ ଭାଙ୍ଗି ଏକାଠି ହୋଇଥିବାରୁ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଗିରଫ କରାଯାଇଛି। ଏଥିନେଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅପରପକ୍ଷରେ ସେମାନଙ୍କୁ ଗିରଫ ବେଳେ ଶିକ୍ଷୟତ୍ରୀଙ୍କୁ ପୋଲିସ ଅଧିକାରୀ ଠେଲାପେଲା କରିଥିବା ଆନ୍ଦୋଳନରତ ଶିକ୍ଷକ ଶିକ୍ଷୟିତ୍ରୀ ଅଭିଯୋଗ କରିଛନ୍ତି। ଗତ ଦୁଇ ବର୍ଷ ହେବ ବିନା କାରଣରେ ସରକାର ଛଟେଇ କରାଯାଇଥିବାରୁ ପୁନଃ ନିଯୁକ୍ତି ଦାବି କରି ଧାରଣା ଦେଇଥିଲେ ଶିକ୍ଷକ ଶିକ୍ଷୟତ୍ରୀ।

## କରୋନାରେ ଆଉ ୬୬ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୦୯/୦୮ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୬୬ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୬୫୦୧ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୨୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଟକ ଜିଲ୍ଲାରେ ୧୩ ଜଣଙ୍କର ମୃତ୍ୟୁ ଘଟିଛି। ସମ୍ବଲପୁର ଜିଲ୍ଲାରୁ ୮ ଜଣ ଓ ବରଗଡ ଜିଲ୍ଲାରୁ ୭ ଜଣ ମୃତକ ରହିଛନ୍ତି। ଅପରପକ୍ଷରେ ବଲାଙ୍ଗୀରରୁ ୩ ଜଣ ଓ ନୂଆପଡା ଜିଲ୍ଲାରୁ ୨ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ସେହିପରି, ସୁନ୍ଦରଗଡ, କଳାହାଣ୍ଡି, ସୁବର୍ଣ୍ଣପୁର ଓ ଝାରସୁଗୁଡା ଜିଲ୍ଲାରୁ ଜଣେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି।

## ବଦଳିଲେ ଭଦ୍ରକ, ଢେଙ୍କାନାଳ ଜିଲ୍ଲାପାଳ

ଭୁବନେଶ୍ୱର,୦୯/୦୮ (ନି.ପ୍ର): ବରିଷ୍ଠ ପ୍ରଶାସନିକ ସ୍ତରରେ ସୋମବାର ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି ରାଜ୍ୟ ସରକାର। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଭଦ୍ରକ ଜିଲ୍ଲାପାଳ ଜ୍ଞାନରଞ୍ଜନ ଦାସଙ୍କୁ ପଂଚାୟତିରାଜ ବିଭାଗର ନିର୍ଦ୍ଦେଶକଭାବେ ନିଯୁକ୍ତି ଦିଆଯାଇଛି। ପଂଚାୟତିରାଜ ବିଭାଗର ନିର୍ଦ୍ଦେଶକ ଥିବା ଆଇଏଏସ୍ ଅଧିକାରୀ ଉମାକାନ୍ତ ତ୍ରିପାଠୀଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସେହିପରି ଢେଙ୍କାନାଳ ଜିଲ୍ଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କୁ ଆୟୁଷ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ସେହିପରି ଓଡ଼ିଶା ମଦ ନିଗମର ପରିଚାଳନା ନିର୍ଦ୍ଦେଶକ ତଥା ବରିଷ୍ଠ ଓଏଏସ୍ ସରୋଜ କୁମାର ସେଠୀଙ୍କୁ ଭୂମେଶଙ୍କ ସ୍ଥାନରେ ଢେଙ୍କାନାଳ ଜିଲ୍ଲାପାଳ ଏବଂ ଆୟୁଷ ନିର୍ଦ୍ଦେଶକ ତଥା ବରିଷ୍ଠ ଓଏଏସ୍ ତ୍ରିଲୋଚନ ମାଝୀଙ୍କୁ ଜ୍ଞାନ ରଂଜନ ଦାସଙ୍କ ସ୍ଥାନରେ ଭଦ୍ରକ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି।

## ଭୁବନେଶ୍ୱର ଲୋୟର ପିଏମଜିରେ ସରକାର ବିରୋଧୀ ସ୍ୱର

## ମାସିକ ୫ ହଜାର ଟଙ୍କା ଭତ୍ତା ଦାବି କରି ଯାତ୍ରା କଳାକାରଙ୍କ ଆନ୍ଦୋଳନ




ଭୁବନେଶ୍ୱର,୦୯/୦୮(ନି.ପ୍ର): କରୋନା କଟକଣା ସାଧାରଣ ଲୋକଙ୍କ ଜୀବନ ଜୀବିକାକୁ ଦୁର୍ବିସହ କରିପକାଇଛି । ସଂକ୍ରମଣ ଏଡ଼ାଇବାକୁ ସରକାରଙ୍କ ଲକଡ଼ାଉନ୍ ଓ ସଟଡ଼ାଉନ୍ ଭଳି କଟକଣା ଅନେକଙ୍କ ଜୀବିକା ଛଡ଼ାଇନେଇଛି । ଏବେ ଧିରେ ଧିରେ ସଂକ୍ରମଣ କମୁଥିବା ବେଳେ ଅନଲକ ପ୍ରକ୍ରିୟା ଆରମ୍ଭ ହୋଇଛି । ବିଭିନ୍ନ ଦାବି ନେଇ ଯାତ୍ରା କଳାକାର ସଂଘ ପକ୍ଷରୁ ଧାରଣା । କରୋନା କାଳରେ ଦୀର୍ଘ ଦିନ ଧରି ଯାତ୍ରା ପରିବେଶଣ ବନ୍ଦ ରହିଥିଲା । ଯାହା ଦ୍ୱାରା ଅନେକ କ୍ଷତିର ସମ୍ମୁଖୀନ ହୋଇଛନ୍ତି ଯାତ୍ରା କଳାକାର । ଲକଡ଼ାଉନ୍ ସମୟରେ ଆର୍ଥିକ ଦୁରାବସ୍ଥାର ଶିକାର ହୋଇଥିଲେ ଯାତ୍ରା କଳାକାର । ଏବେ ଅଗଷ୍ଟ ଗାଇଡ୍ଲାଇନରେ ଯାତ୍ରା ପରିବେଶଣ ପାଇଁ ଅନୁମତି ଦେଇଛନ୍ତି ସରକାର । ହେଲେ ସାରା ରାଜ୍ୟରେ ରାତି ୮ରୁ ସକାଳ ୬ ଯାଏଁ ନାଇଟ କର୍ଫ୍ୟୁ ଜାରି ହୋଇଥିବାରୁ ଯାତ୍ରା ପରିବେଶଣ କିଭଳି ହେବ ତାକୁ ନେଇ ପ୍ରଶ୍ନ ଉଠାଇ ଆସୁଛନ୍ତି ଯାତ୍ରା କଳାକାର । ଯାତ୍ରା ବନ୍ଦ ଥିବା ସମୟରେ ଟଙ୍କାଟିଏ ରୋଜଗାର ହୋଇନଥିବାରୁ ଏବେ ସରକାରୀ ସହାୟତା ପାଇଁ ଦାବି କରୁଛନ୍ତି ଯାତ୍ରା କଳାକାରଙ୍କ ସହ ଯାତ୍ରା ସହିତ ଜଡ଼ିତ କର୍ମଚାରୀ । ସେପଟେ, ସଂକ୍ରମଣ ମାଡ଼ିଯିବା ଭୟରେ ସରକାର ସାମାଜିକ ଓ ଧାର୍ମିକ

▶▶ପୃଷ୍ଠା ୭

## ଭୁବନେଶ୍ୱରରେ ଟେଣ୍ଟ ହାଉସ, କ୍ୟାଟରିଂ, ସାଉଣ୍ଡ ବ୍ୟବସାୟୀଙ୍କ ଧାରଣା

ଭୁବନେଶ୍ୱର,୦୯/୦୮(ନି.ପ୍ର): କରୋନା କଟକଣା ସାଧାରଣ ଲୋକଙ୍କ ଜୀବନ ଜୀବିକାକୁ ଦୁର୍ବିସହ କରିପକାଇଛି । ସଂକ୍ରମଣ ଏଡ଼ାଇବାକୁ ସରକାରଙ୍କ ଲକଡ଼ାଉନ୍ ଓ ସଟଡ଼ାଉନ୍ ଭଳି କଟକଣା ଅନେକଙ୍କ ଜୀବିକା ଛଡ଼ାଇନେଇଛି । ଏବେ ଧିରେ ଧିରେ ସଂକ୍ରମଣ କମୁଥିବା ବେଳେ ଅନଲକ ପ୍ରକ୍ରିୟା ଆରମ୍ଭ ହୋଇଛି । ହେଲେ ସଂକ୍ରମଣ ମାଡ଼ିଯିବା ଭୟରେ ସରକାର ସାମାଜିକ ଓ ଧାର୍ମିକ କାର୍ଯ୍ୟକ୍ରମ ଉପରେ

▶▶ପୃଷ୍ଠା ୭

## ୨୦ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା



ଭୁବନେଶ୍ୱର,୦୯/୦୮ (ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୨୦ଟି ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର,ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ଅନୁଗୁଳ, ଢ଼େଙ୍କାନାଳ ଓ ବୌଦ୍ଧ ଆଦି ରହିଛି। ଏହି ଜିଲ୍ଲାଗୁଡ଼ିରେ ବଜ୍ରପାତ ସହ ବର୍ଷା ସମ୍ଭାବନା ରହଥିବାରୁ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଅଗଷ୍ଟ୧୦ରୁ

▶▶ପୃଷ୍ଠା ୭

# ପ୍ରଜ୍ଞାପୀଠରେ ‘ଆମେ’ର ଅମାବାସ୍ୟା ଆସର



ଭଦ୍ରକ,୯/୮ (ନି.ପ୍ର): ଜିଲ୍ଲାର ଅଗ୍ରଣୀ ସାହିତ୍ୟ ସଂସ୍କୃତି ସଂଗଠନ ‘ଆମେ’ର ଚିତାଲାଗି ଅମାବାସ୍ୟା ଆସର ପାଳିତ ହୋଇ ଯାଇଛି। ତୃତୀୟ ବର୍ଷ ସ୍ୱନକ୍ଷତ୍ର ଦିବସରେ ଭାରତବର୍ଷର ସୁସାହିତ୍ୟିକ, ରାଜନେତା, ପୂର୍ବତନ ମନ୍ତ୍ରୀ ‘ଡଗର’ ପତ୍ରିକାର ସମ୍ପାଦକ, କେନ୍ଦ୍ର ତଥା ରାଜ୍ୟ ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ କାନ୍ତକବିଙ୍କ ସୁପୁତ୍ର ନିତ୍ୟାନନ୍ଦ ମହାପାତ୍ରଙ୍କ ସାହିତ୍ୟ କୃତି ଉପରେ ବିଶଦ ଆଲୋଚନା କରାଯାଇଥିଲା। ହିଡ଼ମାଟି, ଭଙ୍ଗା ହାଡ଼, ଘରଡିହ, ନାହିଂ ତିଷ୍ଠାମି ବୈକୁଣ୍ଠେ, ଜିଅନ୍ତା ମଣିଷ ଇତ୍ୟାଦି ସାହିତ୍ୟ ପୁସ୍ତକ ଉପରେ ମୁଖ୍ୟବକ୍ତା ଡକ୍ଟର ପ୍ରଫୁଲ୍ଲ କୁମାର ସାହୁ, ଡ. ରାଧାରାଣୀ ମହାପାତ୍ର, ଡ. ଭାନୁମତି ମାଟିଆ. ପ୍ରଫେସର ଅଟଳ ବିହାରୀ ନାୟକ, ନବନିଯୁକ୍ତ ବିଜୁ ଜନତା ଦଳର ଜିଲ୍ଲା ସମ୍ପାଦିକା ତଥା ଆଡଭୋକେଟ ଅମିତାବାଳା ଆଚାର୍ଯ୍ୟ ପ୍ରମୁଖ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଉତ୍ସବରେ ସଭାପତିତ୍ୱ କରିଥିଲେ ନାଟ୍ୟ ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି। ଅନ୍ୟତମ ଅତିଥି ଭାବେ ଭଦ୍ରକ ଲାୟନ୍ସ କ୍ଲବର ସଭାପତି ଅଶୋକ ମହାନ୍ତି ଯୋଗ ଦେଇଥିଲେ। ନୂତନ ସଦସ୍ୟ ଭାବେ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ଉକ୍ତ ସାହିତ୍ୟ ଆସରକୁ ଡାକ୍ତର ରବିନାରାୟଣ ମହାପାତ୍ର, ଅବସରପ୍ରାପ୍ତ ବରିଷ୍ଠ ପ୍ରଶାନସିକ ଅଧିକାରୀ ବିଦ୍ୟାଧର ପଲେଇ, ଶିକ୍ଷାବିତ ଲକ୍ଷ୍ମୀକାନ୍ତ ବାରି. କବୟିତ୍ରୀ ଗୀତାରାଣି ଆଇଚ, ଶକୁନ୍ତଳା ନାୟକ, ନାଟ୍ୟଶ୍ରୀ ନିର୍ମଳ ରାଉତ, ନାଟ୍ୟାଭିନେତା କାଳନ୍ଦୀ ମଲ୍ଲିକ ପ୍ରମୁଖ ଯୋଗ ଦେଇ ସେମାନଙ୍କର ସୁଚିନ୍ତିତ ମତ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପକ ଅମିତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିବା ପରେ ସମସ୍ତଙ୍କୁ ଚିତଉ ପିଠା ଓ ମିଷ୍ଟାନ୍ନରେ ଆପ୍ୟାୟିତ କରାଯାଇଥିଲା।

# ଏସପିଙ୍କ ନିକଟରେ ଆତ୍ମସମର୍ପଣ କଲେ ମହିଳା ମାଓବାଦୀ କାନ୍ତି ମଲ୍ଲିକ

କନ୍ଧମାଳ,୯/୮ (ନି.ପ୍ର): କନ୍ଧମାଳ ଜିଲ୍ଲା ଅରକ୍ଷୀ ଅଧିକ୍ଷକ ଭିନିତ ଅଗ୍ରୱାଲଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି କେକେବିଏନ ଡିଭିଜନ ମାଓ ସଂଗଠନର ଜଣେ ମହିଳା କ୍ୟାଡର ମାଓବାଦୀ କାନ୍ତି ମଲ୍ଲିକ ଓରଫ ଅମିତା। ମାଓ ସଂଗଠନର କଥା ଓ କାମରେ ପାର୍ଥକ୍ୟ ଏବଂ ଜିଲ୍ଲାର ଗ୍ରାମାଂଚଳରେ ଥିବା ସରଳ ନିରୀହ ଲୋକଙ୍କ ଉପରେ ସଂଗଠନ ପକ୍ଷରୁ ପୋଲିସ ଇନଫର୍ମର ନାମରେ ହତ୍ୟା କରାଯିବା ସହିତ ସାଧାରଣ ଲୋକଙ୍କ ଉନ୍ନତି ପାଇଁ କାମ କରିବା କହି ଜିଲ୍ଲାର ନିରୀହ ଆଦିବାସୀ ମାନଙ୍କୁ ଅତ୍ୟାଚାର କରାଯାଉଥିବା ଜାଣିବାରେ ସେ ସଂଗଠନ ଛାଡିବାକୁ ନିଷ୍ପତି ନେଇଥିବା କହିଛନ୍ତି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଏହି ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, କାନ୍ତି ମଲ୍ଲିକଙ୍କ ଘର କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ଅଂଚଳର କୁଟିକିଆ ଗ୍ରାମ ପଂଚାୟତର ଗାଙ୍ଗାରାଙ୍ଗାରେ। କାନ୍ତିଙ୍କୁ ବର୍ତମାନ ୨୨ ବର୍ଷ ବୟସ। ସେ ୨୦୧୮ ମସିହାରେ ମାଓ ସଂଗଠନରେ ଯୋଗ ଦେଇଥିଲେ। ଅନ୍ୟ ରାଜ୍ୟର ମାଓ ନେତା ମାନେ ଜିଲ୍ଲାର ଆଦିବାସୀ ମାନଙ୍କୁ ବିଭିନ୍ନ ପ୍ରକାରର ଲୋଭ ଦେଖାଇ ସେମାନଙ୍କୁ ସଂଗଠନରେ ସାମିଲ କରିବା ସହିତ ପୋଲିସ ସହିତ ଗୁଳି ବିନିମୟ ବେଳେ ଆମ ଭଳି ସରଳ ନିରୀହ କ୍ୟାଡର ମାନଙ୍କୁ ପୋଲିସ ଗୁଳି ଆଗକୁ ପଠେଇ ନିଜ ଜୀବନ ବଂଚାଉଛନ୍ତି ଏବଂ ସଂଗଠନର ଛତିଶଗଡ ଏବଂ ଆନ୍ଧ୍ର କ୍ୟାଡରର ମାଓ ନେତା ମାନେ ସେମାନଙ୍କ ସ୍ୱର୍ଥ ଓ ସୁବିଧା ପାଇଁ ପାତରଅନ୍ତର ନୀତି ଆପଣେଇବା ସହିତ କନ୍ଧମାଳ ଜିଲ୍ଲାର ଆଦିବାସୀ ମାନଙ୍କୁ ନିଜ ନିଜ ଭିତରେ ଲଢେଇ କରି ଭଳି ପରିସ୍ଥିତି ସୃଷ୍ଟି କରି ନିଜେ ସୁବିଧାରେ ରହି ଲାଭ ଉଠାଉଛନ୍ତି। ଯୋଉଁ ମାନେ ସେମାନଙ୍କ କଥାକୁ ଅମାନ୍ୟ କରୁଛନ୍ତି ସେମାନଙ୍କୁ ପୋଲିସ ଇନଫର୍ମର ନାମରେ ନିର୍ଦ୍ଦୟ ଭାବରେ ହତ୍ୟା କରୁଛନ୍ତି ବୋଲି କହିଛନ୍ତି ପୋଲିସ ଆଗରେ। ଅନ୍ୟ ପକ୍ଷରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଥା ମାଓବାଦୀ ମାନଙ୍କ ପାଇଁ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ଥଇଥାନ ବ୍ୟବସ୍ଥାକୁ ଦେଖି ସେ ଏହି ନିଷ୍ପତି ନେଇଥିବା କହିଛନ୍ତି। ଅପରପକ୍ଷରେ ପୋଲିସ ପକ୍ଷରୁ ନିୟମିତ ଭାବରେ କୁମ୍ବିଙ୍ଗ ଅପରେସନ ଜାରି ରହିଛି ସେଥିପାଇଁ ସେ ତାଙ୍କ ଜୀବନକୁ ଅସୁରକ୍ଷିତ ମଣିବା ସହିତ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ମନସ୍ଥ କରିଛନ୍ତି। ତେଣୁ ସେ ଅନ୍ୟ ମାଓବାଦୀ ମାନଙ୍କୁ ହିଂସା ତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସମସ୍ତ ସୁବିଧା ନେବାକୁ ଆହ୍ୱାନ କରିଛନ୍ତି। କନ୍ଧମାଳ ଆରକ୍ଷୀ ଅଧିକ୍ଷକ କାନ୍ତି ମଲ୍ଲିକଙ୍କୁ ଆଜି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ସରକାରଙ୍କର ଦ୍ୱାରା ପ୍ରଦାନ କରାଯାଉଥିବା ସମସ୍ତ ଥଇଥାନ ବ୍ୟବସ୍ଥାର ଲାଭ ପାଇବା ସହିତ ସେ ଚାହିଁଲେ ତାଙ୍କୁ ସରକାରଙ୍କ ତରଫରୁ ଘର ଏବଂ ତାଙ୍କ ଜିବନ ଜୀବିକା ପାଇଁ ଆବଶ୍ୟକୀୟ ସୁବିଧା ଏବଂ ପାଠପଢା ତଥା ତାଙ୍କ ଇଚ୍ଛା ମୁତାବକ ଯେ କୌଣସି ତାଲିମ୍ ପାଇଁ ମଧ ବ୍ୟବସ୍ଥା କରିବେ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ଆହ୍ୱାନକୁ ଗ୍ରହଣ କରି ମାଓବାଦୀ ମାନେ ମୁଖ୍ୟ ସ୍ରୋତରେ ସାମିଲ ହେବାକୁ କନ୍ଧମାଳ ଆରକ୍ଷୀ ଅଧିକ୍ଷକ କହିଛନ୍ତି।

# କଳାହାଣ୍ଡି ଜିଲ୍ଲା ସିଟିଜେନ ଫୋରମର ବୈଠକ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଭବାନୀପାଟଣା,୯/୮ (ନି.ପ୍ର): କଳାହାଣ୍ଡି ଜିଲ୍ଲା ସିଟିଜେନ୍ ଫୋରମ ଭବାନୀପାଟଣାର ଡୁମୁରିଆ ଗ୍ରାମପଚାଂୟତ ଠାରେ ବୈଠକ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଲୋକ ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କିପରି ଫୋରମ ମାଧ୍ୟମରେ କରାଯିବ ଓ ସରକାରୀ ଯୋଜନାକୁ ସଫଳ ଭାବରେ ପାଇ ପାରିବେ, ନିଜ ହକ୍ ପାଇପାରିବେ, ସମସ୍ତଙ୍କ ଅଧିକାର ସମସ୍ତେ ପାଇପାରିବେ, ଠିକ୍ ଭାବରେ ନାର୍ଯ୍ୟଦାବୀ ପୂରଣ କରିବା, ମନୁଷ୍ୟର ଆଚରଣକୁ ଠିକ୍ କରିବା, ବୃକ୍ଷ ରୋପଣ କରି ଅମ୍ଳଜାନ ପୂର୍ଣ୍ଣ କରିବା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା ଓ ପ୍ରମୁଖ ସମସ୍ୟାକୁ ପ୍ରଶାସନଙ୍କୁ ଫୋରମ ମାଧ୍ୟମରେ ଉପସ୍ଥାପନା କରିବାକୁ ଆଲୋଚନା ହୋଇଥିଲା।

ସେହିପରି ଡୁମୁରିଆ ଗ୍ରାମପଚାଂୟତରେ ଚାଷୀଙ୍କ ନିମନ୍ତେ ଜଳ ଯୋଗାଣ ପ୍ରୋଜେକ୍ଟ କରିବା. ଶ୍ମଶାନ ସ୍ଥାନକୁ ରାସ୍ତା, ବୃଦ୍ଧି ମାଝୀ ମୁଣ୍ଡାକୁ ପ୍ରୋଜେକ୍ଟ କରି ଚାଷକୁ ଜଳ ଯୋଗାଣ କରିବା, ବୋରଡ଼ା ଛକ ରାଜ ରାସ୍ତା ଠାରୁ ଗୁର୍ଜୁଙ୍ଗ ପର୍ଯ୍ୟନ୍ତ ରାସ୍ତାକୁ ପ୍ରଶାସନ ଶୀଘ୍ର ମରାମତି କରିବାକୁ ଦାବି ଉପସ୍ଥାପନ ନିମନ୍ତେ ନିଷ୍ପତି ନିଆଗଲା ଏବଂ ଡୁମୁରିଆ ପଚାଂୟତ ସିଟିଜନ ଫୋରମ କମିଟି ଗଠନ କରାଗଲା। ସଭାପତି ଶ୍ରୀକୃଷ୍ଣ ଚନ୍ଦ୍ର ସେଠି, ଉପ ସଭାପତି ଭଞ୍ଜ କିଶୋର ପ୍ରଧାନ, ସମ୍ପାଦକ ମନୋଜ କୁମାର ରଥ, ସହ ସମ୍ପାଦକ ବିନୋଦ ସାହୁ ଏବଂ କୋଷାଧ୍ୟକ୍ଷ ହେରେମ୍ବର ଭୋଇ ମୋନାନୀତ ହୋଇଥିଲେ ଓ ବୃକ୍ଷ ରୋପଣ କରାଯାଇଥିଲା। ଆଗାମୀ ଦିନରେ ଜିଲ୍ଲାର ସବୁ ୩୧୦ ଗ୍ରାମପଂଚାୟତରେ କମିଟି ଗଠନ କରି ଜିଲ୍ଲା ବାସୀଙ୍କ ସ୍ୱାଭିମାନକୁ ବଂଚାଇବାକୁ ହେବ। ଏହି ବୈଠକରେ ଜିଲ୍ଲା କମିଟିରୁ ରାମଚନ୍ଦ୍ର ମହାପାତ୍ର ସଭାପତି ଓ ସିମାଚଂଳ ମିଶ୍ର ସମ୍ପାଦକ ଏବଂ ସୁମନ କୁମାର ରଥ ଅଧକ୍ଷ ଚନ୍ଦ୍ରିକା ଜୈନ ମହାବିଦ୍ୟାଳୟ ଉପସ୍ଥିତ ଥିବାବେଳେ ଡୁମୁରିଆ ସରପଞ୍ଚ ସଂଜୀବ ମିଶ୍ର ସଭାପତିତ୍ୱ କରିଥିଲେ।

# ନୂଆଦିଲ୍ଲୀ ଗିଭ ଇଣ୍ଡିଆ ଓ ଉଇସ୍ ଫାଉଣ୍ଡେସନ ପକ୍ଷରୁ କୋରୋନା ଲଢ଼େଇ ପାଇଁ ସହାୟତା

କନ୍ଧମାଳ, ୮ ଅଗଷ୍ଟ (ହି.ସ.)- ଅମ୍ଳଜାନ ଆବଶ୍ୟକ କରୁଥିବା କନ୍ଧମାଳ ଜିଲ୍ଲାର ଗୁରୁତର ରୋଗୀଙ୍କୁ ତ୍ୱରିତ ଅମ୍ଳଜାନ ଯୋଗାଣ ମାଧ୍ୟମରେ ସ୍ୱାସ୍ଥ୍ୟସେବା ଭିତିଭୂମିର ଉନ୍ନତିକରଣ ପାଇଁ ଦିଲ୍ଲୀସ୍ଥିତ ଉଇସ୍ ଫାଉଣ୍ଡେସନ୍ ଏବଂ ଗିଭ୍ ଇଣ୍ଡିଆ ସହଯୋଗର ହାତ ବଢ଼ାଇଛି। ଉଭୟ ଫାଉଣ୍ଡେସନ୍ ତରଫରୁ ୪୦ଟି ଅମ୍ଳଜାନ ସାନ୍ଦ୍ରତା ଯନ୍ତ୍ର (ଅକ୍ସିଜେନ୍ କନସେଣ୍ଟ୍ରେଟର) ଆଜି ଜିଲ୍ଲାପାଳଙ୍କୁ ସ୍ଥାନୀୟ କାର୍ଯ୍ୟାଳୟରେ ପ୍ରଦାନ କରାଯାଇଛି। ଉଇସ୍ ଫାଉଣ୍ଡେସନ୍‌ର ଅର୍ଥ ଓ ପ୍ରଶାସନ ମୂଖ୍ୟ ମିଲଟନ୍ ନାୟକ ଜିଲ୍ଲାପାଳ-ତଥା-ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ଅଧକ୍ଷା ଡା. ବୃନ୍ଦା ଡି.ଙ୍କୁ ପ୍ରଦାନ କରିଥିଲେ ଏହି ଯନ୍ତ୍ରପାତି ସମୂହ। ଫାଉଣ୍ଡେସନ୍‌ର ଏହି ବଦାନ୍ୟତା ପାଇଁ ଜିଲ୍ଲାପାଳ ଧନ୍ୟବାଦ ଦେବା ସହିତ ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାର ଅନ୍ୟାନ୍ୟ ମେଡିକାଲରେ ଆବଶ୍ୟକତା ଅନୁସାରେ ରଖିବା ବ୍ୟବସ୍ଥା କରାଯିବାକୁ ନିର୍ଦ୍ଦେଶ ଦେଇଥିଲେ।

ମେଡିକାଲ ଅଧିକ୍ଷକ(ଜିଲ୍ଲା ମୂଖ୍ୟ ଚିକିତ୍ସାଳୟ) ଡ.ଅଭୟ ପଟ୍ଟନାୟକ, ଗୁଣବତା ମ୍ୟାନେଜର ଦୁଷ୍ମନ୍ତ ସୁତାର, ଆଇନଜିବୀ କ୍ଷମାସାଗର ପ୍ରଧାନ ଓ ହିତେଶ ନାୟକ, ମିହିରଚାନ୍ଦ ନାୟକ, କଞ୍ଚାମେଣ୍ଡି ସରପଂଚ ସାନୀରା ପ୍ରଧାନ, ବିଜୟ କୁମାର ସାହୁ, ଚିତରଂଜନ ପାତ୍ର, ରଂଜିତ୍ ପଣ୍ଡା, ଚନ୍ଦନ ନାଏକ, ଗିରିଶ ନାଏକ, ତାଜୁ ନାୟକ, ଶକ୍ତି ନାୟକ, ଇଶ୍ୱର ନାୟକ, ଅନୀଲ ଦିଗାଲ, ଅନ୍ୟାଗ୍ର ଦିଗାଲ ପ୍ରମୁଖ ଅନେକ ଗ୍ରାମବାସୀ ଓ କର୍ମକର୍ତା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ବିଜୁ ମହିଳା ଜନତା ଦଳର ନୂଆପଡା କମିଟି ଘୋଷଣା

ନୂଆପଡା,୯/୮ (ନି.ପ୍ର): ବିଜୁ ମହିଳା ଜନତା ଦଳ ପାଇଁ ନୂଆପଡା କମିଟିର ଘୋଷଣା କରିଛନ୍ତି ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ। ପୂର୍ବରୁ ସରସ୍ୱତୀ ବାଗଙ୍କୁ ଜିଲ୍ଲା ସଭାନେତ୍ରୀ ରୂପେ ମନୋନୀତ କରାଯାଇଥିବା ବେଳେ ସମ୍ପୂର୍ଣ୍ଣ ଟିମ ଘୋଷଣା ଏବେ କରାଯାଇଛି। ସୁଲୋଚନା ରଣା ଓ ସାମସୁନ ମିସ୍ତ୍ରା ଉପ-ସଭାପତି ରହିଥିବା ବେଳେ ଅଞ୍ଜଳୀ ସୋନି ଓ ଭୂମିସୁତା ଦଳପତିଙ୍କୁ ସାଧାରଣ ସମ୍ପାଦିକା କରାଯାଇଛି। ସେହିପରି ସମ୍ପାଦିକା ଭାବରେ ପ୍ରତିଭା ହୋତା, ଦମୟନ୍ତୀ ପ୍ରଧାନ, ଜାମଦେଇ ଦୀପ, ଭାଗବତିବେନ ପଟେଲ, ସ୍ନେହାଙ୍ଗିନୀ ଭୋଇ, କରିସ୍ମା ସଲମା, ପାଂଚାଲି ମେହେର, ଜାହାରା ବେଗମ, ସବିତା କୁମ୍ଭାର, ସୁକାନ୍ତି ନାୟକ ଓ ଐଶ୍ୱର୍ଯ୍ୟାରାଣୀ ପଣ୍ଡା ମନୋନୀତ ହୋଇଛନ୍ତି। ନବ ଘୋଷିତ ବିଜୁ ମହିଳା ଦଳର ସଦସ୍ୟା ମାନେ ଦଳ ପାଇଁ ନିଷ୍ଠାପର ଭାବରେ କାର୍ଯ୍ୟ କରିବେ ଓ ରାଜ୍ୟ ସରକାରଙ୍କ ଜନ କଲ୍ୟାଣକାରୀ କାର୍ଯ୍ୟ ସବୁକୁ ଲୋକଙ୍କ ପାଖରେ ପହଂଚାଇବା ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି।

# ବିଜେପି କୃଷକ ମୋର୍ଚ୍ଚାର କୃଷକ ସମସ୍ୟା ଉପରେ ଆଲୋଚନା

କେନ୍ଦ୍ରାପଡ଼ା,୯/୮ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କୃଷକ ମୋର୍ଚ୍ଚା ତରଫରୁ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ପାଇଁ ଏକ ବୈଠକ ଗୁଲନଗର ଠାରେ ଅନୁଷ୍ଠିତ ହୋଇ ଯାଇଛି। କୃଷକ ମୋର୍ଚ୍ଚାର ରାଜ୍ୟ ଉପ ସଭାପତି ଦୁର୍ଯ୍ୟୋଧନ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୁବନ ମୋହନ ଜେନା, ଗଗନ ବିହାରୀ ସାହୁ, ଆଇନଜୀବି ବିଭୂତି ଭୂଷଣ କର, କାନନବାଳା ଦାସ, ଅଭିମନ୍ୟୁ ଗୋଛାୟତ ପ୍ରମୁଖ ଉପସ୍ଥିତ ହୋଇ କୃଷକ ମାନଙ୍କ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ। ଜଗତପୁର-ପଟ୍ଟାମୁଣ୍ଡାଇର ମୁଖ୍ୟ କେନାଲ ପୋତି ହୋଇଯିବା ଫଳରେ ତଳ ଅଂଚଳକୁ ଜଳ ପହଁଚି ପାରୁନାହିଁ। ସେହିପରି ଶାଖା କେନାଲ କୋର, ଧୂମାତ, ଜୟକୃଷ୍ଣପୁର, ୧୧ନଂ ମୁଖ୍ୟ କେନାଲ, ଗୁଲନଗର, ଜଝାଙ୍ଗ, ଆଳିଜଙ୍ଗା, ସମଲପୁର କେନାଲ ଗୁଡିକ ସଂପୂର୍ଣ୍ଣ ପୋତି ହୋଇ ବିଲକୁ ପାଣି ପ୍ରବେଶ କରିପାରୁ ନାହିଁ। ଯାହା ଫଳରେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୟୁରିଆ ସାରର ଅଭାବୀ ବିକ୍ରି, ମଣ୍ଡି ମାନଙ୍କରେ ଚାଷୀଙ୍କୁ ଟୋକନ ଦେବାରେ ଅବ୍ୟବସ୍ଥା ପ୍ରଭୃତି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ବିଜେପି ନେତୃବୃନ୍ଦ ପ୍ରଶାସନ ପାଖରେ ଦାବି କରିଛନ୍ତି। ଏହି ସମସ୍ୟା ଗୁଡିକର ସମାଧାନ ନହେଲେ କୃଷକ ମାନେ ଆନ୍ଦୋଳାତ୍ମକ ପନ୍ଥା ଆପଣେଇବେ ବୋଲି ରାଜ୍ୟ ଉପ ସଭାପତି ଶ୍ରୀ ସାହୁ ପ୍ରକାଶ କରିଛନ୍ତି।

# ଗୋପ ରେଲ ଷ୍ଟେସନ ରାସ୍ତା ଶୋଚନୀୟ

କେନ୍ଦ୍ରାପଡ଼ା,୯/୮ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାବାସୀଙ୍କ ଦୀର୍ଘ ବର୍ଷର ଦାବି ପରେ କେନ୍ଦ୍ରାପଡାରେ ମାଲଗାଡି ଯିବା ପାଇଁ ଏକ ଲାଇନ କରାଯାଇଛି। ଏନେଇ କେନ୍ଦ୍ରାପଡା ସହର ନିକଟ ଗୋପ ଠାରେ ଏକ ଷ୍ଟେସନ ନିର୍ମାଣ ହୋଇଛି। ଗୋପ ମୁଖ୍ୟ ରାସ୍ତା ଠାରୁ ରେଲ ଷ୍ଟେସନକୁ ଯିବା ପାଇଁ ରାସ୍ତାଟି ଅତି ଶୋଚନୀୟ ହୋଇ ପଡିଛି। ଯାହା ଫଳରେ ଯାନବାହନ ସହିତ ସାଦାରଣ ଚାଲି ଯିବାକୁ ମଧ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ଫିରିଙ୍ଗିଆରେ ଭିନ୍ନକ୍ଷମମାନଙ୍କୁ ବିଭିନ୍ନ ସହାୟକ ସାମଗ୍ରୀ ବଂଟନ ମେଳା

କନ୍ଧମାଳ,୯/୮ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପରିସରରେ ଭିନ୍ନକ୍ଷମ ସାମଗ୍ରୀ ବଂଟନ ମେଳା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ କୃତ୍ରିମ ଅଙ୍ଗ ନିର୍ମାଣ ନିଗମ ଓ ଅଲିମକୋର ମିଳିତ ସହଯୋଗରେ କନ୍ଧମାଳ ଜିଲ୍ଲା ପ୍ରଶାସନର ଜରିଆରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ବେଳେ କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ଏହି ଅବସରରେ ତାଙ୍କ ସହିତ ଫିରିଙ୍ଗିଆ ପଂଚାୟତ ସମିତି ଅଧକ୍ଷ ଲାଲନନ୍ଦ ପ୍ରଧାନ, ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମୀରଞ୍ଜନ ମହନ୍ତ, ବିଜୁ ଜନତା ଦଳ ଜିଲ୍ଲା ଯୁବ ସଭାପତି ବିଷ୍ଣୁଚରଣ ମଲ୍ଲିକ ଫିରିଙ୍ଗିଆ ଗୋଷ୍ଠୀ କୋଷାଧ୍ୟକ୍ଷ ଅନୁଗ୍ରହ ସଚିନ ଯାଦେ, କେଳାପଡା ସରପଂଚ ପ୍ରେମଶିଳା ଝାଙ୍କର, ଫିରିଙ୍ଗିଆ ପଂଚାୟତ ସମିତି ସଭ୍ୟ ପ୍ରତାପ ସହୁ, ଛାତ୍ର ବିଜେଡି ଫିରିଙ୍ଗିଆ ବ୍ଲକ ସଭାପତି ହେମନ୍ତ କୁମାର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଫିରିଙ୍ଗିଆ ସମାଜିକ ସୁରକ୍ଷା ଅଧିକାରୀଣୀ ମୈତ୍ରୀ ସତପଥିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାଙ୍କ ମଧ୍ୟରେ ଡାକ୍ତର ନିବେଦିତା ପତି, ଡାକ୍ତର ଶିବରାମ ବେହେରା, ଡାକ୍ତର ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗ ଦେଇ ଭିନ୍ନକ୍ଷମ ମାନଙ୍କୁ ପ୍ରଦାନ କରାଯାଇଥିବା ସାମଗ୍ରୀଗୁଡ଼ିକର ବ୍ୟବହାର ସମ୍ପର୍କରେ ସୂଚନା ଦେଇଥିଲେ। ଏହି ମେଳାରେ ଫିରିଙ୍ଗିଆ ବ୍ଲକର ୨୪ ଟି ପଂଚାୟତର ୪୮ ଜଣ ଭିନ୍ନକ୍ଷମଙ୍କୁ ବିଭିନ୍ନ ପ୍ରକାର ସାମଗ୍ରୀ ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରୁ ୧୭ ଜଣ ହିତାଧିକାରୀଙ୍କୁ ତିନିଚକିଆ ସାଇକେଲ, ୧୧ ଜଣ ହିତାଧିକାରୀଙ୍କୁ ହୁଇଲ ଚେୟାର, ୬ ଜଣଙ୍କୁ ଶ୍ରବଣ ଯନ୍ତ୍ର , ୭ ଜଣ ହିତାଧିକାରୀଙ୍କୁ କୃତ୍ରିମ ଦାନ୍ତ, ୩ ଜଣଙ୍କୁ ଆଶା ବାଡି ଓ ୬ ଜଣ ମାନସିକ ଅନଗ୍ରସର ହିତାଧିକାରୀଙ୍କୁ ପୁସ୍ତକ କିଟ ଯୋଗଇ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ପିଏଜି ବିଜୟ କୁମାର ଦିଗାଳ ଜୟସେନ କହଁରଙ୍କ ସହ ବ୍ଲକର ସମସ୍ତ କର୍ମକର୍ତା ସହଯୋଗ କରିଥିଲେ।

# ଐତିହ୍ୟ ରେଳ ଇଞ୍ଜିନ ସ୍ଥାନାନ୍ତରକୁ ବିଭିନ୍ନ ମହଲରୁ ବିରୋଧ: କଂଗ୍ରେସର ପ୍ରତିବାଦ

ପୁରୀ,୯/୮ (ନି.ପ୍ର): ଚକ୍ରତୀର୍ଥ ରୋଡ଼ରେ ରହିଛି ଚାଣକ୍ୟ ବିଏନଆର ହୋଟେଲ। ଏହି ହୋଟେଲଟି ରେଳ ବିଭାଗ ଅଧିନରେ ରହିଥିଲା। ଏହାକୁ ଲିଜ୍ ସୂତ୍ରରେ ବିହାରର ଚାଣକ୍ୟ ହୋଟେଲ ଗ୍ରୁପ୍ ନେଇଥିଲା। ଲିଜ୍ ନେଇଥିବା ସମ୍ପତିରେ ରହିଥିବା ମୂଲ୍ୟବାନ ଜିନିଷ ସ୍ଥାନାନ୍ତର ହୋଇପାରିବ ନାହିଁ ବୋଲି ଆଇନ ରହିଛି। ଏହାକୁ ବିରୋଧ କରି ଭଏସ୍ ଅଫ କମନମ୍ୟାନର ହେକ୍ଟର ମିଶ୍ର ଏ ସମ୍ପର୍କରେ ସମୁଦ୍ରକୂଳ ଥାନାରେ ଏକ ଏତଲା ଦେଇଛନ୍ତି। ଏତଲାରେ ଦର୍ଶାଇଛନ୍ତି ଐତିହ୍ୟ ସମ୍ପନ୍ନ ବାଷ୍ପ ଚାଳିତ ରେଲଇଞ୍ଜିନ ସ୍ଥାନାନ୍ତର ହେଉଥିବା ଦେଖି ଏହି ଏତଲା ଦେଇଛନ୍ତି। ଏତଲାଟି ଚାଣକ୍ୟ ବିଏନଆରର ମ୍ୟାନେଜରଙ୍କ ବିରୋଧରେ ଦିଆଯାଇଛି। ବମ୍ବେ ନାଗପୁର ରେଲୱେ (ବିଏନଆର) ଏହି ଇଞ୍ଜିନଟିକୁ ସଂରକ୍ଷିତ ରଖିଥିଲେ। ଏହା ବିଶ୍ୱ ଐତିହ୍ୟ ସ୍ମାରକୀ ବୋଲି ଜଣାପଡ଼ିଛି। ଏହି ଇଞ୍ଜନଟିକୁ ପର୍ଯ୍ୟଟକମାନେ ଦେଖି ଆନନ୍ଦିତ ହେଉଥିଲେ। ପୁରୀର ସମ୍ପତିକୁ ଅନ୍ୟତ୍ର ସ୍ଥାନନ୍ତରକୁ ଶ୍ରୀ ମିଶ୍ର ବିରୋଧ କରିଛନ୍ତି।

ସେହିପରି ଆଜି ଯୁବ କଂଗ୍ରେସ ପକ୍ଷରୁ ରେଳ ଇଞ୍ଜିନ ସ୍ଥାନାନ୍ତରର ପ୍ରତିବାଦ କରାଯାଇଛି। ଚାଣକ୍ୟ ବିଏନଆର ହୋଟେଲ ସମ୍ମୁଖରେ ଏକାଠି ହୋଇ ଦଳୀୟ ଯୁବ କର୍ମୀ ମାନେ ଏହାର ପ୍ରତିବାଦ କରିଛନ୍ତି। ଐତିହ୍ୟନଗର ପୁରୀରୁ ଐତିହ୍ୟ ସ୍ମାରକୀକୁ ସ୍ଥାନାନ୍ତର ନକରିବା ପାଇଁ ଦାବି କରିଥିଲେ। ଯୁବ ନେତା ଆଲୋକ ଦାଶ, ଆଶୁତୋଷ ମିଶ୍ର, ରୋଷନ ଦାସ ଓ ଅନ୍ୟମାନେ ଆନ୍ଦୋଳନରେ ସାମିଲ୍ ହୋଇଥିଲେ।

# ନୂଆପଡା ଜିଲ୍ଲା ଶ୍ରମିକ ମହାସଂଘ ଗଠିତ

ନୂଆପଡ଼ା,୯/୮ (ନି.ପ୍ର): ନୂଆପଡା ଜିଲ୍ଲାର ସମସ୍ତ ରାଷ୍ଟ୍ରୀୟ, ରାଜ୍ୟ, ଜିଲ୍ଲା ଓ ସ୍ଥାନୀୟ ସ୍ତରରେ ଶ୍ରମିକ ମାନଙ୍କ ପାଇଁ କାମ କରୁଥିବା ସମସ୍ତ ଟ୍ରେଡ୍ ୟୁନିଅନର ନେତୃ ମଣ୍ଡଳୀଙ୍କ ଏକ ଜରୁରୀ ବୈଠକ ବିଶିଷ୍ଟ ଶ୍ରମିକ ନେତା ଯଦୁମଣି ପାଣିଗ୍ରାହୀଙ୍କ ଆହ୍ୱାନ କ୍ରମେ ତିଖାଲି ଡାକ ବଙ୍ଗଳା ପ୍ରାଙ୍ଗଣରେ ଅନ୍ୟତମ ବରିଷ୍ଠ ଶ୍ରମିକ ନେତା କେଶବ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଶ୍ରମିକ ଅଧିକାର ମଂଚ, ଭାରତୀୟ ମଜଦୂର ସଙ୍ଘ, ଓଡିଶା କୋଠାବାଡ଼ି ମଜଦୂର ସଙ୍ଘ, ନୂଆପଡା ଜିଲ୍ଲା ଶ୍ରମିକ ବିକାଶ ସଙ୍ଘ, ଓଡିଶା କୃଷି ଗ୍ରାମୀଣ ମଜଦୂର ସଙ୍ଘ, ଚାଷୀ ମୂଲିଆ ସଙ୍ଘ, ଓଡିଶା ନିର୍ମାଣ ସଙ୍ଘ, ଓଡିଶା ନିର୍ମାଣ ମଜଦୂର ସଙ୍ଘ, ଏନ ଏଫ ଆଇ ଟି ୟୁ, ଆଇ ଏନ ଟି ୟୁ ସି, ବିଜୁ ଶ୍ରମିକ ସମ୍ମୁଖ୍ୟ ଓ ଅନ୍ୟାନ୍ୟ ପ୍ରମୁଖ ଶ୍ରମିକ ସଂଗଠନର କର୍ମକର୍ତା ସାମିଲ ହୋଇଥିଲେ। ମହାସଂଘର ଆଶ୍ୟକତା, ଭବିଷ୍ୟତ ସଂଗଠନାତ୍ମକ ଓ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଉପରେ ଶ୍ରମିକ ନେତା ଶୁକ୍ଳାମ୍ବର ନିଆଲ, ଘନଶ୍ୟାମ ଭିତରିଆ, ପ୍ରଦୀପ କୁମାର ଦଣ୍ଡସେନା, ଭକ୍ତବନ୍ଧୁ ଧରୁଆ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ନୂଆପଡା ଜିଲ୍ଲାକୁ ଦାଦାନମୁକ୍ତ ଓ ନିର୍ମାଣ ଶ୍ରମିକ ମାନଙ୍କୁ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଥିବା ସମସ୍ତ ସୁବିଧା ସୁଯୋଗକୁ ଶ୍ରମିକ ମାନଙ୍କ ପାଖକୁ ପହଂଚେଇବା, ଜିଲ୍ଲା ଶ୍ରମ କାର୍ଯ୍ୟାଳୟକୁ ତୁରନ୍ତ ଜିଲ୍ଲା ସଦର ମହକୁମାକୁ ସ୍ଥାନାନ୍ତର କରିବା, ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଖାଲିଥିବା ବିଭିନ୍ନ ପଦ ପଦବୀ ତୁରନ୍ତ ପୂରାଣ କରିବା, କୋଭିଡ ସହାୟତା ରାଶି ପାଇ ନ ଥିବା ହିତାଧିକାରୀଙ୍କୁ ତୁରନ୍ତ ପ୍ରଦାନ କରିବା ଉପରେ ଚର୍ଚ୍ଚା ହୋଇ ଦାବିପତ୍ର ପ୍ରସ୍ତୁତ କରି ସରକାରକୁ ଆସନ୍ତା କାଲି ଜିଲ୍ଲାପାଳଙ୍କ ଜରିଆରେ ଦେବା ପାଇଁ ନିଷ୍ପତି ହୋଇଥିଲା। ସର୍ବସମ୍ମତି କ୍ରମେ ବିଶିଷ୍ଟ ଶ୍ରମିକ ନେତା ଯଦୁମଣି ପାଣିଗ୍ରାହୀଙ୍କୁ ନୂତନ ଗଠିତ ନୂଆପଡା ଜିଲ୍ଲା ଶ୍ରମିକ ମହାସଙ୍ଘର ଆବାହକ ରୂପେ ମନୋନୀତ କରାଗଲା। ପ୍ରତ୍ୟେକ ଶ୍ରମିକ ସଂଗଠନରୁ ଦୁଇ ଜଣ ଲେଖାଏଁ କର୍ମକର୍ତାଙ୍କୁ ନେଇ ମହାସଙ୍ଘର କୋର୍ କମିଟି ଗଠନ କରା ଗଲା ଓ ଆଗାମୀ ଦିନରେ ତନ୍ମଧ୍ୟରୁ କର୍ମକର୍ତା ଚୟନ କରାଯିବା ପାଇଁ ସର୍ବ ସମ୍ମତି ନିଷ୍ପତି ନିଆଗଲା। ଶ୍ରୀମାନ ପାଣିଗ୍ରାହୀ ଏହି ସଭାରେ ଆଗାମୀ ଦିନରେ ଶ୍ରମିକ ସମସ୍ୟା ସମାଧାନ ପାଇଁ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ପ୍ରକାଶ କରିବା ସହିତ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ସଭାକୁ ସଫଳ କରିବା ପାଇଁ ବ୍ୟବସ୍ଥା ଓ ପରିଚାଳନା ରେ ସର୍ବଶ୍ରୀ ଜ୍ଞାନେଶ୍ୱର ବାଗ, ଅନିରୁଦ୍ଧ ନାଗ, ଦିବ୍ୟରଞ୍ଜନ ବୈଠାରୁ, କୁଞ୍ଜ ବିହାରୀ କଟା, ଜ୍ଞାନରଞ୍ଜନ ସାହୁ, ପ୍ରେମଲାଲ ନାୟକ, ଧର୍ମୁ ନାୟକ, ଧନେଶ୍ୱର ସୁନାରୀ, ଧନେଶ୍ୱର ନିଆଲ, ସନ୍ତୋଷ ବିଶି, ସତ୍ୟବାନ କଟା, କୋଦଣ୍ଡ ରାଉତରାୟ, ଟିକେରାମ ମଝି, ଦ୍ୱେସିଂ ମଝି, ଚୈତନ୍ୟ ମାଝୀ, ପୁସ୍ତମ୍ ମଶ୍ରା, ମାନଭଞ୍ଜନ ବଘେଲ, ଚୈତନ୍ୟ ତାଣ୍ଡି, ଜ୍ୟୋତି ପ୍ରକାଶ ବିଶି, ସୁବାସ ମାଝୀ, ଭରତ ମାଝୀ ପ୍ରମୁଖ ସହଯୋଗ କରିଥିଲେ। ସର୍ବଶେଷରେ ଶ୍ରମିକ ନେତା ପ୍ରଦୀପ କୁମାର ଦଣ୍ଡସେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ ପରେ ସଭା ସାଙ୍ଗ କରାଯାଇଥିଲା।

# ଖରସ୍ରୋତା ଜଳ ଆଦାନିକୁ ଦେବା ବନ୍ଦ କର ଓ ପୋଲିସ ଛାଉଣୀ ପ୍ରତ୍ୟାହାର କର- ମିଳିତ ବିରୋଧୀ ଦଳ

କେନ୍ଦ୍ରାପଡ଼ା,୯/୮ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ଜୀବନରେଖା ଖରସ୍ରୋତାର ଜଳକୁ ରାଜ୍ୟ ସରକାର ଚଂଚକତା କରି ଭଦ୍ରକ ଜିଲ୍ଲାବାସୀଙ୍କ ପାଇଁ ଦେବା ନାଁରେ ଆଦାନୀ ର ଶିଳ୍ପ ସଂସ୍ଥାକୁ ଜଳ ଯୋଗାଇବା ପାଇଁ ଯେଉଁ ମସୁଧା କରିଛନ୍ତି ଦୀର୍ଘଦିନ ଧରି ରାଜକନିକା ଆଳି ସମେତ ଜିଲ୍ଲାର ଜନ ସାଧାରଣ ତୀବ୍ର ବିରୋଧ କରି ଆସୁଛନ୍ତି। ପ୍ରକାଶ ଥାଉକି, ଦୀର୍ଘ ୨ବର୍ଷ ହେଲା ଖରସ୍ରୋତା ପାଣିକୁ ସ୍ଥାନାନ୍ତର ନକରିବା ପାଇଁ ବ୍ୟାପକ ଆନ୍ଦୋଳନ ଚାଲୁ ରହିଛି। ଜିଲ୍ଲାରେ ଜଳ ସଂକଟ ଥିବାବେଳେ ଖରସ୍ରୋତାର ପ୍ରବାହିତ ଜଳକୁ ଜିଲ୍ଲାବାସୀଙ୍କର ବିକାଶ ଓ ବ୍ୟବହାର ପାଇଁ କୌଣସି ମାଷ୍ଟର ପ୍ଲାନ ନଥିବାବେଳେ ରାଜ୍ୟ ସରକାର ଅନ୍ୟାୟ ଭାବେ ଯେଉଁଭଳି ଆଦାନୀକୁ ଦେବାପାଇଁ ମସୁଧା କରୁଛନ୍ତି ତାହା ଜିଲ୍ଲାବାସୀଙ୍କ ସଂକଟକୁ ଆହୁରି ତୀବ୍ର କରିଦେବ। ଖରସ୍ରୋତାର ମଧୁର ଜଳ ଚାଲିଗଲା ପରେ ସମୁଦ୍ରର ଲୁଣାପାଣି ଆଳି କନିକାର ଉପର ମୁଣ୍ଡକୁ ଚାଲି ଆସିବ। ଯାହାଫଳରେ କି ସଂପୂର୍ଣ୍ଣ ଆଳି କନିକା ଲୁଣା ଅଂଚଳରେ ପରିଣତ ହେବ। ଅନ୍ୟ ପକ୍ଷରେ ମଧୁର ଜଳ କମିଗଲେ ଭିତରକନିକା ହେନ୍ତାଳ ବଣ ଉପରେ ତାର କି ପ୍ରଭାବ ପଡିବ ତାହା ମଧ ଚିନ୍ତା କରିବାରେ ଅଛି। କୌଣସି ଚିନ୍ତା ନକରି ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ତଥା କଥିତ ବିକାଶ ନାଁରେ ବିନାଶକୁ ଡାକି ଆଣିବେ। ଏଣୁ ଏହି ଭୁଲ ନିଷ୍ପତିରୁ ଓହରିବା ସହିତ ଖରସ୍ରୋତା ନଦୀରୁ ଜୋର ଜବରଦସ୍ତ ପାଣି ନେବାପାଇଁ ପୋଲିସ ଛାଉଣୀ କରିବା, ମାଇକ ଏବଂ ଗାଡିକୁ ପ୍ରଶାସନ ସିଜ୍ କରିବାକୁ ଭାରତୀୟ ଜାତୀୟ କଂଗ୍ରେସ, ସିପିଆଇ(ଏମ୍), ସିପିଆଇ, ସିପିଆଇ (ଏମ୍.ଏଲ୍) ଲିବେରେସନ କେନ୍ଦ୍ରାପଡା ଜିଲ୍ଲା ପକ୍ଷରୁ ମିଳିତ ଭାବେ ତୀବ୍ର ନିନ୍ଦା କରାଯାଉଛି। ଭାରତୀୟ ଜାତୀୟ କଂଗ୍ରେସର ଜିଲ୍ଲା ସଭାପତି ଅଂଶୁମାନ ମହାନ୍ତି, ସିପିଆଇ(ଏମ)ର ଜିଲ୍ଲା ସଂପାଦକ ଗୟାଧର ଧଳ, ସିପିଆଇର ଜିଲ୍ଲା ସଂପାଦକ ରମଣୀ ରଞ୍ଜନ ରାଉତରାୟ, ସିପିଆଇ (ଏମ୍.ଏଲ୍) ଲିବେରେସନ ର ଜିଲ୍ଲା ସଂପାଦକ ବିଧାନ ଦାସ ଏହାକୁ ତୀବ୍ର ନିନ୍ଦା କରିଛନ୍ତି। ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ଏହି ଜନ ବିରୋଧୀ ନିଷ୍ପତିରୁ ଓହରିବା ପାଇଁ ଦୃଢ ଦାବି ଜଣାଇଛନ୍ତି। ତା ସହିତ ପୋଲିସ ଛାଉଣୀ ପ୍ରତ୍ୟାହାର କରିବା ଓ ସିଜ୍ ହୋଇଥିବା ମାଇକ ଓ ଗାଡିକୁ ତୁରନ୍ତ ଫେରାଇବାକୁ ଦାବି କରିଛନ୍ତି।

## ମୂଳାର ଉପକାରିତା

**ଶୀତ ଋତୁରେ ସମସ୍ତଙ୍କ ରୋଷେଇ ଘରେ କିଛି ଥାଉ କି ନଥାଉ ମୂଳା ନିଶ୍ଚିତ ଥାଏ । ସାଧାରଣତଃ ଶୀତ ଋତୁରେ ମୂଳା ଖାଇବା ସ୍ୱାସ୍ଥ୍ୟପ୍ରତି ବେଶ୍ ଲାଭବାନ ହୋଇଥାଏ । ତେବେ ମୂଳା ଖାଇବା ଦ୍ୱାରା ଆମ ସ୍ୱାସ୍ଥ୍ୟକୁ କ'ଣ ଲାଭ ମିଳିଥାଏ ଆସନ୍ତୁ ଜାଣିବା ।**



**ଥଣ୍ଡା ଓ କାଶରୁ ବଞ୍ଚାଏ:-** ସାଧାରଣତଃ ଶୀତ ଋତୁରେ ସମସ୍ତଙ୍କୁ ଥଣ୍ଡା ଓ କାଶ ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ । ଏଥିରେ ଆଣ୍ଟି - କଞ୍ଜେଷ୍ଟିଭ୍ ଗୁଣ ଥାଏ ଯାହା ଗଳାର କଫ ସଫା କରିବାରେ ସହାୟକ ହୋଇଥାଏ ।

**ରକ୍ତଚାପ ନିୟନ୍ତ୍ରଣ କରେ:-** ମୂଳା ଶରୀରର ସୋଡ଼ିୟମ ପୋଟାସିୟମ ସନ୍ତୁଳନକୁ ନିୟନ୍ତ୍ରଣ କରି ରକ୍ତଚାପକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରେ । ଏଥିସହ ଉଚ୍ଚ ରକ୍ତଚାପକୁ ମଧ୍ୟ ନିୟନ୍ତ୍ରଣ କରିଥାଏ ।

**ଚର୍ମକୁ ସୁସ୍ଥ ରଖେ:-** ମୂଳାରେ ସବୁ ପ୍ରକାରର ଭିଟାମିନ ରହିବା ସହିତ ଏଥିରେ ଫସ୍‌ଫରସ୍ ରହିଥାଏ, ଯାହା ଆମ ଚର୍ମର ଶୁଷ୍କପଣ ଏବଂ ଚର୍ମ ଫାଟିବାରୁ ରକ୍ଷା କରିଥାଏ । ଏଥିସହ ମୂଳାରେ ଅଧିକ ପରିମାଣରେ ପାଣି ରହିଥାଏ ଯାହା ତ୍ୱଚାକୁ ଉଜ୍ଜ୍ୱଳପଣ ଦେଇଥାଏ ।

ସେଥିପାଇଁ ପ୍ରତିଦିନ ମୂଳା ଖାଇବା ଉଚିତ୍ ।

**ମଧୁମେହ ନିୟନ୍ତ୍ରଣ କରେ:-** ମୂଳାରେ ଥିବା ପ୍ରଚୁର ପରିମାଣର ଫାଇବର ଶରୀରର ମଧୁମେହକୁ ନିୟନ୍ତ୍ରଣ କରିଥାଏ । ସେଥିପାଇଁ ଯେଉଁମାନେ ମଧୁମେହ ରୋଗରେ ପୀଡ଼ିତ ସେମାନେ ପ୍ରତିଦିନ ମୂଳା ଖାଇବା ଆବଶ୍ୟକ ।

**ଭୋକ ବଢ଼ାଇଥାଏ:** ଯଦି କାହାକୁ ଭୋକ ଲାଗୁନଥିବାର ସମସ୍ୟା ଥାଏ ତାଙ୍କୁ ମୂଳା ରସ ସହ ଅଦା ରସ ମିଶାଇ ପିଇବାକୁ ଦିଅନ୍ତୁ । ଏହା କରିବା ଦ୍ୱାରା ଭୋକ କଲାଗିବା ସହ ପେଟ ଜନିତ ରୋଗ ମଧ ଭଲ ହୋଇଥାଏ ।



## ଏମ୍ବ୍ରୋଡରୀ ଫୁଟ୍ ୱେୟାର








ପାର୍ଟିକିମ୍ବା ମ୍ୟାରେଜ୍ ଫଙ୍କସନ୍‌ରେ ଝିଅ ତଥା ମହିଳା ମାନେ ନିଜକୁ ଷ୍ଟାଇଲିସ୍ ଲୁକ୍ ଦେବା ପାଇଁ ପୋଷାକ ଏବଂ ଜୋତା ପ୍ରତି ବିଶେଷ ଧ୍ୟାନ ଦେଇଥାନ୍ତି । କୌଣସି ଫଙ୍କସନରେ ଯଦି ଫୁଟ୍‌ୱେୟାର ବା ଜୋତା ସୁନ୍ଦର ନ ହୋଇଥାଏ, ତେବେ ତାହା ପୁରା ଲୁକ୍‌କୁ ବିଗାଡ଼ି ଦେଇଥାଏ । ସାଧାରଣତଃ ଝିଅମାନେ ଏମ୍ବ୍ରୋଡେରୀ ଆଉଟପିଟ୍ ପିନ୍ଧିବାକୁ ପସନ୍ଦ କରିଥାଏ । ନିକଟରେ ଏହି ଏମ୍ଵୋଡୋରୀ ଲୁକ୍ ଫୁଟୱେୟାରରେ ମଧ ନଜର ଆସିଲାଣି । ଏହି ଲମ୍ବ୍ରୋଡୋରୀ ଫୁଟ ୱେୟାରରଟ୍ରେଣ୍ଡି ଏବଂ ଷ୍ଟାଇଲିସ୍ ହେବ । ସହ ଏହା ପିନ୍ଧିବାକୁ ବେଶ୍ ଆରାମଦାୟକ । ଏମ୍ବ୍ରୋଡୋରୀ ଫୁଟୱେୟାର ସବୁ ପ୍ରକାର ଡ୍ରେସ୍ ଏବଂ ଶାଢ଼ୀରେ ସୁନ୍ଦର ଲାଗିଥାଏ । ଏହି ପ୍ରକାରର ଫୁଟ୍‌ୱେୟାର ଝିଅଙ୍କ ସହ ମହିଳାଙ୍କୁ ମଧ ଏକ ନିଆରା ଲୁକ୍ ଦେଇଥାଏ ।

## ଯୋଗଦ୍ୱାରା ସାଇନସର ଉପଚାର

**ସାଇନସ ହେଉଛି ନାକ ସମ୍ବନ୍ଧିତ ଏକ ସମସ୍ୟା । ଏହି ସମସ୍ୟା ଥଣ୍ଡା ପାଗରେ ଅଧିକ ହୋଇଥାଏ । ନାକ ବନ୍ଦ ହେବା, ମୁଣ୍ଡ ଓ ଅଧକପାଳୀ ବିନ୍ଧା ପରି ସମସ୍ୟା ହୋଇଥାଏ ନାକରୁ ପାଣି ବାହାରିଯିବା ଆଦି ଏହାର ପ୍ରମୁଖ ଲକ୍ଷଣ । ଏହା ବ୍ୟତୀତ ହାଲୁକା ଜ୍ୱର, ଆଖି ପଲକରେ ଯନ୍ତ୍ରଣା ହେବା, ଅବସାଦ କାରଣରୁ ଚେହେରା ଫୁଲିଯିବା । ଆଗାମୀ ଦିନରେ ଏହି ରୋଗ ଆଜମା, ଦମା ପରି ଗଭୀର ବେମାରୀରେ ପରିଣତ ହୁଏ । କିନ୍ତୁ ଯୋଗ ଦ୍ୱାରା ଏହି ରୋଗରୁ ମୁକ୍ତି ପାଇହେବ ।**



**ସୂର୍ଯ୍ୟନମସ୍କାର:** ସୂର୍ଯ୍ୟ ନମସ୍କାର ସବୁ ଆସନ ମଧ୍ୟରେ ମୁଖ୍ୟ ଆସନ ବୋଲି ବିଚାର କରାଯାଏ । ଏହାଦ୍ୱାରା ସାଇନସ ସମସ୍ୟାରୁ ମୁକ୍ତି ମିଳିଥାଏ । ପ୍ରତ୍ୟହ ଏହି ଆସନ କରିବା ଦ୍ୱାରା ଶରୀରକୁ ଉର୍ଜା ମିଳିବା






ସହ ଭିଟାମିନ ଡି ମଧ ମିଳିଥାଏ । ୧୨ ମୁଦ୍ରା ବିଶିଷ୍ଟ ଏହି ଆସନ ସାଇନସରୁ ମୁକ୍ତି ଦେବା ସହ ଅବସାଦକୁ କମ କରି ଓଜନ ହ୍ରାସ କରିଥାଏ ।

**ପର୍ଶ୍ଚିମୋତ୍ତାନାସନ:** ଏହି ଆସନ କରିବା ବହୁତ ସହଜ । ଏହା କରିବା ସମୟରେ କ୍ଳାନ୍ତି ଲାଗେ ନାହିଁ । ଏହା ସାଇନସ ସହ ଅନିଦ୍ରାର ଉପଚାର ପାଇଁ ମଧ ସାହାଯ୍ୟ କରିଥାଏ । ଏହି ଆସନ କରିବା ପାଇଁ ପ୍ରଥମେ ଆପଣ ସିଧା ବସନ୍ତୁ ଓ ଦୁଇ ପାଦକୁ ସିଧା ଯୋଡ଼ି ରଖି ଦୁଇ ହାତକୁ ଉପରକୁ ଉଠାନ୍ତୁ ଓ ଅଣ୍ଟା ସିଧା ରଖନ୍ତୁ । ଏହାପରେ ଦୁଇପାଦର ଆଙ୍ଗୁଠିକୁ ହାତରେ ଛୁଇଁବାକୁ ଚେଷ୍ଟା କରନ୍ତୁ । ଧ୍ୟାନ ରଖିବେ ଏହି ସମୟରେ ଆଣ୍ଠୁ ଯେପରି ମୋଡ଼ି ହୋଇ ନରୁହେ । ଏହା ସହ ପାଦ ମଧ ଭୂମିରୁ ଉପରକୁ ଉଠାଇବେ ନାହିଁ ।

**ଉତ୍ତାନାସନ:** ଏହି ଯୋଗାସନ ମଧ ସାଇନସରୁ ଆରାମ ଦେବାରେ ସହାୟକ ହୋଇଥାଏ । ଏହାସହ ଶ୍ୱାସକ୍ରିୟା ସମ୍ବନ୍ଧିତ ଅନ୍ୟ ବେମାରୀରୁ ମଧ ଉପଶମ ମିଳିଥାଏ । ଏହି ଆସନ ଆପଣଙ୍କ ମୁଣ୍ଡକୁ ତାଜା ରଖିଥାଏ । ଉତ୍ତାନାସନ କରିବା ପାଇଁ ପ୍ରଥମେ ଆପଣ ସିଧା ଠିଆ ହୁଅନ୍ତୁ । ଲମ୍ବା ନିଶ୍ୱାସ ନେଇ ଦୁଇ ହାତ ଉପରକୁ କରୀନ୍ତୁ ଏହାପରେ ଆଗକୁ ନଇଁ ଦୁଇହାତରେ ଭୂମିକୁ ଛୁଅନ୍ତୁ । ଏହି ସମୟରେ ଆଣ୍ଠୁକୁ ଆଦୌ ମୋଡ଼ନ୍ତୁ ନାହିଁ । କିଛି ସମୟ ଏପରି ମୁଦ୍ରାରେ ରହିବା ପରେ ହାତକୁ ପୁନଃ ଉପରକୁ କରନ୍ତୁ ଓ ନିଶ୍ୱାସ ଛାଡ଼ି ସମାନ୍ୟ ଅବସ୍ଥାରେ ଛିଡ଼ା ହୋଇଯାଆନ୍ତୁ ।

## ଭୋକ ଲାଗୁଥିଲେ ଖାଆନ୍ତୁ

ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଭୋକ ନଲାଗି ମଧ୍ୟ କିଛି ନା କିଛି ଖାଇବାର ଅଭ୍ୟାସ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହୋଇପାରେ । ଶିକାଗୋର ଇଲିନୋଇଟସ ୟୁନିଭରସିଟିର ରିପୋର୍ଟ ଅନୁସାରେ, ଭୋକ ହେଉନଥିବା ବେଳେ ଖାଦ୍ୟ ଗ୍ରହଣ କରିବା ଠିକ ନୁହେଁ । ବୈଜ୍ଞାନିକଙ୍କ କହିବାନୁସାରେ, ଯେତେବେଳେ ଭୋକ ଲାଗିବ ସେତିକି ବେଳେ ଖାଦ୍ୟ ପାଖକୁ ଯିବା ଦରକାର । ଏଭଳି କଲେ ଶରୀରର ରକ୍ତ ଶର୍କରା ସ୍ତର ସାମାନ୍ୟ ରହିବ ଓ ସ୍ୱାସ୍ଥ୍ୟ ବି ଭଲ ରହିବ ।

## ପେପ୍ଲମ୍ କୁର୍ତ୍ତା

**କୁର୍ତ୍ତା ସବୁଠାରୁ କମ୍‌ଫଟେବଲ୍ ଆଉଟ୍ ଫିଟଟା ପେପ୍ଲମ୍ କୁର୍ତ୍ତା ହେଉଛି ସେମିତି ଏକ କୁର୍ତ୍ତା, ଯାହା ଧୋତି ପ୍ୟାଣ୍ଟ ହେଉ କିମ୍ବା ପ୍ଲାଜୋ ଅବା ୱାଇଡ୍ - ଲେଗ୍ ପ୍ୟାଣ୍ଟ ଇତ୍ୟାଦି ସହ ପରଫେକ୍ଟ ମ୍ୟାଚ୍ କରିଥାଏ । ସେହିପରି ଏ ଷ୍ଟାଇଲର କୁର୍ତ୍ତାକୁ କାଜୁଆଲ୍ ଆଉଟିଂ ହେଉ ଅବା ପାର୍ଟି, ଫଙ୍କସନ୍ କିମ୍ବା ଅଫିସ ସବୁ କ୍ଷେତ୍ରରେ ପିନ୍ଧିହୁଏ । ସେମିତି କୋଡୋଟି ଷ୍ଟାଇଲିଶ୍ ଡିଜାଇନର ପେପ୍ଲମ୍ କୁର୍ତ୍ତା**



**ଏମ୍ବେଲିଶ୍‌ଡ ପେପ୍ଲମ କୁର୍ତ୍ତା :** ଯଦି ଆପଣ କୌଣସି ବିବାହ ଉତ୍ସବରେ ଯୋଗଦେବା ପାଇଁ ଯାଉଥାନ୍ତି, ତାହେଲେ ଏ ଷ୍ଟାଇଲର ପେପ୍ଲମ କୁର୍ତ୍ତାକୁ ଟ୍ରାଇ କରିପାରିବେ । ସେହିପରି ଆପଣ ଚାହିଁଲେ ଏହା ସହିତ ଦୁପଟ୍ଟା ମଧ୍ୟ କ୍ୟାରି କରିପାରିବେ ।

**ପୋଲ୍‌କା ଡଟ୍ ପେପ୍ଲମ କୁର୍ତ୍ତା :** ପୋଲକା ଡଟ୍ ଥିବା ଯେକୌଣସି ଆଉଟଫିଟ୍ ପିନ୍ଧିଲେ ଫ୍ୟାଶନେବଲ୍ ଲୁକ୍ ମିଳିଥାଏ । ଆଉ ଖାସ କରି ପୋଲକା ଡଟ୍ ପେପ୍ଲମ କୁର୍ତ୍ତା ସିମ୍ପଲ୍ ଲୁକକୁ ବି ଷ୍ଟାଇଲିଶ୍ କରିଦିଏ । ସେହିପରି ପ୍ଲାଜୋ ସହିତ ଏ ଷ୍ଟାଇଲର କୁର୍ତ୍ତା ପରଫେକ୍ଟ ମ୍ୟାଚ କରିଥାଏ ।

**ଫୁଲ୍ ସ୍ଲିଭସ୍ ପ୍ରିଣ୍ଟେଡ୍ ପେପ୍ଲମ କୁର୍ତ୍ତା :** ଆପଣଙ୍କର ଯଦି କାଜୁଆଲ୍ ଲୁକ ପସନ୍ଦ ତାହେଲେ ଧୋତି ପ୍ୟାଣ୍ଟ ସହ ଫୁଲ ସ୍ଲିଭସ ବାଲା ପ୍ରିଣ୍ଟେଡ୍ ପେପ୍ଲମ କୁର୍ତ୍ତା ଟ୍ରାଏ କରନ୍ତୁ । ଦେଖିବେ ବେଶ୍ ମାନିବ । ତା ସାଂଗକୁ ଯଦି ଆପଣ ହିଲ ପିନ୍ଧିବେ ଲୁକ୍ ଆହୁରି ଆକର୍ଷଣୀୟ ଲାଗିବ ।

**ଏମ୍ବ୍ରୋଏଡ୍ ପେପ୍ଲମ କୁର୍ତ୍ତା :** କ୍ଲାସି ଲୁକ ପାଇଁ ଏହି ଷ୍ଟାଇଲ୍ର କୁର୍ତ୍ତାକୁ ଟ୍ରାଏ କରିପାରିବେ । ଖାସ କରି ପ୍ରିଣ୍ଟେଡ୍ ଲଂଗ ସ୍କର୍ଟ ସହ ଏହି କୁର୍ତ୍ତାକୁ ପିନ୍ଧିଲେ ଆକର୍ଷଣୀୟ ଲୁକ ମିଳିଥାଏ । ଆଉଟିଂରେ ଗଲା ବେଳେ ଏହି ଷ୍ଟାଇଲକୁ ଫଲୋ କଲେ ଖୁବ ସୁନ୍ଦର ଦେଖାଯାଇଥାଏ ।

**ବର୍ଡର ଥିବା ପେପ୍ଲମ କୁର୍ତ୍ତା :** ବର୍ଡ଼ର ଥିବା କୁର୍ତ୍ତାର ଡିମାଣ୍ଡ ସବୁବେଳେ ରହିଆସିଛି । ବିଶେଷକରି ବର୍ଡ଼ର ଥିବା ପେପ୍ଲମ କୁର୍ତ୍ତା ସହ ପଟିଆଲା ପ୍ୟାଣ୍ଟକୁ ମ୍ୟାଚ କରି ପିନ୍ଧିଲେ ଟ୍ରେଡି



ଲୁକ ମିଳିଥାଏ ।

**ହେଭି ୱାର୍କ ବାଲା ପେପ୍ଲମ କୁର୍ତ୍ତା :** ପାର୍ଟି, ଫଙ୍କସନ୍ ପାଇଁ ୱାର୍କ ବାଲା ପେପ୍ଲମ କୁର୍ତ୍ତା ଟ୍ରାଏ କରନ୍ତୁ । ଦେଖିବେ ସୁନ୍ଦର ଦିଶିବ । ଏ ଷ୍ଟାଇଲର କୁର୍ତ୍ତା ସହ ପ୍ଲେନ୍ ପ୍ୟାଣ୍ଟ ହିଁ ଭଲ ମାନିଥାଏ ।

**ନେଟ୍ କାମବାଲା ପେପ୍ଲମ କୁର୍ତ୍ତା :** ଏବେ ମାର୍କେଟରେ ନେଟ୍ କାମ ବାଲା ପେପ୍ଲମ କୁର୍ତ୍ତା ସହ ମ୍ୟାଚିଂ କରି ନେଟ୍







କାମବାଲା ପ୍ଲେନ୍ ପ୍ୟାଣ୍ଟ ବି ମିଳୁଛି । ତା ସାଂଗକୁ ଏଥିରେ ମ୍ୟାଚିଂ ଦୁପଟା ମଧ୍ୟ ରହୁଛି । ଏହା ଦେଖିବାକୁ ଯେତିକି ଆକର୍ଷଣୀୟ ଲାଗିଥାଏ ପିନ୍ଧିବାରେ ମଧ୍ୟ ସେତିକି କମ୍ଫର୍ଟବଲ୍ ଲାଗେ । ଏହାକୁ ପାର୍ଟି, ଫଙ୍କସନକୁ ପିନ୍ଧି ଯାଇହେବ ।

## ପୁରୁଷଙ୍କୁ ମନା

ଆପଣ କେବେ ଶୁଣିଛନ୍ତି ଏମିତି ଏକ ଗାଁ ବିଷୟରେ ଯେଉଁଠି କେବଳ ମହିଳାମାନେ ହିଁ ରହିଥାନ୍ତି । ଏହି ଗ୍ରାମକୁ ପୁରୁଷ ପ୍ରବେଶ ନିଷେଧ । ଆଜ୍ଞା ହଁ ଦକ୍ଷିଣ ଆଫ୍ରିକାର କେନିଆରେ ସମ୍ବୁରୁ ନ୍ୟାସନାଲ ପାର୍କ ନିକଟରେ ରହିଛି ଏକ ଗାଁ, ଯେଉଁଠିକୁ ପୁରୁଷ ପ୍ରବେଶ ସମ୍ପୂର୍ଣ୍ଣ ଭାବେ ମନା । ଏଠାରେ କେବଳ ମହିଳାମାନେ ହିଁ ରହିଥାନ୍ତି । ଏହି ଗାଁର ମୂଳଦୁଆ ପଡ଼ିଥିଲା ୧୯୯୦ରେ ଏବଂ ଏହାକୁ ଗ୍ରାମର ମାନ୍ୟତା ଦେଇଥିଲେ



ରିବେକା ଲୋଲୋସୋଲି । ଏହି ଗାଁରେ ଏମିତି କିଛି ମହିଳା ରୁହନ୍ତି, ଯେଉଁମାନେ ବଳାତ୍କାର କିମ୍ବା ଘରୋଇ ହିଂସାର ଶିକାର ହୋଇଥାନ୍ତି । ଏହି ଗାଁରେ ଯେକୌଣସି ମହିଳା ନିଜ ଖୁସିରେ ଆସି ରହିପାରିବେ । ବହୁ ସମୟ ଏହି ଗାଁକୁ ପୁରୁଷ ପ୍ରବେଶ କରିବାକୁ ଚେଷ୍ଟା କରିଛନ୍ତି କିନ୍ତୁ ମହିଳାମାନେ ସେମାନଙ୍କୁ ତଡ଼ି ଦେଇଥାନ୍ତି । ଏଠାରେ କେବଳ ମହିଳାଙ୍କର ରାଜ୍ ଚାଲେ । ଏଠାରେ ସବୁ ବୟସର ମହିଳା ଏବଂ ଯୁବତୀ ରହିଛନ୍ତି । ଏଠାକାର ମହିଳାମାନେ ଗହଣା ପ୍ରସ୍ତୁତ କରି ବିକ୍ରି କରିଥାନ୍ତି ଏବଂ ପେଟ ପାଇଁ ଖାଦ୍ୟ ସଂଗ୍ରହ କରିଥାନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଅଲମ୍ପିକ୍ସ ଓ ଭାରତ...

ଶେଷ ହୋଇଛି କ୍ରୀଡ଼ା ମହାକୁମ୍ଭ ଟୋକିସ ଅଲିମ୍ପିକ୍ସ। ରବିବାର ଦିନ ଟୋକିଓର ଅଲିମ୍ପିକ୍ସ ଷ୍ଟାଡିୟମ୍‌ଠାରେ ଏହାର ଉଦ୍‌ଯାପନୀ ଉତ୍ସବ ରଙ୍ଗାରଙ୍ଗ ଆତସବାଜି ମଧ୍ୟରେ ଶେଷ ହୋଇଛି। ବିଶ୍ୱର ଏହି ସର୍ବବୃହତ୍ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ କରୋନା ମହାମାରୀ ଯୋଗୁଁ ଗୋଟିଏ ବର୍ଷ ଘୁଂଚିଥିଲେ ସୁଦ୍ଧା ପରିଶେଷରେ ସର୍ବଶୁଭରେ ସମାପ୍ତ ହୋଇଛି। ବିଶ୍ୱର ଶତାଧିକ ରାଷ୍ଟ୍ରର କ୍ରୀଡ଼ାବିତ୍‌ମାନେ ଏହି ପ୍ରତିଯୋଗିତାରେ ସେମାନଙ୍କର ଶ୍ରେଷ୍ଠ ନୈପୁଣ୍ୟ ପ୍ରଦର୍ଶନ କରି ଅନେକ ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ସେଥିରେ ଭାରତ ମଧ୍ୟ ସାମିଲ। ୧୨୧ ବର୍ଷର ଆଧୁନିକ ଅଲିମ୍ପିକ୍ସ କ୍ରୀଡ଼ା ଇତିହାସରେ ଭାରତ ଟୋକିଓରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଛି ଏବଂ ବିଭିନ୍ନ ବର୍ଗରେ ଭାରତୀୟ କ୍ରୀଡ଼ାବିତ୍‌ମାନେ ଗୋଟିଏ ସ୍ୱର୍ଣ୍ଣ, ଦୁଇଟି ରୌପ୍ୟ ଓ ଚାରୋଟି ରୌପ୍ୟ ଓ ଚାରୋଟି ବ୍ରୋଂଚ ପଦକ ସହ ସାତଟି ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାର ପ୍ରଥମ ଦିନ ରୌପ୍ୟ ପଦକ ଅର୍ଜନଠାରୁ ଶେଷ ଦିନ ସ୍ୱର୍ଣ୍ଣ ପଦକ ଲାଭ ଦେଶର ୧୩୫ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କ ମନରେ ଆନନ୍ଦ ଭରି ଦେଇଛି। ସେହିଭଳି ଏକାଧିକ ବିଭାଗରେ ଭାରତୀୟ କ୍ରୀଡ଼ାବିତ୍‌ମାନଙ୍କ ପ୍ରଦର୍ଶନ ଉଚ୍ଚ ମାନର ଥିଲା ବୋଲି ସଭିଁଏ ବିବେଚନା କରିଛନ୍ତି। ଜାଭେଲିନ୍ ଫିଙ୍ଗାରେ ନୀରଜ ଚୋପ୍ରାଙ୍କ ପ୍ରଦର୍ଶନକୁ ବିଶ୍ୱର ସବୁ ପ୍ରତିଯୋଗୀ ଏବଂ କୋଚ୍ ଯେଉଁଭଳି ଭାବେ ଉଚ୍ଚ ପ୍ରଶଂସା କରିଛନ୍ତି ତାହା ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ସେହିଭଳି ମହିଳା ଗଲ୍ଫର ଅଦିତି ଅଶୋକ କୌଣସି ପଦକ ଲାଭ କରିପାରିନଥିଲେ ସୁଦ୍ଧା ତାଙ୍କ ପ୍ରଦର୍ଶନକୁ ନେଇ ସମସ୍ତେ ବିସ୍ମାୟାଭିଭୂତ ହୋଇଛନ୍ତି। ପୂର୍ବରୁ ମୀରାବାଈ ଚାନୁଙ୍କ ପ୍ରଦର୍ଶନ ମଧ୍ୟ ଥିଲା ଅନୁରୂପ ଭାବେ ପ୍ରଶଂସନୀୟ। ଉଭୟ ପୁରୁଷ ଏବଂ ମହିଳା ହକିରେ ଭାରତୀୟ ଦଳଙ୍କ ପ୍ରଦର୍ଶନକୁ ଉଚ୍ଛ୍ୱସିତ ପ୍ରଶଂସା ମିଳିଛି। ତେବେ ଜନସଂଖ୍ୟା ଦୃଷ୍ଟିରୁ ବିଶ୍ୱର ଦ୍ୱିତୀୟ ବୃହତ୍ତମ ରାଷ୍ଟ୍ର ଭାବେ ଭାରତ ଯେତିକି ପଦକ ହାସଲ କରିବା କଥା ସେ ପର୍ଯ୍ୟାୟରେ ଯେ ଆମେ ପହଂଚିପାରିନାହୁଁ ସେ କଟୁସତ୍ୟକୁ ଆମକୁ ଗ୍ରହଣ କରିବାକୁ ହେବ। ଏହାକୁ ସ୍ୱୀକାରପୂର୍ବକ ଆମକୁ ଅଧିକ ଅଭ୍ୟାସ ଏବଂ ଆତ୍ମବିଶ୍ୱାସର ସହିତ ଆଗାମୀ ଦିନରେ ପ୍ରଚେଷ୍ଟା ଜାରି ରଖିବାକୁ ହେବ। ୧୯୮୦ ଦଶକରୁ ପାଶ୍ଚାତ୍ୟ ଜଗତରେ ଏହା ଏକ ସର୍ବଗ୍ରାହ୍ୟ ପ୍ରସଙ୍ଗ ହୋଇସାରିଛି ଯେ, କ୍ରୀଡ଼ା ଧୀରେ ଧୀରେ ଅଧିକ ମାତ୍ରାରେ ପାୱାର ଗେମ୍ ହୋଇଚାଲିଥିବାବେଳେ ଏଥିରେ ନୂଆ ନୂଆ ଟେକନିକ୍ ପ୍ରୟୋଗ ହେଉଛି; ଯାହାକି ଅତି ସୂକ୍ଷ୍ମ ବୈଜ୍ଞାନିକ ସୂତ୍ର ଉପରେ ଆଧାରିତ। କହିବା ବାହୁଲ, ଭାରତର ଜାତୀୟ କ୍ରୀଡ଼ା ହକି ଢ଼େର୍ ପୂର୍ବରୁ ପାଶ୍ଚାତ୍ୟକରଣ ହୋଇସାରିଛି। ଅର୍ଥାତ, ନିୟମକୁ ବଦଳାଯିବା ସହିତ ଅଷ୍ଟ୍ରୋଟର୍ଫର ବ୍ୟବହାର ଏହାର ପାରମ୍ପରିକତାରେ ପୂର୍ଣ୍ଣଚ୍ଛେଦ ପକାଇ ଦେଇଛି। ୧୯୮୦ ଦଶକରେ ଯେତେବଳେ ଭାରତରେ ପ୍ରଥମେ ଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମରେ ଅଷ୍ଟ୍ରୋଟର୍ଫ ପକାଯାଇଥିଲା ତା'ର ଢ଼େର ପୂର୍ବରୁ ଜର୍ମାନୀ, ନେଦରଲାଣ୍ଡସ୍, ବ୍ରିଟେନ୍, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡର ବିଭିନ୍ନ ଷ୍ଟାଡିଅମରେ ସେଭଳି ଟର୍ଫ ବିଛା ଯାଇସାରିଥିଲା। ଏବେ ଅବଶ୍ୟ ସେ ସମସ୍ୟା ଭାରତ ପାଇଁନାହିଁ। ସେହିଭଳି ପ୍ରତି କ୍ରୀଡ଼ାରେ ଯେଉଁ ନୂଆ ନୂଆ ଟେକନିକ୍‌ମାନେ ପ୍ରୟୋଗ କରାଯାଉଛି ତାହାର ଆହରଣ ନିମନ୍ତେ ଭାରତକୁ ବିଦେଶୀ କୋଚ୍‌ଙ୍କ ଉପରେ ହିଁ ନିର୍ଭର କରିବାକୁ ପଡୁଛି। ଏକଥା ସ୍ୱୀକାର୍ଯ୍ୟ ଯେ, ଗତ କେଇ ଦଶନ୍ଧି ମଧ୍ୟରେ ଭାରତରେ କ୍ରୀଡ଼ା କ୍ଷେତ୍ରରେ ଯଥେଷ୍ଟ ବିକାଶ ଘଟିଛି। ଆଗକୁ ମଧ୍ୟ ଆହୁରି ଘଟିବା ଦରକାର। ତା'ହେଲେ ଆମର କ୍ରୀଡ଼ାବିତ୍‌ମାନେ ବିଶ୍ୱ ସ୍ତରରେ ସେମାନଙ୍କର ନୈପୁଣ୍ୟ ପ୍ରଦର୍ଶନ କରିପାରିବେ। ସିଓଲ୍ ଅଲମ୍ପିକ୍ସ ପୂର୍ବରୁ ଦକ୍ଷିଣ କୋରିଆର ରାଷ୍ଟ୍ରପତି କହିଥିଲେ, ଅଲିମ୍ପିକ୍ସ କ୍ରୀଡ଼ାର ଆୟୋଜନ ପରେ ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ଆମ ଦେଶର କ୍ରୀଡ଼ାବିତ୍‌ମାନଙ୍କ ପ୍ରଦର୍ଶନ ସଂପୂର୍ଣ୍ଣ ରୂପେ ବଦଳି ଯାଇଥିଲା। ସେହିଦିନଠାରୁ ଆମେ ଆଉ ପଛକୁ ଫେରି ଚାହିନାହୁଁ। ଭାରତ ଅଲିମ୍ପିକ୍ସ କ୍ରୀଡ଼ାର ଆୟୋଜନ କରୁ ଅବା ନକରୁ ଟୋକିଓ ଅଲିମ୍ପିକ୍ସରେ ଯେଉଁ ପ୍ରଶଂସା ପାଇଛି ଏବଂ ପ୍ରଦର୍ଶନ କରିଛି ତାହାକୁ ଆଗକୁ ଆଗେଇ ନେବା ନିମନ୍ତେ ତା'ର ପ୍ରୟାସ ଜାରି ରଖିବା ଉଚିତ୍। ତାହା ହେଲେ ଆଗାମୀ ଅଲିମ୍ପିକ୍ସରେ ତାହା ପଦକ ଅର୍ଜନରେ ପ୍ରତିଫଳିତ ହୋଇପାରିବ।

# ମହାବୀର ବାଜିରାଓ ପେଶବା



ଡାଃ ସୁରେନ୍ଦ୍ର ନାଥ ଦାଶ
ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ:୯୪୩୭୨୩୫୩୮୬

**Strike at the trunk of enemy, the branches will fall automatically.Nights are meant for expedition not for sleep: Bajirao verson**

ବିରତ୍ୱର ମାପ କାଠିରେ ଆମ ଦେଶର ଐତିହାସିକ ଚରିତ୍ର ମାନଙ୍କୁ ମାପିଲେ ବାଜିରାଓ-୧, ଯେ ଶ୍ରେଷ୍ଠ ସ୍ଥାନ ପାଇବେ ସେଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ସାମରିକ ବିଶାରଦ ତଥା ଦ୍ୱିତୀୟ ବିଶ୍ୱ ଯୁଦ୍ଧର ଇଂଲଣ୍ଡର ସର୍ବୋଚ୍ଚ ସେନାପତି ଫିଲଡ ମାର୍ଶାଲ ମଣ୍ଟେଗୋମେରୀଙ୍କ ପୁସ୍ତକରେ ସେ ବାଜିରାଓଙ୍କ ବିଷୟରେ ଲେଖିଛନ୍ତି, **"He was undoubtedly the best cavalry commander of South East Asia in early 18 th century".** ଆମ ଦେଶର କେ ଏମ.ପାନିକର ମଧ୍ୟ ତାଙ୍କୁ ଭାରତର ସର୍ବକାଳିନ ଶ୍ରେଷ୍ଠ ସେନାପତି ବୋଲି ଲେଖିଛନ୍ତି।

ବାଜିରାଓ ହେଉଛନ୍ତି ଏକ ମାତ୍ର ବ୍ୟକ୍ତି, ଯେ ଆମ ଦେଶର ପରାଜୟର ଘନ ଅନ୍ଧକାର ମଧ୍ୟରେ ବିଜୟର ଆଲୋକ ଜାଳି ଥିଲେ । ନିଜର ମାତ୍ର ୪୦ ବର୍ଷ ଜିବନ କାଳ ମଧ୍ୟରେ ସେ ହିନ୍ଦୁସ୍ଥାନର ସମସ୍ତ ମୁସଲମାନ ଶାସକ ଯଥାଃ ହାଇଦ୍ରାବାଦର ନିଜାମ, ମାଳବ, ରୋହିଲା ଖଣ୍ଡ, ବୁନ୍ଦେଲଖଣ୍ଡ, ଗୁଜୁରାଟ, ଖନ୍ଦେଶ, ଅଯୋଧ୍ୟା, ଜଞ୍ଜିରାର ମୁସଲମାନ ଶାସକ,ଦିଲ୍ଲୀ ବାଦଶାଙ୍କ ନିକଟରେ ନିଜ ସ୍ୱାଭିମାନ ବିକିଥିବା ରାଜସ୍ଥାନର ରାଜପୁତ ଶାସକ, ବିଦେଶୀ ୟୁରୋପୀୟ ଆବିସିନିଆରୁ ଆସିଥିବା ସିଦି ମାନଙ୍କୁ ପରାସ୍ତ କରିଥିଲେ ।୧୭୩୮ ମସିହାରେ ସେ ସୈନ୍ୟ ବାହିନୀ ସହ ମୋଗଲ ରାଜଧାନୀ ଦିଲ୍ଲୀରେ ପହଞ୍ଚି ମୋଗଲ ବାଦଶା ମହମ୍ମଦ ଶାହାଙ୍କୁ ପରାସ୍ତ କରିଥିଲେ, ତାଙ୍କୁ କର ଦେବାକୁ ବାଧ୍ୟ କରି ଦିଲ୍ଲୀ ଉପକଣ୍ଠରେ ସ୍ୱଦେଶୀ ଗୈରିକ ପତାକା ଉଡାଇ ଶିବାଜୀଙ୍କର ସ୍ୱପ୍ନକୁ ପୂର୍ଣ୍ଣ କରିଥିଲେ।

ବାଜିରାଓ ସୁଦକ୍ଷ ପେଶବା ବାଲାଜୀ ବିଶ୍ୱନାଥ ଓ ରାଧା ଦେବୀଙ୍କର ପ୍ରଥନ ସନ୍ତାନ ଥିଲେ । ସେ ୧୭୦୦ ମସିହା ଅଗଷ୍ଟ ୧୮ ତାରିଖରେ ଶ୍ରୀ ବର୍ଦ୍ଧନ କଙ୍କଣର ଚିତପାବନ ଭଟ ବ୍ରାହ୍ମଣ କୂଳରେ ଜନ୍ମ ନେଇଥିଲେ । କଙ୍କଣ ବ୍ରାହ୍ମଣ ମାନେ ଭଗବାନ ପର୍ଶୁରାମଙ୍କୁ ଅନୁସରଣ କରି ଯୁଦ୍ଧ ବିଦ୍ୟା ଶିକ୍ଷା କରୁଥିଲେ ।

୧୬୮୦ ମସିହାରେ ମରହଟ୍ଟା ସାମ୍ରାଜ୍ୟର ପ୍ରତିଷ୍ଠାତା ଛତ୍ରପତି ଶିବାଜୀଙ୍କ ମୃତ୍ୟୁ ଘଟିଲା । ତାଙ୍କ ପୁତ୍ର ଛତ୍ରପତି ଶମ୍ଭୁଜୀଙ୍କୁ ଆଉରଙ୍ଗଜେବ ୧୬୮୯ ମସିହାରେ ହତ୍ୟା କଲେ ଓ ରାଜଧାନୀ ରାୟଗଡକୁ ଆକ୍ରମଣ କରି ଶମ୍ଭୁଜୀଙ୍କ ସ୍ତ୍ରୀ ଓ ପୁଅ ସାହୁଙ୍କୁ ବନ୍ଦୀ କରି ଦିଲ୍ଲୀ ନେଇଗଲେ । ଶମ୍ଭୁଜୀଙ୍କ ସାନଭାଇ ରାଜାରାମ ଛତ୍ରପତି ହେଲେ। ମୋଗଲ ସେନା ତାଙ୍କୁ ବନ୍ଦୀ କରିବାକୁ ଗୋଡାଇବାରୁ ସେ ସୁଦୂର ଜିଞ୍ଜି ଦୁର୍ଗରେ ଆଶ୍ରୟ ନେଲେ। ୧୭୦୦ ମସିହାରେ ରାଜାରାମଙ୍କ ମୃତ୍ୟୁ ପରେ ତାଙ୍କ ବିଧବା ପତ୍ନୀ ତାରାବାଇ ଯୁଦ୍ଧ ଚାଲୁ ରଖିଲେ । ୧୭୦୭ ମସିହାରେ ଆଉରେଙ୍ଗଜେବଙ୍କ ମୃତ୍ୟୁ ପରେ ମରହଟ୍ଟା ମାନେ ଆଶ୍ୱସ୍ତି ହେଲେ । ସାହୁଙ୍କୁ ମୁକ୍ତି ମିଳିଲା । ସାହୁ ଫେରିଲା ପରେ ସିଂହାସନ ପାଇଁ ତାରାବାଇଙ୍କ ସହ ଗୃହଯୁଦ୍ଧ ଆରମ୍ଭ ହେଲେ । ବାଲାଜୀ ବିଶ୍ୱନାଥଙ୍କ ଚେଷ୍ଟାରୁ ସାହୁ ଛତ୍ରପତି ରୂପେ ସ୍ୱିକୃତି ପାଇଲେ । ବାଲାଜୀ ନିଜର ଦକ୍ଷତା ବଳରେ ସାହୁଙ୍କୁ ଖାଲି ଶତୃ ମାନଙ୍କ କବଳରୁ ରକ୍ଷା କଲେନି, ମରହଟା ସାମ୍ରାଜ୍ୟକୁ ନର୍ମଦା ନଦୀର ଅପର ପାର୍ଶ୍ୱକୁ ବିସ୍ତାର କଲେ । ଦିଲ୍ଲୀ ବନ୍ଦୀଶାଳାରୁ ସାହୁଙ୍କ ପତ୍ନୀ, ମାଆ ଓ ଭାଇଙ୍କୁ ମୁକ୍ତ କଲେ। ଦକ୍ଷିଣର ଛଅଟି ସୁବାରୁ ଚୌଥ ଆଦାୟର ଅଧିକାର ବାଦାଶାଙ୍କ ଠାରୁ ପାଇଲେ । କୃତଜ୍ଞ ସାହୁ ବାଲାଜୀଙ୍କୁ ସମସ୍ତ କ୍ଷମତା ଅର୍ପଣ କଲେ ଓ ପେଶବା ପଦ ବଂଶଗତ ହେବ ବୋଲି ଘୋଷଣା କଲେ । ପେଶବା ମାନେ ପୁନାଠାରେ ନିଜ ଦପ୍ତର ପ୍ରତିଷ୍ଠା କରି ଶାସନ ବୁଝିଲେ । କଠିନ ପରିଶ୍ରମ ଯୋଗୁ ୫୧ ବର୍ଷ ବୟସରେ ବାଲାଜୀଙ୍କ ମୃତ୍ୟୁ ହେଲା । ସାହୁ ନିଜର ବରିଷ୍ଠ ଅମାତ୍ୟ ଓ ସେନାପତିଙ୍କ ଅନିଚ୍ଛା ସତ୍ୱେ ବାଲାଜୀଙ୍କ ୨୦ ବର୍ଷ ବୟସ୍କ ପୁତ୍ର ବାଜିରାଓଙ୍କୁ ପେଶବା ପଦରେ ନିଯୁକ୍ତ ଦେଲେ। ବାଜିରାଓଙ୍କ ଅଧିନରେ କାର୍ଯ୍ୟ କରିବାକୁ ବରିଷ୍ଠ ସରଦାର ମାନେ ଅରାଜି ହେବାରୁ ବାଜିରାଓ ଅନେକ ସାଧାରଣ ବଂଶର ବ୍ୟକ୍ତିଙ୍କୁ ନିଜର ସେନାପତି କଲେ (ଯେଉଁ ମାନେ ବଂଶଗତ ଦେଶମୁଖ ନଥିଲେ) । ସେମାନେ ଥିଲେ ମହ୍ଲାର ରାଓ ହୋଲକାର, ଜାଙ୍କୋଜି ରାଓ ଓ ରାନୋଜୀ ସିନ୍ଧିଆ, ଫତେସିଂ ଭୋନସଲା, ଧର ଓ ପାୱାର, ଗାଇକୱାଡ ବଂଶର । ପରବର୍ତ୍ତି କାଳରେ ଏହି ସେନାପତି ମାନେ ନିଜର ରାଜ୍ୟ ସ୍ଥାପନା ଖାଲି କଲେନି, ମରହଟ୍ଟା ସାମ୍ରାଜ୍ୟକୁ ଖୁବ ଶୀଘ୍ର ପେଶୱାର ପର୍ଯ୍ୟନ୍ତ ବଢାଇଦେଲେ ।

ଅନେକ ଦିନ ପରେ ଭରା ରାଜଦରବାରରେ ଛତ୍ରପତି ସାହୁ ଗର୍ବର ସହିତ ତାଙ୍କ ଅମାତ୍ୟ ମାନଙ୍କୁ କହିଲେ,"ସେ ଦିନ ତରୁଣ ବାଜିରାଓଙ୍କୁ ପେଶବା କରି ଯେ ଭୁଲ କରିନଥିଲେ, ତାହା ଆଜି ପ୍ରମାଣିତ ହୋଇଛି । **All should obey Bajirao,do nothing to offend his temper. He is a man with Iron nerve."**

ବାଜିରାଓ ପନ୍ତ ପ୍ରଧାନ, ଶ୍ରୀମନ୍ତ ବାଜିରାଓ ବଲାଲ ବୋଲି ପରିଚିତ ଥିଲେ । ନିଜ ଜିବନ କାଳ ମଧ୍ୟରେ ସେ ସମୁଦାୟ ୪୧ଟି ଯୁଦ୍ଧ କରିଥିଲେ। ସବୁ ଯୁଦ୍ଧରେ ସେ ଜୟ ଲାଭ କରିଥିଲେ । ପେଶବା ହେବାର ମାତ୍ର ବର୍ଷକ ପରେ ସେ ଶକ୍ତିଶାଳୀ ନିଜାମଙ୍କ ବାହିନୀକୁ ପାଲଖାଡଠାରେ ପରାସ୍ତ କରି ଚୌଥ ଦେବାକୁ ବାଧ୍ୟ କରିଥିଲେ । ଐତିହାସିକ ମାନେ ଏହି ଜୟକୁ **A great strategic victory** କହି ଥାଆନ୍ତି । ପରେ ଗୁଜୁରାଟର ବିଦ୍ରୋହୀ ମରହଟ୍ଟା ସେନାପତି ତ୍ରୟମ୍ବକ ଡାଭେକରଙ୍କ ବିରୁଦ୍ଧରେ ସୈନ୍ୟ ଚାଳନା କରି ତାଙ୍କୁ ନିହତ ଓ ପରାସ୍ତ କରିଥିଲେ । ତାଙ୍କର ସୁଯୋଗ୍ୟ ସାନ ଭାଇ ଚିମନଜି ଆପା କଙ୍କଣ ଉପକୂଳରେ ପର୍ତ୍ତୁଗିଜ ମାନଙ୍କୁ ଆକ୍ରମଣ କରି ତାଙ୍କୁ ବିତାଡିତ କଲେ ଓ ରାଜଧାନୀ ଭାସାଇ ସମେତ ସମସ୍ତ ଅଞ୍ଚଳ ଅଧିକାର କଲେ । ନାଦିର ଶାହା ଆକ୍ରମଣରେ ମୋଗଲ ମାନଙ୍କୁ ସାହାଯ୍ୟ କରିବାକୁ ଯୁଦ୍ଧ ବନ୍ଦ କରିନଥିଲେ, ଗୋଆ ମଧ୍ୟ ମୁକ୍ତ ହୋଇ ଥାଆନ୍ତା । ପଶ୍ଚିମ ଉପକୂଳରେ ଉତ୍ପାତ କରିଥିବା ଓ ଅପରାଜେୟ ଥିବା ଜଞ୍ଜିରାର ସିଦି ମାନଙ୍କୁ ସ୍ଥଳ ଭାଗରୁ ବିତାଡିତ କରି ଦୁର୍ଗ ମଧ୍ୟରେ ଆବଦ୍ଧ କଲେ ।

ନର୍ମଦା ନଦୀ ଅତିକ୍ରମ କରି ବାଜିରାଓ ବୁନ୍ଦେଲ ଖଣ୍ଡ ଆକ୍ରମଣ କରି ମୋଗଲ ମାନଙ୍କୁ ତଡି ତାହାକୁ ମରହଟ୍ଟା ସାମ୍ରାଜ୍ୟରେ ମିଶାଇଦେଲେ। ସେତେବେଳେ ବୁନ୍ଦେଲଖଣ୍ଡର ଶାସକ ଛତ୍ରଶାଳଙ୍କୁ ମୋଗଲ ସେନାପତି ମହମ୍ମଦ ବଙ୍ଗେଶ ଆକ୍ରମଣ କରି ଦୁର୍ଗରେ ଆବଦ୍ଧ କରି ରଖିଲେ। ଛତ୍ରଶାଳ ବାଜିରାଓଙ୍କୁ ସାହାଯ୍ୟ ପାଇଁ ଅନୁରୋଧ କଲେ । ବାଜିରାଓ ଶୀଘ୍ର ଆସି ବଙ୍ଗେଶଙ୍କୁ ପରାସ୍ତ କରି ଛତ୍ରଶାଳଙ୍କୁ ମୁକ୍ତ କଲେ । କୃତଜ୍ଞ ଛତ୍ରଶାଳ ନିଜ ପାଳିତା କନ୍ୟା ମସ୍ତାନି ବାଇକୁ ବାଜିରାଓଙ୍କୁ ପ୍ରଦାନ କଲେ ଓ ନିଜ ରାଜ୍ୟର ଏକ ଅଂଶ(ବନ୍ଧା ଓ କାଲ୍ପି)ପ୍ରଦାନ କରି ପୁତ୍ର ବୋଲି ଘୋଷଣା କଲେ । ମସ୍ତାନୀ ଅସାମାନ୍ୟ ରୂପବତୀ ଥିଲେ ଓ ଜଣେ ମୁସମାନ ରକ୍ଷିତାର କନ୍ୟା ଥିଲେ । ବାଜିରାଓଙ୍କୁ ବିବାହ ପରେ ଏକ ନୂଉନ ପ୍ରେମ କାହାଣୀର ସୃଷ୍ଟି ହେଲା ।

ସାହୁଙ୍କ ଠାରୁ ଅନୁମତି ନେଇ ବାଜିରାଓ ଦିଲ୍ଲୀ ଆକ୍ରମଣ କରିବାକୁ ସ୍ଥିର କଲେ । ବିଭିନ୍ନ ଦଳରେ ବିଭକ୍ତ ହୋଇ ସେମାନେ ଅଶ୍ୱ ପୃଷ୍ଠରେ ଯାତ୍ରା କଲେ । ମୋଗଲ ସେନାପତି ସାଦାତ ଖାଁ ବିରାଟ ବାହିନି ସହ ଆସି ହୋଲକାରଙ୍କ ସୈନ୍ୟ ଦଳକୁ ପରାସ୍ତ କଲେ । ମରହଟ୍ଟା ମାନେ ପଛଘୁ ଦେଲେ । ବିଜୟର ଆନନ୍ଦରେ ମଥୁରାଠାରେ ମୋଗଲ ମାନେ ଆମୋଦ ପ୍ରମୋଦରେ ମାତିଲେ । ସେମାନଙ୍କ ଅଜାଣତରେ ବାଜିରାଓ ପଚାଶ ହଜାର ଅଶ୍ୱାରୋହୀଙ୍କ ସହ ଅରଣ୍ୟ ପଥରେ ଦିଲ୍ଲୀଠାରେ ଉପସ୍ଥିତ ହୋଇ ଦିଲ୍ଲୀ ଆକ୍ରମଣ ଓ ଲୁଣ୍ଠନ କଲେ ଓ ଫେରି ଆସିଲେ । ଫେରନ୍ତା ପଥରେ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିବା ମୋଗଲ ଓ ନିଜାମଙ୍କର ମିଳିତ ବିରାଟ ବାହିନୀକୁ ଶୋଚନୀୟ ପରାସ୍ତ କରି ୨୫ ଲକ୍ଷ କର ଆଦାୟ କଲେ (ଭୋପାଳ ଯୁଦ୍ଧ)।

ଅନେକ ଯୁଦ୍ଧରେ ଜୟ କଲେ ମଧ୍ୟ ଜିବନ ଯୁଦ୍ଧରେ ବାଜିରାଓ ହାରିଗଲେ । ପତ୍ନୀ କାଶୀ ବାଇ ଓ ତିନି ପୁତ୍ର ନାନା,ରଘୁନାଥ ଓ ଜନାର୍ଦ୍ଦନଙ୍କୁ ନେଇ ସୁଖ ସଂସାର ମସ୍ତାନୀର ଆଗମନରେ ଉଜୁଡି ଗଲା । ନୈଷ୍ଠିକ ଚିତପାବନ ବ୍ରାହ୍ମଣ ପେଶବା ବଂଶରେ ମୁସଲମାନ ରକ୍ଷିତାକୁ ନେଇ ଝଡ ଉଠିଲା । ମାଆ ରାଧାବାଇ, ସ୍ତ୍ରୀ, ଭାଇ, ପୁଅ, ଭଉଣୀ, ପୁନାର ବ୍ରାହ୍ମଣ ସମାଜ ସମସ୍ତେ ପ୍ରତିବାଦ କଲେ । ଛତ୍ରପତି ସାହୁ ମଧ୍ୟ ଦୁଖଃ ପ୍ରକାଶ କଲେ । ବାଜିରାଓ ମସ୍ତାନୀ ପାଇଁ ଏକ ନୂଆ ମହଲ ମସ୍ତାନୀ ମହଲ ଶନିୱାର ବାଡା ପ୍ରସାଦରେ ନିର୍ମାଣ କରି ସେଠାରେ ରହିଲେ । ମସ୍ତାନୀଠାରୁ ସମସେର ବାହାଦୁର ନାମରେ ପୁଅଟିଏ ହେଲା । ତାକୁ ମାରିବାକୁ ପରିବାର ମଧ୍ୟରେ ଚକ୍ରାନ୍ତ ହେଲା । ଏହା ଜାଣି ବାଜିରାଓ ଦୁଃଖରେ ଦରବାରକୁ ନଆସି ମହଲରେ ରହିଲେ । ଶେଷକୁ ସେନାପତି ମାନଙ୍କ ଅନୁରୋଧରେ ସେ ସୈନ୍ୟଙ୍କ ସହ ଅଭିଯାନରେ ବାହାରିଗଲେ । ମସ୍ତାନୀର ସୁରକ୍ଷା ପ୍ରତିଶୃତି ପାଇ ସେ ଉତ୍ତର ଦିଗକୁ ସୈନ୍ୟସହ ଚାଲଗିଲେ । ତାଙ୍କ ଆଗମନରେ ମେଳି ବାନ୍ଧିଥିବା ଶତୃ ମାନେ ଛତ୍ରଭଙ୍ଗ ଦେଲେ । ନିଜାମ ପୁତ୍ର ନାସିର ଜଙ୍ଗ ବନ୍ଦୀ ହୋଇ ଅନେକ ଅର୍ଥ ପ୍ରଦାନ କରି ମୁକ୍ତି ପାଇଲା । ଜୟ ଲାଭ ପରେ ପେଶବା ନର୍ମଦା କୂଳରେ ରାବରଖେଡ ଠାରେ ଶିବିର ପକାଇ କିଛିଦିନ ବିଶ୍ରାମ ନେବାକୁ ଇଛା କଲେ । ପୁନାର ଅଶାନ୍ତ ପରିବେଶକୁ ଫେରିବାକୁ ମନ ହେଲାନି । ହିନ୍ଦୁ ମାନଙ୍କର ପବିତ୍ର ତୀର୍ଥ ସ୍ଥଳୀ କାଶୀ, ମଥୁରା, ବୃନ୍ଦାବନକୁ ସେ ମୁସଲମାନଙ୍କ କବଳରୁ ଉଦ୍ଧାର କଲେ । ମାତ୍ର ତାଙ୍କର ସାମାନ୍ୟ ଦୋଷକୁ ଆଜି ବ୍ରାହ୍ମଣ ମାନେ କ୍ଷମା ପାଇଁ ପ୍ରସ୍ତୁତ ନୁହନ୍ତି । ମାଆ ଭାଇ ସ୍ତ୍ରୀ ପୁଅ ସମେସ୍ତ ପର ହୋଇଛନ୍ତି । ହଟାତ ଖବର ପାଇଲେ ତାଙ୍କ ଅନୁପସ୍ଥିତି ରେ ମସ୍ତାନୀକୁ ପାର୍ବତି ମନ୍ଦିରରେ ବନ୍ଦୀ କରାହୋଇଛି । ହାହାକାରରେ ମନ ଭରିଗଲା । ନିଜଲୋକଙ୍କ ଠାରୁ ଏପରି ବ୍ୟବହାର ସେ ଆଶା କରିନଥିଲେ । "ସାମ୍ରାଜ୍ୟ ପାଇଁ ଜିବନର ଅଧେ ସମୟ ସେ ଘୋଡା ପିଠିରେ କଟାଇଛନ୍ତି । ଅସଂଖ୍ୟ ଅଭିଯାନରେ ଜୟଲାଭ କରି ସାମ୍ରାଜ୍ୟକୁ ବଢାଇଛନ୍ତି । ଭାରତର ସବୁ କଣରେ ମରହଟା ବିଜୟ ପତାକା ଉଡୁଛି । ତାଙ୍କ ପାଇଁ ଲକ୍ଷ ଲକ୍ଷ ଅନୁଗତ ସୈନ୍ୟ ପ୍ରାଣପାତ କରିବାକୁ ପ୍ରସ୍ତୁତ । ମାତ୍ର ଆଜି ସେ ନିସ୍ୱ ଅସହାୟ, ଆଉ କାହିଁକି ସେ ପୁନା ଫେରିବେ? ଏହି ଜଙ୍ଗଲରେ ଅବଶିଷ୍ଟ ସମୟ କଟାଇଦେବେ" ।

ଅସ୍ଥିର ମନରେ ନର୍ମଦାର ଜଳରେ ସେ ବାରମ୍ବାର ସ୍ନାନ କରି ଜ୍ୱରର ଶୀକାର ହେଲେ । ବୈଦ୍ୟ ହକିମ ମାନେ ଔଷଧ ଦେଲେ ମଧ୍ୟ ରୋଗ କମିଲା ନାହିଁ । ଦିନକୁ ଦିନ ଦୁର୍ବଳ ହୋଇ ପଡି ମସ୍ତାନୀ ମସ୍ତାନୀ ବୋଲି ପ୍ରଳାପ କଲେ । ପୁନାକୁ ଖବର ଗଲା । ଧାଇଁ ଆସିଲେ ମାଆ, ସ୍ତ୍ରୀ କାଶିବାଇ, ପୁଅ ନାନା, ଭାଇ ଚିମନଜୀ । ମସ୍ତାନୀକୁ ମୁକ୍ତ କରାଗଲା। ମାତ୍ର ସବୁ ବିଫଳ ହେଲା। ଦିନେ ପାହାନ୍ତାରେ ଏହି ମହାବୀରଙ୍କ ଜୀବନ ପ୍ରଦିପ ଲିଭିଗଲା। (୨୮ ଏପ୍ରିଲ ୧୯୪୦ସ୍ଥାନ ରାବରଖେଡ) ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ହକି ବନାମ କ୍ରିକେଟ

ସୁବ୍ରତ କର



ଟୋକିଓ ଅଲିମ୍ପିକ୍ସ ଭାରତକୁ ହକି ଖେଳକୁ ଆଗକୁ ନେଇ କ୍ରିକେଟକୁ ପଛେଇ ଦେଲା । କ୍ରିକେଟ ପ୍ରେମ ଭାରତକୁ ଏବେ ହକି ଆଡ଼କୁ ଟାଣିବ । ଟୋକିଓରେ ୪୦ ବର୍ଷ ପରେ ପୁରୁଷ ହକି ଖେଳାଳିମାନେ ବ୍ରୋଞ୍ଜ ଜିତି ଇତିହାସ ରଚିଲେ ତା' ସହିତ ମହିଳା ହକି ମଧ ଟିକକ୍ ପାଇଁ ବ୍ରିଟେନଠାରୁ ହାରି ବ୍ରୋଞ୍ଜ ହରାଇଲେ । ମାନିବାକୁ ପଡ଼ିବ ଦୁଇ ଦଳକୁ ଏବଂ ମାନିବାକୁ ପଡ଼ିବ ପୁରୁଷ ଦଳରେ ଥିବା ଦୁଇ ଓଡ଼ିଆ ଖେଳାଳି ଏବଂ ଆମ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କୁ । ଠିକଣା ସମୟରେ ମଙ୍ଗ ଧରି ୧୯୨୮, ୧୯୩୨ ଏବଂ ୧୯୩୬ ମସିହାର ଇତିହାସକୁ ମନେ ପକେଇଲେ । ମନେ ପକାଇଦେଲେ ଦେଶର ସେ ସମୟରେ ସୁନା ଜିତିଥିବା ଦଳପତି ଧ୍ୟାନ ଚାନ୍ଦଙ୍କୁ । ପ୍ରଧାନମନ୍ତ୍ରୀ ମଧ ପଛେଇ ନାହାନ୍ତି । ହକି ଖେଳକୁ ଆଗକୁ ନେବା ପାଇଁ ଏବଂ ପ୍ରହସୋନ୍ ଯୋଗାଇବା ପାଇଁ ରାଜିବ ଗାନ୍ଧି ଖେଳ ରତ୍ନ ପୁରସ୍କାରକୁ ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାରରେ ପରିଣତ କରି ଦେବାର ଖାଲି ହକି ପ୍ରେମିଙ୍କୁ ନୁହଁ ସମଗ୍ର ଦେଶର ଜନତାଙ୍କ ପାଖରେ ନିଜର ସାହସ ଦେଖାଇ ପାରିଲେ । ସମସ୍ତେ ଏହାହିଁ ଚାହୁଁଥିଲେ ଏବଂ ପ୍ରଧାନମନ୍ତ୍ରୀ ପ୍ରତି ହକି ଖେଳାଳିଙ୍କୁ ସବୁଠୁ ବେଶି ବଡ଼ ଭେଟି ଦେଇପାରିଲେ । ଏବେ ସ୍ୱର ଉଠୁଛି ଦେଶରେ କ୍ରିକେଟ ବଦଳରେ ହକି ଖେଳକୁ ପ୍ରାଧାନ୍ୟ ଦିଆହେଉ ଯାହାକି ଆମ ରାଜ୍ୟ ଏହି ଖେଳକୁ ଏବଂ ଖେଳାଳିଙ୍କୁ ଆଗକୁ ନେବା ପାଇଁ ଚେଷ୍ଟା କରି ସଫଳ ମଧ ହେଲେ । ଏଥିରେ ମାନିବାକୁ ପଡ଼ିବ ଆମର ମୁଖ୍ୟମନ୍ତ୍ରୀଙ୍କୁ ଏବଂ ଏହାର ମୂଳ ଦୃଷ୍ଟାନ୍ତ ହେଲା ରାଉରକେଲାଠାରେ ହେବାକୁ ଯାଉଥିବା ଆନ୍ତର୍ଜାତିକ ସ୍ତରର ହକି ଷ୍ଟୋଡିୟମ । ନିଶ୍ଚିତ ଭାବରେ ବିରେନ୍ଦ୍ର ଲାକ୍ରା, ଦିଲିପ ତିର୍କି ଭଳି ଖେଳାଳି ତିଆରି ହୋଇ ବାହାରିବେ ଏବଂ ଓଡ଼ିଶା ଆନ୍ତର୍ଜାତିକ ହକି ଖେଳରେ ନିଜର ଏକ ବିଶେଷ ସ୍ଥାନ ତିଆରି କରିବ । ଏହାକୁ ଆଖି ଆଗରେ ରଖି ସରକାର ହକି ଏକାଡେମି ତିଆରି କରିବାରେ ଆଗଭର ହୋଇଛନ୍ତି । ଏହାଛଡ଼ା ମଳିଳା ହକିରେ ଦୁଇ ଓଡ଼ିଆ ଝିଅ ଦୀପଗ୍ରେସ ଏକ୍କା ଏବଂ ନମିତା ଟପ୍ପୋ ମଧ ଭାଗନେଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ଏବଂ ମହିଳା ମାନଙ୍କର ଆଦର୍ଶ ପାଲଟି ଯାଇଛନ୍ତି । ଓଡ଼ିଶା ଏକ ପଛୁଆ ରାଜ୍ୟ ହୋଇ ମଧ ରାଜ୍ୟର ଝିଅମାନେ କୌଣସି ଭାବରେ ପଛୁଆ ନୁହଁନ୍ତି । ରାଜ୍ୟରୁ କ୍ରିକେଟରେ ଦୁଇ ତିନି ଜଣଙ୍କୁ ଛାଡ଼ିଦେଲେ (ଯେଉଁମାନେ ଦେଶ ପାଇଁ ଖେଳିଛନ୍ତି ଏବଂ ଆନ୍ତର୍ଜାତିକ ସ୍ତରରେ ମଧ) ବିଶେଷ ଭାବରେ ପ୍ରଭାବ ପକାଇ ପାରିନାହାନ୍ତି । ଆମ ରାଜ୍ୟ ହକି ଖେଳ ଏବଂ ଖେଳାଳିମାନଙ୍କ ଉପରେ ନଜର ରଖନ୍ତୁ ଏହି ଖେଳକୁ ରାଜ୍ୟର ଖେଳ ହିସାବରେ ନିଆହୋଇ ଆଗେଇ ଯାହାନ୍ତୁ ।




## ସତକଥା ପଦେ

କୁନା ସେଠୀ



ସକାଳ ଆସୁଛି ଆସିବ ନିଶ୍ଚୟ
ରାତି ଯିବ ପାହି ପାହି
ସମୟ ଆକାଶେ ସୂରୂଜ ଉଇଁବେ
ନୂଆଁ କିରଣକୁ ନେଇ ।

ଦିନ ସରିଯିବ ସମୟ ସାଥୀରେ
ଅନ୍ଧାର ଆସିବ ଘୋଟୀ
ଜୀବନ ମରଣ ଅନ୍ଧାର ଆଲୋକ
ସମୟରେ ଯାଏ ଲୋଟି ।

ଅଛି ବୋଲି କିଏ ଭାବିଲେ ମନରେ
ହୃଦୟ କହୁଛି ସତ
ଈଶ୍ୱର ଅଛନ୍ତି ମହାଶକ୍ତି ରୂପେ
ଏଇତ ଜୀବନ ବ୍ରତ ।

ଖୋଜିଲେ ନ ମିଳେ ଡାକିଲେ ନ ଶୁଣେ
ଏଇ ଅଛି ଏଇ ନାହିଁ
ସବୁ ଦେଖନ୍ତି ସେ ସବୁତ ଶୁଣନ୍ତି
ମାୟା ରୂପ ଭାବ ଗ୍ରାହୀ ।

ଜୀବନ ଯୌବନ ଅଢେଇ ଦିନିଆ
ପାଣି ଫୋଟକାର ସମ
ଈଶ୍ୱର ଖୋଜିଲେ ନ ମିଳେ ସନ୍ଧାନ
ଭେଟ ହୁଏ ସାଥେ ଯମ ।

କରମ ସାଥୀରେ ଈଶ୍ୱର ଚାଲନ୍ତି
ଧରମକୁ କରି ସାଥି
ଧରମରେ ରହି କରମ କରିଲେ
ସାଜିବ ଜୀବନ ରଥି ।

ସଭିଏଁ ଜାଣନ୍ତି ସଭିଏଁ ଶୁଣନ୍ତି
ସଭିଏଁ କହନ୍ତି ଧର୍ମ
ଧର୍ମ କିନ୍ତୁ ଏଠି ବାଟ ବଣା ହୁଏ
ଭୁଲି ଥାନ୍ତି ନିଜ କର୍ମ ।

ପର ଉପକାର ନାଆଁରେ ଏଇଠି
ଶୋଷଣ ହୁଅଇ ଜନତା
ସେବାର ନାଆଁରେ ମଣିଷ ଲୁଟଇ
ଜୀବନରେ ସାଜି ନେତା ।

ପାପ ହସୁଅଛି ପୁଣ୍ୟକୁ ଆଡେଇ
ଅଧର୍ମ କରୁଛି ନାଟ
ପାପିର ସାଥୀରେ ତପି ମିଶି ହସେ
ମଶାଣିରେ ହୁଏ ଭେଟ ।

ସତ୍ୟ ଯୁଗ କର୍ମ ଅବା ସେ ସାଧନା
ନାହିଁ ଆଉ କାହା ପାଖେ
ବେଳ ଥାଉ ଥାଉ କାଳ ସରିଯାଏ
ଚାଲନ୍ତି ସଭିଏଁ ଦୁଃଖେ ।

ଚାଳିଶି ବରଷ ପାଦ ଦେଉ ଦେଉ
ମାଡ଼ି ଆସେ ରୋଗ ଶୋକ
ଷାଠିଏ ବରଷେ ଜୀବନ ସାରଇ
ଏଇ କଳି ଯୁଗ ଲୋକ ।

ସତ ଲୁଚିଯାଏ ମିଛ ବାରିପଟେ
ଧଳା ହୋଇଯାଏ କଳା
ନିଃଶ୍ୱାସ ଉପରେ ଭରସା ରହେନା
କାଟି ନେବ କିଏ ଗଳା ।

+ଭୂତସରସିଙ୍ଗି,ଗଞ୍ଜାମ
ମୋ:୬୩୭୦୭୦୬୨୮୦

## ପୁନର୍ଜନ୍ମ...

ଡଃ ମାଙ୍ଗଳିକା ମହାପାତ୍ର



ମୁଁ ପୁନର୍ଜନ୍ମ ନେବାକୁ ଚାହେଁ
ଇଛା ନ ଥିଲେ ବି ...
ଏ ଜନମରେ ଅନେକ ଅଧାଥିବା
ସପନକୁ ପୁରା କରିବାକୁ...
ଅଧାଲେଖା କବିତା ଗୁଡ଼ିକରେ
ଶେଷ ସ୍ୱର୍ଶ ଦେବାକୁ...
ସଫେଦ୍ କ୍ୟାନଭାସ୍‌ରେ
ରଙ୍ଗ ଭରି ଦେବାକୁ...
ଅଧା ଗାଇଥିବା ସଙ୍ଗୀତକୁ
ପୁଣି ଥରେ ଗୁଣୁଗୁଣେଇବାକୁ
ଅସମ୍ପୂର୍ଣ୍ଣ ପ୍ରୀତିର ବର୍ଷାରେ
ପୁଣି ଥରେ ଭିଜିବାକୁ...
ଇନ୍ଦ୍ରଧନୁର ଗୋଟି ଗୋଟି
ରଙ୍ଗ ସବୁକୁ ଚିହ୍ନିବାକୁ
ତଣ୍ଟିଚିପି ହତ୍ୟା କରିଥିବା ସ୍ୱପ୍ନମାନଙ୍କୁ
ସଂଜୀବନୀ ମନ୍ତ୍ରରେ ଜୀବିତ କରିବାକୁ
ନିସ୍ତବ୍ଧ ରାତ୍ରୀରେ ଛାତ ଉପରେ
ଜହ୍ନ ଦେହର କଳଙ୍କ ତଉଲିବାକୁ
ଗୋଟିଏ ନୁହେଁ ଦୁଇଟି ନୁହେଁ
ଶହେ ଜନ୍ମ ନେବାପାଇଁ ମୁଁ ଚାହେଁ
ଲାଗୁ ପଛେ ଯୁଗ ଯୁଗାନ୍ତର ...

+ରେଭେନସା ବିଶ୍ୱବିଦ୍ୟାଳୟ

## ସମ୍ପର୍କ...

ପୁଷ୍ପାଞ୍ଜଳି ମିଶ୍ର



ଆମ ଭିତରେ ଭଲ ପାଇବା
କିଛି ନାହିଁ
ଆଉ ସମ୍ପର୍କ କିଏ ବଝିଚି
ନା କିଏ ଜାଣିଛି ତା ମୂଲ୍ୟ
ଖାଲି ଯାହା ସାଉଁଟୁଚି
ମୁଠା ମୁଠା ଅଭିମାନ
ପ୍ରତାରଣା / ନିନ୍ଦା କି ପ୍ରଶଂସା
ସମ୍ପର୍କର ସଂଜ୍ଞା କଣ
କିଏ ବୁଝିଛି
ରାତି ପାହିଲାଠାରୁ ଯେ
ରାତି ହେବା ପର୍ଯ୍ୟନ୍ତ
ଅହ ନିଶି ଲାଗି ପଡେ
ନିଜର ପାରିବା ପଣରେ
ଖାଲି ଯାହା ଭାବପ୍ରବଣତା
ଆଉ ଟଙ୍କା ପଇସାର ହିସାବ
କାଗଜ ଆଉ କଲମର ଦମ
ମହଙ୍ଗା ପଡେ ସମ୍ପର୍କ
ଆଉ ମଝିରେ ବଳି
ପଡିଯାଏ
ବିଚରା ବାଟର ବାଟୋଇଟି
ସବୁ ପାଇଟି ସାରି
ଟିକେ ବିଶ୍ରାମ ବେଳେ
ସେ ପୁଣି ହୋଇଯାଏ
ରାଗ ଆଉ ରୋଷ
କାହା ଆଖିରେ ଯାଏନି
ଏଇତ ତେଲ ଲୁଣର ସଂସାର
କହିବ କାହାକୁ
ଶୁଣିବ ବା କିଏ
ପାଲଟିଯାଏ ଅସହଣୀ
ଦାରୁଟିଏ
ସବୁ କଷ୍ଟ ଆଉ ଯନ୍ତ୍ରଣାକୁ
ଛାତିରେ ଚାପି ଚାପି
ଖାଲି ଯାହା ଅପେକ୍ଷା ଆଉ ପ୍ରତୀକ୍ଷା
କୁଟା ଖିଅଟିକୁ
ଭରସା କରି
ଖାଲି ଯାହା ପଡିରହିଥାଏ
ବିଚରା ପଥିକଟି
ଏଇ ତ ସମ୍ପର୍କ
ଆଉ ସମ୍ପର୍କର ମୂଲ୍ୟ।

+ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ
କଲରଙ୍ଗୀ ଅତା
ଯାଜପୁର
ମୋ: ୯୫୫୬୬୪୩୯୨୧

## ରାଜା ଗୋବିନ୍ଦ ଭଞ୍ଜ

ଅମରନାଥ ବାରିକ୍

ତ୍ରିଲୋଚନଙ୍କର ସୁପୁତ୍ର ଅଟନ୍ତି
ସେହି ମହାରାଜା ଗୋବିନ୍ଦ ଭଞ୍ଜ
ଯାହାଙ୍କ ଲାଗି ଏ କେନ୍ଦୁଝର ଜିଲ୍ଲା
ହୋଇଲା ପବିତ୍ର ଭକତ ଗୁଞ୍ଜ ।

ତାରିଣୀ ମାଆଙ୍କୁ ଆଣି ବସାଇଲେ
ଘଟଗାଆଁର ସେ ଶାଳ ବଣରେ
ପୂଜାର୍ଚ୍ଚନା ସହ ମନ୍ଦିର ନିର୍ମାଣ
କରିଥିଲେ ସେହି ପୁଣ୍ୟ ସ୍ଥାନରେ ।

ରାଜା ଶ୍ରୀ ପୁରୁଷୋତ୍ତମ ଦେବଙ୍କର
କାଞ୍ଚି ଯୁଦ୍ଧ ଜୟଯାତ୍ରା ବେଳରେ
ବିଜୟ ଆଶିଷ ପ୍ରଦାନ କରିଲେ
ମହାରାଜା ଭଞ୍ଜ ସେନାପତିରେ ।

କହେ କିମ୍ବଦନ୍ତୀ ରହିଛି ଆହୁରି
ଅନେକ ତଥ୍ୟ ଯେ ଇତିହାସରେ
ହୋଇଛି ସର୍ଜନା ସୃଷ୍ଟି କବିଙ୍କର
ଲେଖନୀ ମୁନର କବିତା ଧାରେ ।

ନଥିଲେ କେବଳ ସାଧାରଣ ସେହି
ମାନବ ଜାତିର ସମାଜେ ଜଣେ
ଲେଖା ତ ଉକୁଳେ କୀରତି ତାଙ୍କର
ପ୍ରତି ଓଡ଼ିଆ ଯେ ତାହାଙ୍କୁ ଜାଣେ ।

+କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

## ଭିନ୍ନ ଏକ ଧର୍ମ
### କୃଷ୍ଣା ମିଶ୍ର



ଆସ ! ଆଜି ଧରଣୀ ବକ୍ଷରେ,
ସ୍ୱର୍ଣିମ ଅକ୍ଷରେ,
ଭିନ୍ନ ଏକ ଧର୍ମ ଲେଖିବା.....
ମାନବକୁ ମାନବ କରି ଗଢ଼ିବା !

ବନ ଉପବନେ ଫୁଟାଇ ଫୁଲ,
ସୁଗନ୍ଧରେ ତା',
ମହୀମଣ୍ଡଳ ମହକାଇବା....
ଜଳ ନୁହେଁ ଯେ, ବହୁଛି ଅଗ୍ନି
ଗଙ୍ଗା ଆଉ ସିନ୍ଧୁ ରେ !
ଭାବିଛ କି ଥରେ,
କେଉଁଠି ଗାଧୋଇବା ? ?

ଜାଣିଛ କି ?
ଆଜି ସ୍ନେହ, କରୁଣା, କ୍ଷମା ମରି
ଲୋଟେ କାହିଁକି ?

ଚାଲ ! ଅନ୍ଧାରକୁ ଆଲୁଅରେ ପଚାରିବା....

ହେଉ ପଛେ ଦେହ ଭିନ୍ନ ବର୍ଣ୍ଣର,
ହୃଦୟ ତଳର ଘନୀଭୂତ ଯନ୍ତ୍ରଣା,
ବାଷ୍ପୀଭୂତ ଆଶାର
ଆକାଶକୁ ଅନୁଭବୁଥିବା.....

ଶରୀର ଦୁଇଟି ହେଲେ
ହୃଦୟ ଯେ ଏକ,
ଫୁଟାଇ ସଂପ୍ରୀତି ର ଫୁଲ,
କାହା ମନ ତଳ କୋହ ଆପଣେଇବା....
ଆସ !
ଆଉ ଏକ, ଭିନ୍ନ ଧର୍ମ ଗଢିବା....

+ ରାୟଗଡ଼, ଛତିଶଗଡ
୯୦୧୦୧୨୩୩୩

## ବରଷା ଗୋ ତୁମେ
### ଅମୂଲ୍ୟ କୁମାର ପଣ୍ଡା



ବରଷା ଗୋ ତୁମେ ନିଦାଘକୁ କାଟି ପଲ୍ଲବିତ କର ଧରା
କଳା ବଉଦର କଳା ଓଢଣୀରେ କରାୟତ କର ଖରା
ଆଷାଢ଼ ଶ୍ରାବଣେ ବାରିଧାରା ତୁମ ବୁହାଅ ତୁହାକୁ ତୁହା
ଶୀତଳତା ଭର ଧରାର ବୁକୁରେ ଦେଇ ତୁମ ସ୍ପର୍ଶ ଛୁଆଁ।

ବରଷା ଗୋ ତୁମେ ମୟୂର ମନର ଅମାପ ଆନନ୍ଦ ଚିତ୍ତ
ତୁମରି ପରଶେ ଝିଙ୍କାରୀ ମଣ୍ଡୁକ ଗାଇଥାନ୍ତି ନାନା ଗୀତ
ଚିକି ମିକି ତୁମ ଚମକ ବିଜୁଳି ବିହରୀ ଆକାଶେ ଶୋଭା
ବନେ ଉପବନେ ଫୁଲର ସମ୍ଭାର ଆହା କେଡେ ମନୋଲୋଭା।

ବରଷା ଗୋ ତୁମେ କୃଷକର ବନ୍ଧୁର ବିଲେ ଧାନ ରୁଆ ମିତ
ପ୍ରୀତି ପୁଲକିତ ଉଲ୍ଲସିତ ମନେ କବି କବିତାର ଗୀତ
ଶିଶୁ ଭାବନାର ଚାଳପାଣି ସୁଅ କାଗଜ ଡ଼ଙ୍ଗାର ନାଆ
ବିଲେ ଧାନ ବଛା ପକ୍ଷିଆ କଡରେ ପୂବେଇ ପବନ ବାହା।

ବରଷା ଗୋ ତୁମେ ଜଗତର ବନ୍ଧୁ ଜୀବନ ଜ୍ୟୋତିର ବିନ୍ଦୁ
ସୃଷ୍ଟି ରକ୍ଷାକର୍ତ୍ତା ସାରା ସଂସାରରେ ଜନ ହିତ କୃପାସିନ୍ଧୁ।

+ ଅରଙ୍ଗାବାଦ, ବରୀ, ଯାଜପୁର
(ମୋ) ୯୯୩୮୯୦୬୦୭୦

## ହଁ ମୁଁ ଦେଖିଛି ସଇତାନ୍‌କୁ
### ଶୁଭଶ୍ରୀ ସୁଚରିତା ଇନ୍ଦୁରେଖା ନାୟକ



ସୁନ୍ଦରତାର ପ୍ରଚ୍ଛଦପଟରେ
ମଧୁରତା ମଧ୍ୟରେ,
କୋମଳତା କଳେବରରେ
ସ୍ମିତହାସ୍ୟ ଅନ୍ତରାଳେ
ମିଠାମିଠା ମନଜିଣାଭାଷାର ଆଢୁଆଳେ,
ଭେଟିଲି ମୁଁ ସାଇତାନ୍‌କୁ ।

ହଁ ମୁଁ ଦେଖିଲି ସେ ହିଂସ୍ର ସଇତାନ୍‌କୁ,
ଭଦ୍ରମୁଖାତଳେ ଛପିଥିବା
ଅଭଦ୍ରାମିରେ,
ଆର୍ଯ୍ୟସମାଜର
ଅନାର୍ଯ୍ୟ ଅନ୍ଧବିଶ୍ୱାସରେ,

ଦିବାଲୋକର ପୁଣ୍ୟାତ୍ମାଙ୍କ
ରାତ୍ରୀର ନିଘଞ୍ଚ ଅନ୍ଧକାରରେ ଅନୁଷ୍ଠିତ
ପାପର ପଙ୍କିଳ ନାରୀମେଧଯଜ୍ଞରେ,
ଯହିଁ ବଳିପଡନ୍ତି
ଶହଶହ ନିଷ୍ପାପ ନିରୀହା କଳିକା,
ଦେଖିଛି ସେ ଦୁର୍ଦାନ୍ତ- ସଇତାନ୍‌କୁ,

ରାଜନୀତିର ପୁରୁଖାନେତାଙ୍କ
ମିଥ୍ୟାପ୍ରତିଶୃତି ତଳେ-
ଲୁକ୍କାୟିତ ଛଳନାର
ଠକାମିର ସୁଚିପତ୍ରଠି,
କିଛି ଆତ୍ମୀୟଙ୍କ
ହସହସ ମୁହଁପଛର
ବିଭତ୍ସ କ୍ରୁର ଚେହେରାଠି,
ପ୍ରେମର ପଣତତଳେ ଆଶ୍ରିତ ପ୍ରପଞ୍ଚଠି,
ପ୍ରଶଂସାର ପ୍ରଚ୍ଛଦପଟେ
ଛପି ବସିଥିବା ଈର୍ଷାଠି,
ବନ୍ଧୁ ବୋଲାଉଥିବା ସଂହାରକ ଶତୃଠି,
ହସପଛର ବିଷଠି,
ହଁ ମୁଁ ଭେଟିଛି ସେ ସଇତାନ୍‌କୁ
ଏଠି ସେଠି ଆଉ ସବୁଠି ।

+ ପି.ଏଚ୍.ଡି. ଛାତ୍ରୀ,ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାର

## ସିଆଣା ମଣିଷ
### ସୁଧାଂଶୁ ଶେଖର ଦ୍ୱିବେଦୀ



ପକ୍ଷୀର ବସା ବୃକ୍ଷରେ
ବୃକ୍ଷର ଘର ଜଙ୍ଗଲରେ
ପକ୍ଷୀଙ୍କୁ ମୁଁ ଡାକିଲି
ସେମାନେ ପତ୍ର ଆଢୁଆଳରେ ଛପିଗଲେ
ବୃକ୍ଷ ବି ଭୟାତୁର
ସାରା ଜଙ୍ଗଲ ଶୂନଶାନ।

କୁନି ଝିଅଟିଏ ଥିଲା ସେଇଠି
ଚୁପ ରହିବାକୁ ଇଶାରା କଲା
ମୁହଁରେ ପକ୍ଷୀର ଶବ୍ଦ ବାହାର କଲା
କିଛି ସମୟ ଭିତରେ
ସମସ୍ତ ବୃକ୍ଷ, ସମଗ୍ର ଜଙ୍ଗଲ
ପକ୍ଷୀଙ୍କ କଳରବରେ ଭରିଗଲା।

ଜଙ୍ଗଲ ବୃକ୍ଷର ଭାଷା ବୁଝେ
ବୃକ୍ଷ ପକ୍ଷୀର ଭାଷା
ପକ୍ଷୀ କୁନି ଝିଅର ଭାଷା
ଆମେ ସବୁ ସିଆଣା
ହୋଇ ଯାଇଥିବା ଲୋକଙ୍କ ଭାଷା,
ଆମ ବ୍ୟତୀତ କେହି ବୁଝିପାରନ୍ତି ନାହିଁ।

+ ବିସି-୭୪,ସଲଟ ଲେକ,
କଲକତା-୬୪
ମୋ-୯୬୮୧୩୭୩୫୧୨

## ଋତୁରାଗ
### ଦୀପ୍ତି ଦାସ



ବର୍ଷା ଗୋ ତୁମ ବର୍ଷା ମାସରେ
ନିର୍ଜଳା ମେଘମାଳା
ବିରହ ଧୂପରେ ଧୂପାୟିତ ଆଜି
ମାଧବିକା ମଧୁଶାଳା ।

କେଉଁ ପାଟଳବରଣା ପାଟ ପଣତର
ପାନ୍ଥଶାଳାରେ ପାନ୍ଥଗୋ ତୁମେ
ପରାଣ ହରିଛି
ପରଶି ଦେଇଛି
ଅଧୀର ଅଧର
ସୁହାଗ ସଞ୍ଜସୁରା

କିଏ ସେ ବିଧୁରା ବିମ୍ବଅଧରା
ବିଳସିତା ବିଧୁବାଳା
କିଏ ସେ ରୂପସୀ ତନ୍ୱୀ ତାପସୀ
ଚମ୍ପା ଚାମେଲୀ
କେଉଁ ଚାନ୍ଦିନୀ ଚାରୁଶିଳା
କେଉଁ କୁଆଁରୀ କାବେରୀ
କୃଷ୍ଣକବରୀ ନୀଳବିଭାବରୀ
ତନୁତୀର୍ଥରେ ତରଳି ଯାଇଛି
ତମାଳ ତୂଳୀରେ ରଂଗ ଢାଳିଛି,
କିଏ ସେ ଦେବୀକା ଗୋପର ଗୋପିକା
ମେଘବର୍ଣ୍ଣା ମଧୁବାଳା
ଲିଭାଇ ଦେଇଛି, ହଜାଇ ଦେଇଛି
ତୁମ ବର୍ଷାମାସର, ବେଦନା ବିଧୁର
ବିରହର ମଧୁଜ୍ୱାଳା

ତୁମେ ଆସିବ କି ଥରେ
ଝରାଇ ମଧୁରେ
କଦମ୍ବବନର ବଂଶୀ

ଏଇ ବର୍ଷାମାସରେ
ବିରହ ବାସରେ
ତନୁତଟିନୀର ତିମିରିତ ତୀରେ
ବିହରିବ ବନହଂସୀ ।

+ ଅରଡ଼ ବଜାର, ବାଲେଶ୍ୱର
ମୋ: ୯୮୬୧୪୬୬୪୫୩

## ସୁରକ୍ଷା
### ଅନୁରାଧା ମିଶ୍ର



ପିନ୍ଧିଛତ ସୁରକ୍ଷା ର କବଚ
ସଂଯମତା ର ଅମ୍ଳାନ ବସ୍ତ୍ର
ଆଉ ପୁଣି ଭୟ କାହିଁକି ?

ଆଜି କାଲି ଢେର ବଦଳିଛି
ସଂପର୍କ ର ପରିଭାଷା
ସହଜରେ ଆଡେଇ ଯାଇ ହୁଏ
ଆତ୍ମୀୟ ମାନଙ୍କୁ ସ୍ୱାର୍ଥ ବା
ସ୍ୱାଭିମାନ ର ତେଜ ଦେଖାଇ
ପାରିବା ପଣ କାହା ପାଖରେ
ନାହିଁ କୁହ !

ସେ ଭାଙ୍ଗି ଦେବା ର ପ୍ରବୃତ୍ତି ହେଉ କି
ଗଢି ଦେବାର କୁଶଳତା ହେଉ
ସବୁଥିରେ ପାରଙ୍ଗମ ସର୍ବେ
କଥା କଥାକେ ତାତି ତତେଇ ପାରୁ
ନିଶବ୍ଦରେ ନିଶ୍ଚିହ୍ନ କରିଦେଇ ପାରୁ
ସଂପର୍କ ମାନଙ୍କୁ ଶୁଆଇ ଦେଇ ପାରୁ
ଅପଶବ୍ଦର କତରା ଲଗା ବିଛଣାରେ !!

ଇଷ୍ଟ ସମାନ ମଣିଷ ମାନଙ୍କୁ
ଜଳିବା ପୂର୍ବରୁ ଜାଳିଦେଉ
ଘୃଣା ର ଘୃତାଗ୍ନିରେ
ତଥାପି ଭଲମଣିଷର ମୁଖା ପିନ୍ଧି
ଡେଙ୍ଗୁରା ପିଟି ବେଶ୍ ଦୃଢ ରଖିଥାଉ
ନିଜର ଆସ୍ଥାନ ଟା ସମାଜ ରେ
କଳା, କୀର୍ତ୍ତି, ସେବା, ସମର୍ପଣର
ମହାନୁଭବତା ରେ
ସମୟ ସବୁର ସାକ୍ଷୀ ଥାଏ ବୋଲି
ଜୀବନ ବି ଦେଖାଏ ଅପୂର୍ବ ରଙ୍ଗ
ନିଜ ରକ୍ତ ଉଭା ହୁଅନ୍ତି ପ୍ରାଣଘାତକ ସାଜି
ସେବେ ବି କଣ ଥିବ କୁହ ଶୌର୍ଯ୍ୟବାନ
ଆଜି ର ଏ ପ୍ରବଳ ପ୍ରତାପ
ଯୁଦ୍ଧ ର ପରିଣାମ ତ ସଦାବେଳେ
କରୁଣ ବିଭୀଷିକା ସଂପର୍କର ପିଠି ପରେ
ରକ୍ତ ନଦୀ ସନ୍ତରଣର ଅଭିଜ୍ଞତା

ଏବେ ତ ଖାଲି ଅଜଣା ଏକ ଆତଙ୍କର ଶବ୍ଦରେ
ଏତେ ଶିହରଣ
ଏତେ ସୁରକ୍ଷା ର ବଳୟ ରଚିବା
କିବା ପ୍ରୟୋଜନ
ସହଜ ନୁହେଁ କି ପ୍ରଜ୍ଞାବାନ
ଜୀଇଯିବା ପ୍ରତି କ୍ଷଣ
ଗୋଟେ ନିଃସର୍ତ୍ତ ନିର୍ମୋହ ଜୀବନ!!

+ ଭଦ୍ରକ
(ମୋ)୭୦୦୮୧୩୩୧୭୪

## ଅଭିମାନ
### ବିଶ୍ୱରଞ୍ଜନ ଦାଶ



ଆକାଶରେ ଲାଖିରହି
ପବନରେ ଦୋହଲୁଛି
ଭୁତ କି ଫୁତ ନୁହଁ
ବାଇଚଡ଼େଇର ବସାଟେ ମୁଁ ଆଜି ।

ସ୍ୱପ୍ନ ଛୁଇଁବାର ଇଚ୍ଛାନେଇ
ଫିଙ୍ଗିଦିଏ ଆଜି ବାସ୍ତବତା
ପୁଙ୍ଗୁଳା ତନୁର ଦରଦି ସକାଳେ
ଅଣ୍ଡାଳୁଥାଏ ଇତିହାସ
ମାୟାବୀ ସହରର ଅନ୍ଧାରରେ
ନିଜକୁ ଜିମା ଦେଇ
ହେଉଛି ନିଜ ଠାରେ ନିଜେ ଲୋକହସା ।

ମୁଣ୍ଡପୋତା କେଳା
ମୁଖାପିନ୍ଧା ମଣିଷ
ଠିକଣା ଯୋଗାଡ଼ରେ
କେତେ କଣ ନ ଭୋଗିଛି ଆଖି
ଭାଙ୍ଗିବା-ଗଢିବା ପୁଣି ଭାଙ୍ଗିବାରେ
ଶୈଶବ ଝୁଣ୍ଟେଇଥିବା ସମୟ
ବୃଦ୍ଧ ସାଉଁଟୁଛି ।

ଶୁନ୍ୟେଇ ଯିବାର ଅବଶୋଷେ
ମଉଳିଯାଏ ମୋ ଅନ୍ତଃର୍ଦେହ
ଭରାନଇରେ ଭସାଇ ଦେଇ ମୋ ଅଭିମାନ
ବୋଝ ଲାଗେ ବୋଲି
ଓଠରୁ ଉତାରିଦେଇ
ବାଡ଼ିପଟେ ଟାଙ୍ଗି ଦେଇଛି ପରିଚୟ ।

ଶୋଷିଲା ଶାମୁକା ଆଁ ରେ
ସମର୍ପି ଦେଇଛି ହାତ
ଗୋଡ଼ କିନ୍ତୁ ପଦ୍ମାସନରେ ଭୂଇଁ ଛାଡୁନି
ଶହେଥର ମରି ବି
ମୃତ୍ୟୁକୁ ହାତଛଡା କରିଥିବା ମୁଣ୍ଡକୁ ଟେକି
ଅନେଇ ରହିଛି
ଶୋଭାଯାତ୍ରା ଶବଯାତ୍ରା ବିନା
ଦରମଲା ଦେହ ସହିବ
ଅଭିମାନର ପୋଡା-ପଚାଗନ୍ଧ ।

+ ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ : ୮୭୬୩୦୦୪୮୭୩

## ଏଇ ରାତିକ କଥା
### ଆନନ୍ଦ କୁମାର ମାଇତି



ଏବେ ଏବେ ଭୋର୍ ହେବା ପୂର୍ବ ରାତିରେ
ଏକ ନିର୍ଦ୍ଧିଷ୍ଟ ମୁହୂର୍ତ୍ତରେ
ଭୁତ ସହ ମୋର ସାକ୍ଷାତ।

ଓଃ,କି ବିଦିର୍ଣ୍ଣ କଦାକାର ତା ଯନ୍ତ୍ରଣା
ଅସଜଡ଼ା ପଣରେ
ଛାତିରେ ଛାତିଯେ ଜମାଟ ଦୀର୍ଘ ଶ୍ୱାସ
କି ବିଚଳିତ କରୁଛି ତାକୁ ଅହର୍ଣିଶି !
ଆଶ୍ଚର୍ଯ୍ୟ ଯାଚନାରେ
ଦପ୍ ଦପ ହୋଇ ଜଳି ଚାଲିଛି
ତା କରୋଟି ଭିତରର ଶୁଖିଲା ଆଖି ଯୋଡ଼ିକ
ଅବିରାମ।

ସେ ନିସ୍ତାର ଚାହେଁ
ପହାଡେ ବୋଝରୁ ହାଲୁକା ହେବାକୁ ଚାହେଁ
ନାହିଁ ନଥିବା ଯନ୍ତ୍ରଣା ଠୁ
କେତେ ମୃତ୍ୟୁ ସମ୍ବାଦ ଠାରୁ,
ବ୍ୟେଥିତ ବ୍ୟାକୁଳ ଇତିହାସ,
କ୍ଷତାକ୍ତ ଆହତ ସଭ୍ୟତା
ମର୍ମାନ୍ତିକ ଗ୍ଲାନି ବୋଝେଇ ଫୁସ୍ ଫୁସ୍ ରୁ ଆଉ
ଦଗ୍ଧ ବିଷାଦ କାକୁସ୍ଥ ପଣିଆରୁ।

ଅଥଚ ମୁଁ ପାଶାଣ୍ଡ ଡରିଗଲି
କିନ୍ତୁ ସେ ମୋତେ ଅଭୟ ଦେଲେ
ତାର ଆଉ ଲୋଡ଼ା ନାହିଁ ମଣିଷ ରକ୍ତ
କି ଉତ୍ତରାଧିକାରୀର ବିଲ୍ୱଫଳାକର ଅନ୍।ଦି
ଦରକାର ଖାଲି ଜଣେ ମେଧାବୀ ଶିକ୍ଷକ
ଯେ ନିର୍ମମ ସାଧନା ବଳରେ ଆୟତ୍ତ କରିପାରିଛି
ମାନବ ଉପାଧି।
ଯିଏ ବୁଝେଇ ପାରିବ ମଣିଷ ଶବ୍ଦର ମାନବୀୟ
ବ୍ୟାକରଣ
ଜୀବିତ ଜୀବନର ପୁଷ୍ପିତ ବିଜ୍ଞାନ
ସାହିତ୍ୟ ସଭ୍ୟତାର ମୌଳିକ ଉପାଦାନ
ମାଟି ଆଉ ମଣିଷର ପ୍ରେମ ଉପମା
ସ୍ୱାଧୀନତା ପାଇଁ ଅନୁପମ ଯୁଦ୍ଧରେ ଏକାକାର
ତାଜା ରକ୍ତର ମର୍ମ୍ କାହାଣୀ ର ଅର୍ଥ।

ତେବେ ଯାଇ ତା ଯନ୍ତ୍ରଣା ଜ୍ୱାଳାର
ଅବସାନ ଘଟିବ।

+ ଏରସମା, ଜଗତସିଂହପୁର
ମୋ -୯୪୩୯୦୭୭୩୯୫

## ପ୍ରତୀକ୍ଷାରେ ଦିବାକର ସାର୍
### ଜଗନ୍ନାଥ ପ୍ରଧାନ

ସକାଳର ଅସରାଏ ବର୍ଷାରେ
ଧୋଇ ହେଇଥିଲେ ବି
ପିଚୁ ରାସ୍ତାଟା ଆଜିକାଲି
ସ୍କୁଲ୍ ପିଲାଙ୍କୁ ନ ଦେଖି ନିସ୍ତେଜ ଦିଶୁଛି,

ଫୁର୍ତ୍ତି ନାହିଁ ପବନରେ
ସେମାନଙ୍କ ସାଇକେଲ୍ ବେଲ୍
ଶୁଣାଯାଉ ନ ଥିବାରୁ
ଯାହା ରାସ୍ତାକଡ଼ ଜଡ଼ିବୁଟି ତମ୍ବୁର
ମାଇକ୍ ଶବ୍ଦକୁ ଭେଦ କରି ଶୁଭୁଥିଲା,

ଦିବାକର ସାରଙ୍କୁ ଲାଗୁଛି
ଯେମିତି ଥୁଣ୍ଟା ଗଛରେ ଝୁଲୁଛି
ଶିକ୍ଷାର ଅଧୂରା ସ୍ୱପ୍ନ
ଯୋଉ ସ୍ୱପ୍ନ ପୂରା ହୁଏ
ଶିକ୍ଷାର୍ଥୀ, ଶିକ୍ଷକ ଓ ଶିକ୍ଷାୟତନକୁ ନେଇ
ସେ ଏବେ ସେଇ ସୁଦିନର ପ୍ରତୀକ୍ଷାରେ
ଯେବେ ବିଷାଣୁର ଅବରୋଧ ନ ଥିବ
ଶୈକ୍ଷିକ ସାଧନାର ପଥରେ
ପୂର୍ବବତ୍ ପିଲାମାନେ ସ୍କୁଲ୍ କୁ ଆସିବେ
ପୁଣି ସେଇ କୋମଳ କଣ୍ଠରେ
ଶୁଭିବ 'ଆହେ ଦୟାମୟ ବିଶ୍ୱବିହାରୀ...'

ସେ ଚକ୍ ଡ଼ଷ୍ଟର୍ ଧରି
ପଢ଼ାଇବେ ଶ୍ରେଣୀ ପ୍ରକୋଷ୍ଠ ଭିତରେ
ତାଙ୍କ ସ୍ୱପ୍ନ ଉଦଭାସିତ ହେଉଥିବ
ସୂର୍ଯ୍ୟ ପରି
ଫର୍ଚ୍ଚା କିରଣରେ ଚମକୁଥିବେ ପିଲାମାନେ
ସ୍କୁଲ୍ କାନ୍ଥରେ ପୁଣି ଉଜ୍ଜ୍ୱଳ ଦିଶିବ
ବିଦ୍ୟାର ସ୍ଥାପତ୍ୟ ଆଉ
ଉପବନ ହସୁଥିବ ଆଗଭଳି
ପ୍ରସୂନର ସୁରଭି ଓ ସୌରଭରେ !

+ କେଳାକଟା, ବୌଦ୍ଧ

## ତଥାପି ବି ଚାଲିଥାଏ
### କ୍ଷୀରୋଦ କୁମାର ସେଠୀ

ସତରେ....
ଅଙ୍କା ବଙ୍କା ଭାରି ଜୀବନର ରାସ୍ତା
ଲାଗଇ ଜଟିଳ ଜ୍ୟାମିତି
ଆଙ୍କି ହୁଏ ନାହିଁ ଜୀବନ ଆକୃତି
ବୁଝି ହୁଏ ନାହିଁ ରେଖା ପରିଧି
ଅମାପ ରାସ୍ତାକୁ ମାପି ମାପି ପାଦ
ତଥାପି ବି ଚାଲିଥାଏ.....

ଚାଲୁ ଚାଲୁ କେବେ ପାଲଟି ଯାଏ
ଦିଗହରା ପଥିକ ପରି
ସାମ୍ନା କରେ ଯନ୍ତ୍ରଣାର ମରୁଭୂମି
ଯେଉଁଠି ମେଣ୍ଟେନାହିଁ ଶୋଷ
ଆତୁର ଓଠଟି ପଛକୁ ନଚାହିଁ
ତଥାପି ବି ଚାଲିଥାଏ......

ପୁଣି କେବେ ମନେ ଉଙ୍କି ମାରିଥାଏ
ଟିକିଏ ଆଶ୍ୱସ୍ତି ପାଇଁ
ଯାଆନ୍ତାକି ମିଳି ସ୍ୱପ୍ନର ଝରଣା
ତା'ପ୍ରେମେ ଭିଜିବା ପାଇଁ
କୁଳୁକୁଳୁ ନାଦ ଶୁଣାଏ ସିନାସେ
ଠିକଣା ଦେଖାଏ ନାହିଁ
ନଦୀ ନାଳ କଣ୍ଟା ଫୁଲକୁ ଏଡେଇ
ତଥାପି ବି ଚାଲିଥାଏ........

ଜୀବନ ରାସ୍ତାର ଦୁର୍ଗମ ପଥରେ
କିଏ ସାଜେ ମହାବଳ
କିଏ ପୁଣି ସାଜି ପ୍ରେମ ପ୍ରଜାପତି
ଉଡ଼ି ବୁଲେ କୁଞ୍ଜବନେ
ପ୍ରେମ-ପ୍ରତାରଣା ବିଷାଦ ମନରେ
ତଥାପି ବି ଚାଲୁଥାଏ.......

ଜୀବନର ରାସ୍ତା ସରି ସରି ଚାଲେ
କ୍ଷତାକ୍ତ ପାଦଟି ମନକୁ ପଚାରେ
କେତେ ମୁଁ ଚାଲିବି ଆଉ ?
ଉତ୍ତରରେ ମନ କାନେ କହିଯାଏ
ସଉଦା ସରିବା ଯାଏ
ଜୀବନ ରାସ୍ତାର ସଂଜ୍ଞା ବୁଝିସାରି
ତଥାପି ବି ଚାଲିଥାଏ......

ଜୀବନ ରାସ୍ତାର ଶେଷ ଠିକଣାଟି
ଭାଗ୍ୟ ଲଫାପାରେ ବନ୍ଧା
ଜୀବନରେ ଯେବେ ଆସିବ ସନ୍ଧ୍ୟା
ଲଫାପାର ଜଉ ଆପେ ଖୋଲିଯିବ
ପାଇବ ଶେଷ ଠିକଣା
ଜୀବନର ସବୁ ଅସ୍ପଷ୍ଟ ଜାଣିବି
ତଥାପି ବି ଚାଲୁଥାଏ...!

ଅଳକାପୁରୀ ଷଷ୍ଠ ଲାଇନ
ପୋ: ଇଂଜିନିୟରିଂ ସ୍କୁଲ
ବ୍ରହ୍ମପୁର-୧୦, ଗଂଜାମ
ମୋ : ୮୨୪୯୦୨୪୫୫୧

## ଆଶ୍ୱାସନା
### ରାଧାମୋହନ ପାଣିଗ୍ରାହୀ



ସବୁ କଥା କହିବା ସମ୍ଭବ ନୁହେଁ ବୋଲି
ଚିରଦିନ ଅକୁହା ହୋଇ ରହିଯାଏ
ଜୀବନରେ ଅନେକ କଥା।


ଛନ୍ଦହୀନ ଶୁନ୍ୟତା ଭିତରେ
ହୃଦୟ ଝରକା ଖୋଲି
ସମସ୍ତ କଥା ଓ ବ୍ୟଥାକୁ
ନା କହିହୁଏ ଅବା ବାଣ୍ଟି ହୁଏ।

ସୁଖ କଳ୍ପନାରେ ହଜିଯାଉଥିବା ମନ
ଭାବନାର ଅତଳପାଣିରେ
ଅହରହ ହେଉଥାଏ ଭାବାବିଷ୍ଟ
ତଥାପି;
ମନରେ ଉଚ୍ଛୁଳା ବିକ୍ଷିପ୍ତ ଭାବ
ହୃଦୟତଟର ବାରମ୍ବାର ଧକ୍କା ଖାଇ
ସଜାଡି ହେବାକୁ କରୁଥାନ୍ତି ପ୍ରୟାସ।

ଗଭୀର ବିଶ୍ୱସ୍ତତାରେ
ଦୁଃଖ ପାହାଡ଼ରୁ ମୁକୁଳି ନପାରିଲେ ବି
ଅଭିମାନରେ ଲମ୍ବୁଥିବା ପ୍ରତି ମୁହୂର୍ତ୍ତକୁ
ଉପାୟହୀନତାର କ୍ଷୀଣ ଆପତ୍ତି ଭୁଲାଇ
ଅଦ୍ୟାବଧି ନିଜକୁ ପ୍ରସ୍ତୁତ କରୁଥାଏ
ନିରିମାଖୀ ହୃଦୟ !!

+ ଗ୍ରାମ-ପଦ୍ମପୁର, ଜିଲ୍ଲା-ରାୟଗଡ଼ା
(ମୋ)୮୮୯୫୮୭୩୭୩୩

# ଦେଶବିଦେଶରେ ମହକିବ 'କୋରାପୁଟ କଫି'



ଭୁବନେଶ୍ୱର,୯/୮ (ନି.ପ୍ର): କୋରାପୁଟ ଜିଲ୍ଲାର ଏକ ନିର୍ଦ୍ଦିଷ୍ଟ ଅଂଚଳରେ ଉତ୍ପାଦନ ହେଉଥିବା 'କୋରାପୁଟ କଫି' ଦେଶବିଦେଶର କୋଣଅନୁକୋଣରେ ନିଜର ଉପସ୍ଥିତି ଜାହିର କରିବାକୁ ଯାଉଛି। ରାଜ୍ୟର କଫି ଚାଷୀଙ୍କ ଉନ୍ନତି ଓ ସମୃଦ୍ଧି ପାଇଁ ଟିଡିସିସିଓଏଲର ପ୍ରୟାସରେ 'କୋରାପୁଟ କଫି'ର ବିକ୍ରିବଟା ପାଇଁ 'ଟାଟା କଫି' ସହମତି ପ୍ରକାଶ କରିଛି। ଏହାର ସ୍ୱତନ୍ତ୍ରତାକୁ ବଜାୟ ରଖିବା ଉପରେ ଗୁରୁତ୍ୱ ଦେଇ 'ଟାଟା କଫି' ପ୍ରଥମ ଥର ପାଇଁ ଓଡ଼ିଶାରୁ କଫି କ୍ରୟ କରିବାକୁ ଯାଉଛି।

କୋରାପୁଟରେ କଫି ଚାଷକୁ ବ୍ୟାପକ ଏବଂ ସମୃଦ୍ଧ କରିବାରେ କଫି ଚାଷୀଙ୍କ ଅବଦାନକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କସମପଦର ଗାଁର ସୁଲୋଚନା ଖରଙ୍କ ଉଚ୍ଚ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, 'ଟିଡିସିସିଓଏଲକୁ ୨୦୦ କେଜିରୁ ଉର୍ଦ୍ଧ୍ୱ କଫି ଫଳ ବିକ୍ରି କରି ସୁଲୋଚନା ଖର ସଫଳ କଫି ଚାଷୀ ଭାବେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି। 'କୋରାପୁଟ କଫି'ର ଚାହିଦା ପୂରଣରେ ତାଙ୍କ ପରି ଚାଷୀଙ୍କ ନିଷ୍ଠା ଓ ପ୍ରତିବଦ୍ଧତା ଅତ୍ୟନ୍ତ ପ୍ରଶଂସନୀୟ।

'କଫି ଚାଷୀଙ୍କ ଆର୍ଥିକ-ସାମାଜିକ ଉନ୍ନତି ପାଇଁ ରାଜ୍ୟ ସରକାର କରୁଥିବା ପ୍ରୟାସରେ 'ଟାଟା କଫି'ର ସହଯୋଗ ସେମାନଙ୍କ କଲ୍ୟାଣରେ ସହାୟକ ହେବ। କୋଭିଡ ସଙ୍କଟ ସମୟରେ ଆଦିବାସୀଙ୍କ ଜୀବନଜୀବିକା ସୁରକ୍ଷିତ କରିବାରେ ଏହା ବଡ଼ ଗୁରୁତ୍ୱ ବହନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କୋରାପୁଟ କଫି ଜରିଆରେ ଆଦିବାସୀଙ୍କ ଜୀବିକା ସୁରକ୍ଷିତ କରିବା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛନ୍ତି। ଜୁନ ୨୦୨୧ ସୁଦ୍ଧା ୩୦,୦୦୦ ପରିବାରକୁ ୪୬,୦୦୦ ଏକରର ଜଙ୍ଗଲ ଜମି ଅଧିକାର ପ୍ରଦାନ କରାଯାଇଛି। ୨୦୨୦-୨୧ରେ କୋରାପୁଟ ଜିଲ୍ଲାର 'ଲକ୍ଷ୍ମୀପୁର', 'କାଶିପୁର', 'ଦସମନ୍ତପୁର', 'ନନ୍ଦପୁର', 'ଲମଟାପୁଟ', 'କୋରାପୁଟ' ଓ 'ପଟ୍ଟାଙ୍ଗି' ବ୍ଲକର ୧୯୩ ଜଣ ଆଦିବାସୀ କଫି ଚାଷୀଙ୍କଠାରୁ ଟିଡିସିସିଓଏଲ ୨୮,୭୯୦ କେଜି କଫି ଚେରୀ ସଂଗ୍ରହ କରିଛି। ୨୧-୨୨ ବର୍ଷରେ ଅଧିକ ୮୦ ହେକ୍ଟର ଜମିରେ କଫି ଉତ୍ପାଦନ ପାଇଁ ଲକ୍ଷ୍ୟ ରହିଛି। ଚଳିତ ବର୍ଷ କଫି ଉତ୍ପାଦନକାରୀଙ୍କୁ ଦକ୍ଷତା ବୃଦ୍ଧି ତାଲିମ ଦିଆଯାଇଥିବାରୁ ଗତ ବର୍ଷ ଅପେକ୍ଷା ଅଧିକ କଫି ଉତ୍ପାଦନ ହେବ ବୋଲି ଆଶା ରଖାଯାଇଛି।

# ନୂତନ ଏଚ୍‌ଆର୍‌ଜି ହଟ୍‌ସ୍ପଟ୍ ମ୍ୟାପିଂ ଆରମ୍ଭ: ଡିସେମ୍ବର ସୁଦ୍ଧା ମ୍ୟାପିଂ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ

ଭୁବନେଶ୍ୱର ,୯/୮ (ନି.ପ୍ର): ରାଜ୍ୟରେ ନୂତନ ହାଇରିସ୍କ ଗ୍ରୁପ୍ ବା ଏଚ୍‌ଆରଜିଙ୍କ ହଟ୍‌ସ୍ପଟ୍ ମ୍ୟାପିଂ ଆରମ୍ଭ ହୋଇଛି। ପୂର୍ବରୁ ଯେଉଁ ଅଞ୍ଚଳରେ ଏଚ୍‌ଆଇଭି ଆକ୍ରାନ୍ତଙ୍କ ହଟ୍‌ସ୍ପଟ୍ ରହିଥିଲା, ତାହା ବାଦ୍ ଅନ୍ୟ କେଉଁ ଅଞ୍ଚଳରେ ନୂତନ ହଟସ୍ପଟ୍ ସୃଷ୍ଟି ହୋଇଛି ତାହାର ମ୍ୟାପିଂ ହେବ। ଜିଲ୍ଲାସ୍ତରରେ ଏଚ୍‌ଆଇଭିଙ୍କ ପାଇଁ କାର୍ଯ୍ୟ କରୁଥିବା ଟିଆଇ ବା ଟାର୍ଗେଟେଡ୍ ଇଣ୍ଟରଭେନ୍‌ସ ଏନ୍‌ଜିଓଙ୍କ ଦ୍ୱାରା ଏହି କାର୍ଯ୍ୟ କରାଯିବ। ଆସନ୍ତା ଡିସେମ୍ବର ସୁଦ୍ଧା ଏହି କାର୍ଯ୍ୟ ଶେଷ କରିବାକୁ ରାଜ୍ୟ ଏଡ୍‌ସ୍ ନିୟନ୍ତ୍ରଣ ସମିତି ବା ଓସାକ୍ସ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ରାଜ୍ୟରେ ନୂତନ ଏଚ୍‌ଆରଜି ହଟ୍‌ସ୍ପଟ୍ ମ୍ୟାପିଂ କରିବା ଲାଗି ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସଂସ୍ଥା ବା ନାକୋ ପକ୍ଷରୁ ସବୁ ରାଜ୍ୟକୁ ନିର୍ଦ୍ଦେଶ ଦିଆଯାଇଥିଲା। କରୋନା ସଂକ୍ରମଣ ପାଇଁ ଏହା ବିଳମ୍ବିତ ହୋଇଛି। ତେବେ ସଂକ୍ରମଣ ହ୍ରାସ ପାଇବା ପରେ ଏବେ ନିକଟରେ ପୋଗ୍ରାମେଟିକ୍ ମ୍ୟାପିଂ ଏଣ୍ଡ ପପୁଲେସନ୍ ସାଇଜ୍ ଏଷ୍ଟିମେସନ୍ ବା ପି-ଏମ୍‌ପିଏସ୍‌ଇ ପାଇଁ ଏକ ରାଜ୍ୟସ୍ତରୀୟ ଷ୍ଟିୟରିଂ କମିଟି ଗଠନ କରାଯାଇଛି। ଏଥିରେ ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶିକା ଡା. ସଂଯୁକ୍ତା ସାହୁଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ, ଓସାକ୍ସର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶିକା, ଭୁବନେଶ୍ୱର ଏମ୍‌ସର କମ୍ୟୁନିଟି ମେଡିସିନ୍‌ର ପ୍ରଫେସର, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଜେନେରାଲ ଷ୍ଟଡିଜ୍‌ର ପ୍ରଫେସର, ଯୁବ ରେଡକ୍ରସ ଅଧିକାରୀ ଓ ଅନ୍ୟମାନେ ରହିଛନ୍ତି। ନିକଟରେ ଏହାର ଏକ ବେ?ଠକ ଅନୁଷ୍ଠିତ ହୋଇଥିଲା। ଏହି କମିଟି ଜିଲ୍ଲାସ୍ତରୀୟ ହେଉଥିବା ମ୍ୟାପିଂର ନିରୀକ୍ଷଣ କରିବେ।

ରାଜ୍ୟରେ ଚଳିତବର୍ଷ ଜୁଲାଇ ପର୍ଯ୍ୟନ୍ତ ୫୩୫୬୧ ଏଚ୍‌ଆଇଭି ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ଏଥିରେ ୧୦,୧୬୦ ମହିଳା ଯୌନକର୍ମୀ, ୨୬୨୦ ପୁରୁଷ ଯୌନକର୍ମୀ ବା ଏମ୍‌ଏସ୍‌ଏମ୍, ୨୧୦୦ ଆଇଡିୟୁ ଓ ୨୩୩୦ ଟିଜି ଏଚ୍‌ଆଇଭି ଆକ୍ରାନ୍ତ ରହିଛନ୍ତି। ଏହାସହ ଟ୍ରକର ଓ ଅନ୍ୟ ଗ୍ରୁପ୍ ମଧ୍ୟ ରହିଛି। ତେବେ ଟ୍ରକର ଓ ଅନ୍ୟ ଗ୍ରୁପ୍‌କୁ ବାଦ୍ ଦେବା ପରେ କେବଳ କୋର ଗ୍ରୁପ୍‌କୁ ନେଇ ମ୍ୟାପିଂ କରାଯିବ। ଫଳରେ ସେହି ଅଞ୍ଚଳରେ ଏଚ୍‌ଆରଜି ସଂପର୍କରେ ତଥ୍ୟ ମିଳିପାରିବ। ରାଜ୍ୟରେ ଏବେ ୨୫ଟି ଟିଆଇ ଜିଲ୍ଲା କାର୍ଯ୍ୟ କରୁଛନ୍ତି। ଜିଲ୍ଲା ପ୍ରଶାସନ ସହାୟତାରେ ଟିଆଇ ଏହି ମ୍ୟାପିଂ କରିବେ ବୋଲି ସୂଚନା ମିଳିଛି। ଓସାକ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ମିଳିତ ଜାତିସଂଘ ବା ୟୁଏନ୍ ପକ୍ଷରୁ ୨୦୩୦ ସୁଦ୍ଧା ଏଚ୍?ଆଇଭି ନିରାକରଣ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏଭଳି ପରିସ୍ଥିତିରେ ନୂତନ ମ୍ୟାପିଂ ଅତ୍ୟନ୍ତ ଜରୁରୀ ହୋଇପଡୁଛି। ଫଳରେ ନୂଆ ହଟ୍‌ସ୍ପଟ୍ ଚିହ୍ନଟ ହେବା ସହ ଏଚ୍‌ଆରଜି ସଂପର୍କରେ ତଥ୍ୟ ମିଳିପାରିବ। ନୂତନ ଆକ୍ରାନ୍ତମାନଙ୍କୁ ବର୍ଷକୁ ଦୁଇଥର ନାକୋର ଗାଇଡଲାଇନ୍ ଅନୁଯାୟୀ ଆବଶ୍ୟକ ସେବା ଯୋଗାଇ ଦିଆଯିବ। ହଟ୍‌ସ୍ପଟ୍ ଚିହ୍ନଟ ହେବା ପରେ ଏ ସଂପର୍କରେ ନାକୋକୁ ସୂଚନା ଦିଆଯିବ। ଫଳରେ ନାକୋ ପକ୍ଷରୁ ଏନେଇ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରାଯିବ। ୨୦୧୭ ମସିହାରେ ରାଜ୍ୟରେ ଶେଷଥର ଲାଗି ସେଣ୍ଟିନାଲ ସର୍ଭେ କରାଯାଇଥିଲା। ଏହା ଅନୁଯାୟୀ ଏବେ ରାଜ୍ୟରେ ଏଚ୍‌ଆଇଜି କାର୍ଯ୍ୟକ୍ରମ କରାଯାଉଛି। ନୂତନ ଏଚ୍‌ଆରଜି ହଟସ୍ପଟ୍ ମ୍ୟାପିଂ ପରେ ସେହି ଲୋକମାନଙ୍କ ଉପରେ ଅଧିକ ଫୋକସ୍ କରାଯିବ ବୋଲି କୁହାଯାଇଛି।

# ୪ ନମ୍ବର ମାଛ ମାର୍କେଟ ସିଲ୍

ଭୁବନେଶ୍ୱର,୯/୮ (ନି.ପ୍ର): ଭୁବନେଶ୍ୱର ସ୍ଥିତ ୪ ନମ୍ବର ମାଛ ମାର୍କେଟ ସିଲ୍ ହୋଇଛି। ସଟ୍ ଡାଉନ୍ ରେ ମାର୍କେଟ୍ ଖୋଲା ଥିବାରୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ ଏହାକୁ ସିଲ୍ କରିଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)।

କଟକଣା କୋହଳ ହୋଇଥିଲେ ବି କରୋନା ସଂକ୍ରମଣ କମି ନଥିବାରୁ ଭୁବନେଶ୍ୱରରେ ଏବେ ବି ପ୍ରତି ଶନିବାର ଓ ରବିବାର ସପ୍ତାହାନ୍ତ ସଟ୍ ଡାଉନ୍ ବଳବତର ରହିଛି। ତେବେ ଏହି କଟକଣାକୁ ଅମାନ୍ୟ କରି ଆଜି ୪ ନମ୍ବର ମାଛ ମାର୍କେଟ୍ ରେ କିଛି ଦୋକାନ ଖୋଲାଥିଲା। ଖବର ପାଇ ବିଏମ୍‌ସିର ଏକ ଟିମ୍ ମାର୍କେଟରେ ଚଢାଉ କରିଥିଲେ।

ଜେଡିସି ଅଂଶୁମାନ ରଥ କହିଛନ୍ତି, ଗତ ସପ୍ତାହରେ ମଧ୍ୟ ସଟ୍ ଡାଉନ୍ ବେଳେ ଶନିବାର ଓ ରବିବାର ଦିନ ଏଠାରେ କିଛି ଦୋକାନ ଖୋଲା ହୋଇଥିଲା। ସେତେବେଳେ ବିଏମ୍‌ସି ପକ୍ଷରୁ ସେମାନଙ୍କୁ ଚେତାବନୀ ଦିଆଯାଇଥିଲା ଏବଂ ଏନେଇ ମାର୍କେଟ୍ ଆସୋସିଏସନ୍ ସହିତ ଆଲୋଚନା କରାଯାଇଥିଲା। ସଟ୍ ଡାଉନ୍ ରେ ଦୋକାନ ଖୋଲିବେ ନାହିଁ ବୋଲି ସଂଘ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଆଜି ସକାଳେ ତିନିଟି ଦୋକାନ ଖୋଲାଥିବା ଖବର ପାଇଲୁ। ତେବେ ଏଠାରେ ଆହୁରି ଅନେକ ଦୋକାନ ଖୋଲା ରହିଥିଲା ଓ ବ୍ୟବସାୟ ଚାଲିଥିଲା। ସେଥିପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅନିର୍ଦ୍ଦିଷ୍ଟ କାଳ ପାଇଁ ଏହି ମାଛ ମାର୍କେଟକୁ ସିଲ୍ କରି ଦିଆଯାଇଛି।

# ବର୍ତ୍ତମାନ ସୁଦ୍ଧା ମୋଟ ୧ କୋଟି ୭୮ ଲକ୍ଷ ଟିକାକରଣ ସରିଛି: ପରିବାର କଲ୍ୟାଣ ନିର୍ଦ୍ଦେଶକ



ଭୁବନେଶ୍ୱର: ରାଜ୍ୟରେ ଟିକାକରଣ ସ୍ଥିତି ନେଇ ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ମୋଟ ୧ କୋଟି ୭୮ ଲକ୍ଷ ଟିକାକରଣ ସରିଛି । ପ୍ରଥମ ଡୋଜ ୧ କୋଟି ୩୭ ଲକ୍ଷ ଓ ଦ୍ୱିତୀୟ ଡୋଜ ୪୧ ଲକ୍ଷ ଲୋକ ନେଇଛନ୍ତି। ୪୦ ପ୍ରତିଶତ ଲୋକଙ୍କୁ ପ୍ରଥମ ଡୋଜ ଦିଆଯିବାର ଥିଲା। ଏବେ ରାଜ୍ୟରେ କୋଭାକ୍ସିନ କମ୍ ଅଛି। ଏଣୁ ସାମାନ୍ୟ ଅସୁବିଧା ହୋଇଛି। ଟିକା ଆସିଲେ ସମସ୍ୟା ଦୂର ହେବ। ସେ ଆହୁରି ମଧ କହିଛନ୍ତି, ଗର୍ଭବତୀ ମହିଳାଙ୍କର ଟିକାକରଣ ଚାଲିଛି। ଇତିମଧରେ ୫୭ ହଜାର ଜଣ ଗର୍ଭବତୀଙ୍କୁ ଟିକା ଦିଆଯାଇଛି। ୧୩୫୩ କେନ୍ଦ୍ରରେ ଟିକାକରଣ ହେଉଛି। ସମ୍ଭାବ୍ୟ ତୃତୀୟ ଲହର ପୂର୍ବରୁ ଅଧିକରୁ ଅଧିକ ଟିକାକରଣ ପାଇଁ ଯୋଜନା କରାଯାଇଛି। ଟିକାକରଣରେ ପ୍ରଥମେ ସହରାଞ୍ଚଳକୁ ଫୋକସ କରାଯାଉଥିବା ବେଳେ ୮୦ ପ୍ରତିଶତ ସରିଲାଣି। ଏବେ ଗ୍ରାମାଞ୍ଚଳକୁ ଫୋକସ କରାଯାଉଛି। ତୃତୀୟ ଲହର ସଂପର୍କରେ ସୂଚନା ଦେଇ ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ କହିଛନ୍ତି, ଏହା ଏତେ ପ୍ରଭାବିତ ହେବନି ବୋଲି ଆଶା କରାଯାଉଛି। ୧୫ ପ୍ରତିଶତ ଶିଶୁ ଆକ୍ରାନ୍ତ ହେବା ଆଶଙ୍କା କରି ପ୍ରସ୍ତୁତି କରାଯାଉଛି। ତେବେ ଏଥିଲାଗି ସରଞ୍ଜାମ, ମାନବସମ୍ବଳ, ତାଲିମ ଉପରେ ଗୁରୁତ୍ୱ ଦିଆଯାଉଛି। ଆଜି ଠୁ ଶିଶୁଙ୍କ ଚିକିତ୍ସା ନେଇ ତାଲିମ ଆରମ୍ଭ ହୋଇଛି। ଆଗଧାଡ଼ିର ଯୋଦ୍ଧା, ଅଙ୍ଗନବାଡି, ଆଶାକର୍ମୀମାନଙ୍କର ତାଲିମ ଶେଷ ହୋଇଛି। ଆଗକୁ ଶିଶୁମାନେ ଯଦି ସଂକ୍ରମିତ ହୁଅନ୍ତି ସେମାନେ କିପରି ସଠିକ ଚିକିତ୍ସା ପାଇ ପାରିବେ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ଟିକା ମିକ୍ସ ନେଇ କିଛି ପରାମର୍ଶ ଆସିନି। ବୈଜ୍ଞାନିକ ସମ୍ମତ ହେବା ପରେ ତାହା ଆସିଲେ ସେନେଇ ଚିନ୍ତା କରାଯିବ।

ଟିକା ସାର୍ଟିଫିକେଟ ଡାଉନଲୋଡ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ହେଲ୍ପ ଡେସ୍କ ଜାରି କରାଯାଇଛି। ହ୍ୱାଟ୍ସଆପ ନମ୍ବରରୁ ଟିକାକରଣ ସାର୍ଟିଫିକେଟ ଡାଉନଲୋଡ କରିହେବ। ଅନ୍ୟ ସୂଚନା ମଧ ପାଇପାରିବେ। ୯୦୧୩୧ ୫୧୫୧୫ ନମ୍ବରକୁ ଆଡ୍ କରି ସାର୍ଟିଫିକେଟ ଡାଉନଲୋଡ୍ କରାଯାଇପାରିବ ବୋଲି ସେ ସୂଚନା ଦେଇଛନ୍ତି।

## ସର୍ବଭାରତୀୟ ଓବିସି ମୋର୍ଚ୍ଚାରେ ଦୁଷ୍ମନ୍ତ



ଭୁବନେଶ୍ୱର,୯/୮ (ନି.ପ୍ର): ରାଜ୍ୟ ବିଜେପି ଓବିସି ମୋର୍ଚ୍ଚାର ପୂର୍ବତନ ଉପସଭାପତି ଦୁଷ୍ମନ୍ତ ଦାସଙ୍କୁ ଓବିସି ମୋର୍ଚ୍ଚାର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି । ଏଥି ପାଇଁ ସେ ଦଳର ସର୍ବ ଭାରତୀୟ ସଭାପତି ଜେପି ନଡ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓବିସି ମୋର୍ଚ୍ଚାର ଜାତୀୟ ସଭାପତି ଡ. କେ ଲକ୍ଷ୍ମଣଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ସ୍ୱାଧୀନତା ଦିବସ ପାଇଁ ତିନି ସହରରେ ସଟ୍ ଡାଉନ୍ କୋହଳ

ଭୁବନେଶ୍ୱର ,୯/୮ (ନି.ପ୍ର): ଏବେ ଭୁବନେଶ୍ୱର, କଟକ ଓ ପୁରୀ ସହରରେ ସପ୍ତାହନ୍ତ ସଟ୍‌ଡାଉନ୍ ଜାରି ରହିଥିବାରୁ ସ୍ୱାଧୀନତା ଦିବସ ଉପଲକ୍ଷେ ଆସନ୍ତା ୧୫ତାରିଖ (ରବିବାର) ଏହାକୁ କିଛିମାତ୍ରାରେ କୋହଳ କରାଯାଇଛି। ଆସନ୍ତା ରବିବାର ଉପରୋକ୍ତ ତିନି ସହରରେ ଲୋକମାନେ ପୂର୍ବାହ୍ନ ୧୧ଟା ମଧରେ ସର୍ବାଧିକ ୧୦ଜଣ ଲୋକଙ୍କୁ ନେଇ ଜାତୀୟ ପତାକା ଉତ୍ତୋଳନ କରିପାରିବେ ବୋଲି ଆଜି ସ୍ୱତନ୍ତ୍ର ରିଲିଫ କମିସନର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏସ୍‌ଆରସିଙ୍କ ନିର୍ଦ୍ଦେଶନାମା ଆନୁଯାୟୀ, ଉପରୋକ୍ତ ତିନି ସହର ବାଦ୍ ରାଜ୍ୟର ବାକି ସ୍ଥାନରେ ସର୍ବାଧିକ ୨୦ଜଣ ଲୋକଙ୍କୁ ନେଇ ଜାତୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ହେବ। କାର୍ଯ୍ୟକ୍ରମ ଅବସରରେ ମାସ୍କ ପିନ୍ଧିବେ, ସାମାଜିକ ଦୂରତା ରଖିବେ ଏବଂ ସମସ୍ତ କୋଭିଡ କଟକଣା ପାଳନ କରିବେ। ଏହି ନିର୍ଦ୍ଦେଶନାମା ରାଜ୍ୟର ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଅନୁଷ୍ଠାନ ପାଇଁ ଲାଗୁ ହେବ।

# ଆଜାଦୀ କା ଅମ୍ରିତ ମହୋତ୍ସବ ଉପଲକ୍ଷେ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିସରରେ ଆରଓବି ପକ୍ଷରୁ ବିଶେଷ କାର୍ଯ୍ୟକ୍ରମ


ଭୁବନେଶ୍ୱର,୯/୮ (ନି.ପ୍ର): ଦେଶ ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ହେଉଥିବା ଆଜାଦୀ କା ଅମ୍ରିତ ମହୋତ୍ସବ ଅଂଶବିଶେଷ ସ୍ୱରୂପ ଭୁବନେଶ୍ୱରସ୍ଥିତ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଆଂଚଳିକ ଜନସମ୍ପର୍କ କାର୍ଯ୍ୟାଳୟ (ଆରଓବି) ପକ୍ଷରୁ ମହାନ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସ୍ମୃତି ଉଦ୍ଦେଶ୍ୟରେ ରବିବାର ଦିନ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କଟକରେ ଅବସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନ ଓ ସଂଗ୍ରହାଳୟ ଜାନକୀ ନାଥ ଭବନ ପରିସରରେ ଆୟୋଜିତ ଏହି ବିଶେଷ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ବୁଦ୍ଧିଜୀବୀମାନେ ଅଂଶଗ୍ରହଣ କରିବା ସହିତ ପୁଷ୍ପମାଲ୍ୟ ଅର୍ପଣ କରି ନେତାଜୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ ଓ ଆରଓବି ଓଡ଼ିଶା କ୍ଷେତ୍ର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ରାଜୀନ୍ଦର ଚୌଧୁରୀ ଅଂଶଗ୍ରହଣ କରି ସ୍ୱାଧୀନତା ସଂଗ୍ରାମରେ ନେତାଜୀଙ୍କ ବଳିଷ୍ଠ ଯୋଗଦାନର ଅବତାରଣା କରିଥିଲେ। ଏଥିସହିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିସରରେ ସେ ନେତାଜୀଙ୍କ ବାଲ୍ୟ ଜୀବନ ବିଷୟରେ ଅବଗତ ହୋଇଥିଲେ। କାର୍ଯ୍ୟକ୍ରମରେ ଲୋକସେବକ ମଣ୍ଡଳର ସମ୍ପାଦକ ଡ. ପ୍ରଭାସ ଆଚାର୍ଯ୍ୟ, ବରିଷ୍ଠ ସାମ୍ବାଦିକ ଡ. ସତ୍ୟ ରାୟ, ଆରଓବିର ନିର୍ଦ୍ଦେଶକ ଅଖିଳ ମିଶ୍ର, ସଂଗ୍ରହାଳୟର ସୁପରିଟେଣ୍ଡେଣ୍ଟ ଜେ ରାୟ ଏବଂ ଅନ୍ୟ ବିଶିଷ୍ଟ ଅତିଥିମାନେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ସଂଗ୍ରହାଳୟ ବୁଲି ଦେଖିଥିଲେ।

# ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ୧୩୦ତମ ଜୟନ୍ତୀ ପାଳିତ

ଭୁବନେଶ୍ୱର,୯/୮ (ନି.ପ୍ର): ବିଶିଷ୍ଟ ନୃତ୍ୟ, ସଂଗୀତ, ନାଟକ ବିଶାରଦ, ରାସ ଦଳ ପ୍ରତିଷ୍ଠାତା ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ'ର ପ୍ରଯୋଜକ ତଥା ଅଭିନେତା ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ୧୩୦ତମ ଜୟନ୍ତୀ ରବିବାର ପ୍ରତ୍ୟୁଷରେ ଭୁବନେଶ୍ୱର ଉତ୍କଳ ମଣ୍ଡପ ନିକଟସ୍ଥ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସମୟରେ ବିଭାଗୀୟ ଶାସନ ସଚିବ ଡଃ ସୁରେଶ ଚନ୍ଦ୍ର ଦଳେଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କ ସମେତ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବିଧାୟକ ଅନନ୍ତ ନାରାୟଣ ଜେନା, ରାଜ୍ୟ ମହିଳା କମିଶନ ଅଧକ୍ଷା ଡଃ ମିନତୀ ବେହେରା, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ତରଫରୁ ରବି ନାରାୟଣ ନନ୍ଦ, ଓଡ଼ିଶା ସିନେକ୍ରିଟ୍ ଆସୋସିଏସନ୍ ପକ୍ଷରୁ ପ୍ରଦୋଷ ପଟ୍ଟନାୟକ, ଦିଲ୍ଲୀପ ହାଲି, ଲିଟୁ ମହାନ୍ତି, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧକ୍ଷ ଡଃ ବିଜୟ କୁମାର ଜେନା, ଅଧାପକ ବିଭୂତି ବଳବନ୍ତ ରାୟ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ଯୋଗ ଦେଇ ଦେବ ଗୋସ୍ୱାମୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଦୀପଦାନ କରିଥିଲେ ।

ବକ୍ତାମାନେ ରାଜ୍ୟର ଗୌରବମୟ ସାଂସ୍କୃତିକ ବିକାଶରେ ତାଙ୍କର ଭୂମିକା ଅତୁଳନୀୟ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ସଙ୍ଗୀତଜ୍ଞ ଡଃ ବିଜୟ କୁମାର ଜେନା ଓ ରାଜ୍ୟ ମହିଳା ଆୟୋଗ ଅଧକ୍ଷା ଡଃ ମିନତୀ ବେହେରାଙ୍କୁ ଉପସ୍ଥିତ ସଂଗଠନମାନଙ୍କ ତରଫରୁ ମୋହନ ସୁନ୍ଦର ଦେବ ଗୋସ୍ୱାମୀ - ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ରାଜ୍ୟରେ କମିଲାଣି, ଖୋର୍ଦ୍ଧାରେ କମୁନି କରୋନା



ଭୁବନେଶ୍ୱର ,୯/୮ (ନି.ପ୍ର): ସାରା ରାଜ୍ୟରେ କରୋନା ପ୍ରକୋପ କମି ଆସିଲାଣି। ଏପରିକି ସରକାରଙ୍କ ଚିନ୍ତା ବଢ଼ାଇଥିବା ଉପକୂଳ ଓଡ଼ିଶାରେ ମଧ କରୋନା ତଳମୁହାଁ ହେଲାଣି। ରାଜ୍ୟର ଅନ୍ୟତମ ପ୍ରମୁଖ କରୋନା ହଟସ୍ପଟ୍ କଟକରେ ଆକ୍ରାନ୍ତଙ୍କ ସଂଖ୍ୟା ଶହେ ତଳେ। ହେଲେ ଖୋର୍ଧା ଜିଲ୍ଲାରେ ସଂକ୍ରମଣ କମୁନାହିଁ। ରାଜ୍ୟର ଏକମାତ୍ର ଜିଲ୍ଲା ଭାବେ ଖୋର୍ଧାରେ ସଂକ୍ରମିତଙ୍କ ସଂଖ୍ୟା ଓ ସଂକ୍ରମଣ ହାର ଉଭୟ ଅଧିକ ରହିଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଷ୍ଟ୍ରାଟେଜି ସଂକ୍ରମଣ କମାଇବାରେ ସଫଳ ହେଉଥିବା ଭଳି ଲାଗୁନାହିଁ। ସଂକ୍ରମଣ ଅଧିକ ଥିବା ଜିଲ୍ଲାରେ ଅଧିକ ସର୍ଭେଲାନ୍‌ସ ଓ ନମୁନା ପରୀକ୍ଷା କରାଯାଉଛି ବୋଲି ସରକାର କହୁଛନ୍ତି। ଏହାସହ ଭୁବନେଶ୍ୱରରେ ଶତପ୍ରତିଶତ ଟିକାକରଣ ହୋଇଥିବା ବିଏମ୍‌ସି ପକ୍ଷରୁ କୁହାଯାଇଛି। ଏହା ସତ୍ତ୍ୱେ ଜିଲ୍ଲାରେ ସଂକ୍ରମଣ ନିୟନ୍ତ୍ରଣକୁ ଆସୁନାହିଁ।

ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି ଯେ ଖୋର୍ଧାରେ ସଂକ୍ରମଣ ସ୍ଥିର ରହିଛି। ବ୍ୟସ୍ତ ହେଲା ଭଳି ପରିସ୍ଥିତି ନାହିଁ। ଜିଲ୍ଲାରେ ହସ୍ପିଟାଲ ଆଡମିସନ୍ ସଂଖ୍ୟା କମିଛି। ଏହାସହ ରାଜ୍ୟରେ କୋଭିଡ୍ ସ୍ଥିତିରେ ଲଗାତାର ଉନ୍ନତି ଘଟୁଛି। ଦୈ?ନିକ ସଂକ୍ରମଣ ସଂଖ୍ୟା କମୁଛି। ଚିକିତ୍ସାଧୀନ ସଂଖ୍ୟା କମି ୧୨ହଜାର ତଳକୁ ଆସିଛି। ଖୋର୍ଧାରେ ଅଧିକ ଡାକ୍ତରଖାନା ଥିବାରୁ କେସ୍ ଫାଟାଲିଟି ରେଟ୍ ଅଧିକ ରହୁଥିବା ଡା. ମିଶ୍ର କହିଛନ୍ତି।

ଗତ ୨୪ ଘଣ୍ଟାରେ ରାଜ୍ୟରେ ୧୦୯୬ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିରେ ଖୋର୍ଧା ଜିଲ୍ଲାରୁ ସର୍ବାଧିକ ୩୮୯ ଆକ୍ରାନ୍ତ ବାହାରିଛନ୍ତି। ଜିଲ୍ଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧ଲକ୍ଷ ୫୨ହଜାର ୫୬୫କୁ ବୃଦ୍ଧି ପାଇଛି। ସେହିପରି କଟକରୁ ୯୨, ବାଲେଶ୍ୱର ୭୭, ଯାଜପୁର ୬୮, ଜଗତସିଂହପୁର ୫୮, ପୁରୀ ୪୮, କେନ୍ଦ୍ରାପଡ଼ା ୩୬, ଅନୁଗୁଳ ୪୦, ମୟୂରଭଞ୍ଜ ୩୨ ଓ ଷ୍ଟେଟ୍ ପୁଲରୁ ୮୨ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯ଲକ୍ଷ ୮୫ହଜାର ୮୨୭କୁ ବୃଦ୍ଧି ପାଇଛି। ରାଜ୍ୟରେ ଆଉ ୬୪ଜଣଙ୍କ କରୋନାରେ ମୃତ୍ୟୁ ଘୋଷଣା ହୋଇଛି। ଏଥିରେ ଖୋର୍ଧାରୁ ୨୭, କଟକ ୧୭, ବାଲେଶ୍ୱର ଓ କେନ୍ଦୁଝରରୁ ୪ ଲେଖାଏଁ, ମୟୂରଭଞ୍ଜ ୩, ଅନୁଗୁଳ, ଭଦ୍ରକ, ବୌଦ୍ଧ, ଦେବଗଡ଼, ଢେଙ୍କାନାଳ, ଗଞ୍ଜାମ, କେନ୍ଦ୍ରାପଡ଼ା, ନୟାଗଡ଼ ଓ ପୁରୀରେ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତ। ମୋଟ ମୃତ୍ୟୁ ସଂଖ୍ୟା ୬୩୬୬ରେ ପହଞ୍ଚିଛି। ରାଜ୍ୟରେ ଆଜି ୧୫୨୫ କରୋନା ରୋଗୀ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ସମୁଦାୟ ସୁସ୍ଥ ରୋଗୀଙ୍କ ସଂଖ୍ୟା ୯ଲକ୍ଷ ୬୮ହଜାର ୪୫୩କୁ ବୃଦ୍ଧି ପାଇଛି। ରାଜ୍ୟରେ ଏବେ ୧୦,୯୫୫ ଚିକିତ୍ସାଧୀନ ରୋଗୀ ରହିଛନ୍ତି।

# ବିଜେଡି ମହିଳା ଶାଖାର ନୂଆ ପର୍ଯ୍ୟବେକ୍ଷକ

ଭୁବନେଶ୍ୱର,୯/୮ (ନି.ପ୍ର): ବିଜୁ ମହିଳା ଜନତା ଦଳର ଜିଲ୍ଲା ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ମହିଳା ଶାଖାର ସଭାନେତ୍ରୀ ସ୍ନେହାଙ୍ଗନୀ ଛୁରିଆ ୩୫ଟି ସାଂଗଠନିକ ଜିଲ୍ଲା ପାଇଁ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦେଇଛନ୍ତି। ସେମାନେ ହେଲେ ଗଞ୍ଜାମର ଗୀତାଞ୍ଜଳି ବସ୍ତିଆ, ବ୍ରହ୍ମପୁରର ବାସନ୍ତୀ ମାଝୀ, ଖୋର୍ଦ୍ଧାର ଲୋପାମୁଦ୍ରା ବକ୍ସିପାତ୍ର, ଭୁବନେଶ୍ୱରର କସ୍ତୁରୀ ମହାପାତ୍ର, କେନ୍ଦୁଝରର ସଂଯୁକ୍ତା ମହାନ୍ତି, ମୟୂରଭଞ୍ଜ-୧ର ଉମିଳତା ଦାସ, ମୟୂରଭଞ୍ଜ-୨ର ସୁମିତ୍ରା ଜେନା, କଟକର ପ୍ରଭାସିନୀ ଷଡ଼ଙ୍ଗୀ, କଟକ ସଦରର ସାଇଶ୍ରୀ ପଟ୍ଟନାୟକ, ସୁନ୍ଦରଗଡ଼ର ଜ୍ୟୋତି ପାଣିଗ୍ରାହୀ, ରାଉରକେଲାର ସାଧନା ସାମନ୍ତରାୟ, ରାୟଗଡ଼ାର ସ୍ନିଗ୍ଧା ପାଣିଗ୍ରାହୀ, ବାଲେଶ୍ୱରର ବାସନ୍ତୀ ମହାପାତ୍ର, ନୟାଗଡ଼ର ରୁନୁ ଜେନା, ଜଗତସିଂହପୁରର ସଂଯୁକ୍ତା ମାହାଲ, ମାଲକାନଗିରିର ନିବେଦିତା ମହାନ୍ତି, କନ୍ଧମାଳର ମମତା ବିଶୋୟୀ, ସମ୍ବଲପୁରର ନିବେଦିତା ନାୟକ, କେନ୍ଦ୍ରାପଡ଼ାର ସବିତା ମହାପାତ୍ର, ବଲାଙ୍ଗୀରର କଲ୍ୟାଣୀ ନାୟକ, ଅନୁଗୁଳର ପୁଷ୍ପାଞ୍ଜଳି ରଣା, କଳାହାଣ୍ଡିର ଅନିମା କହଁର, ପୁରୀର ସନ୍ଧ୍ୟା ବିଶ୍ୱାଳ, ସୋନପୁରର ପ୍ରଭାସିନୀ ନନ୍ଦ, ଯାଜପୁରର ଭାରତୀ ସିଂହ, ନୂଆପଡ଼ାର ମାଳତୀ ସାହୁ, କୋରାପୁଟର ମୀରା ପରିଡ଼ା, ବରଗଡ଼ର ଗୋପା ମହାନନ୍ଦା, ଭଦ୍ରକର ସୁଭଦ୍ରା ଦାସ, ନବରଙ୍ଗପୁରର ପୁଷ୍ପାଞ୍ଜଳି ପାଣ୍ଡେ, ଢେଙ୍କାନାଳର ରଞ୍ଜୁଲତା ରାୟ, ଝାରସୁଗୁଡ଼ାର ସନ୍ଧ୍ୟାରାଣୀ ଲାକ୍ରା, ବୌଦ୍ଧର ସିପ୍ରା ମହାନ୍ତି, ଗଜପତିର ଜୟଶ୍ରୀ ଦାସ ଓ ଦେବଗଡ଼ର ବନଜା ମହାନ୍ତି। ଏହି ନିଯୁକ୍ତି ସମ୍ପର୍କରେ ଦଳର ସାଧାରଣ ସମ୍ପାଦକ(ଗଣମାଧ୍ୟମ ବ୍ୟାପାର) ମାନସ ରଞ୍ଜନ ମଙ୍ଗରାଜ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

# କେନ୍ଦ୍ରକୁ ପ୍ରାକୃତିକ ବିପର୍ଯ୍ୟୟ ଖର୍ଚ୍ଚ ତାଲିକା ଦେଲା ରାଜ୍ୟ

ଭୁବନେଶ୍ୱର ,୯/୮ (ନି.ପ୍ର): ଗତ ତିନିଟି ଆର୍ଥିକ ବର୍ଷରେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଖର୍ଚ୍ଚ ହୋଇଥିବା ଅର୍ଥର ତାଲିକା ଏସ୍‌ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଜି ଗୃହ ମନ୍ତ୍ରଣାଳୟକୁ ଦିଆଯାଇଛି। ଏଥିରେ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି, ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି ଏବଂ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି ବାଦ୍ କେଉଁଥିପାଇଁ କେତେ ଅର୍ଥ ଖର୍ଚ୍ଚ ହୋଇଛି ତା'ର ତାଲିକା ଦିଆଯାଇଛି। ଏସ୍‌ଆରସିଙ୍କ ସୂଚନା ଅନୁଯାୟୀ, ୨୦୨୧-୨୨ରେ ବାତ୍ୟା ୟାସ୍ ପାଇଁ ରାସ୍ତା ମରାମତି ଓ ପୁନରୁଦ୍ଧାର, ଆବର୍ଜନା ଉଠାଇବା ଏବଂ ଅନ୍ୟାନ୍ୟ ପାଇଁ ଏସ୍‌ଆରସିଙ୍କ ନିକଟରେ ୭୯କୋଟି ୪୨ଲକ୍ଷ ୪୪ହଜାର ଟଙ୍କା କ୍ଷତି ହୋଇଥିବା ରିପୋର୍ଟ ହୋଇଛି। ଏସ୍‌ଆରସିଙ୍କ କାର୍ଯ୍ୟାଳୟରୁ ଏସ୍‌ଡିଆରଏଫ୍ ଓ ଏନ୍‌ଡିଆରଏଫ୍ ପାଣ୍ଠିରୁ ୩୫କୋଟି ୮୦ଲକ୍ଷ ୭୬ହଜାର ଟଙ୍କା ଦିଆଯାଇଛି। ବାକି ୪୩କୋଟି ୬୧ଲକ୍ଷ ୬୮ହଜାର ଟଙ୍କା ଦିଆଯାଇନି। ୨୦୨୦-୨୧ରେ ବାତ୍ୟା ଅମ୍ପାନ ଏବଂ ପ୍ରବଳ ବର୍ଷା ଯୋଗୁଁ ରାସ୍ତା ମରାମତି ଓ ପୁନରୁଦ୍ଧାର, ଆବର୍ଜନା ଉଠାଇବା ପାଇଁ ୨୧୮କୋଟି ୭୩ଲକ୍ଷ ୧୩ହଜାର ଟଙ୍କାର କ୍ଷତି ଖର୍ଚ୍ଚ ଆକଳନ ରିପୋର୍ଟ ଏସ୍‌ଆରସିଙ୍କୁ ଦିଆଯାଇଥିଲା।

## ମହାବୀର ବାଜିରାଓ....

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ସେହିସ୍ଥାନରେ ତାଙ୍କର ସ୍ମୃତି ମନ୍ଦିର, ନିଳକଣ୍ଠେଶ୍ୱର, ରାମେଶ୍ୱର ଶିବ ମନ୍ଦିର ଓ ଧର୍ମଶାଳା ନିର୍ମିତ ହୋଇଛି। ବାଜିରାଓଙ୍କ ମୃତ୍ୟୁପରେ ମସ୍ତାନୀଙ୍କ ମୃତ୍ୟୁ ଘଟିଲା । ପୁଅ ସମସେରକୁ କାଶିବାଇ ନିଜ ପୁଅ ଭଳି ପାଳନ କଲେ । ଅଳ୍ପଦିନ ପରେ ଭାଇ ଚିମନଜୀ ମଧ୍ୟ ଦୁଃଖରେ ପ୍ରାଣତ୍ୟାଗ କଲେ। ପୁଅ ନାନା ପେଶବା ହେଲେ (ବାଲାଜୀ ବାଜିରାଓ)।

ବାଜିରାଓଙ୍କ ଯୁଦ୍ଧ କୌଶଳକୁ ଅନେକ ଐତିହାସିକ ମାନେ ଉଚ୍ଚ ପ୍ରଶଂସା କରିଛନ୍ତି। ଯଦୁନାଥ ସରକାର ତାଙ୍କୁ **Hevenly gifted commander** ବୋଲି ଲେଖିଛନ୍ତି। ସେ ଅଧିକ କାଳ ବଞ୍ଚିଥିଲେ ଭାରତର ଭାଗ୍ୟ ନିଶ୍ଚୟ ଭିନ୍ନ ମୋଡ ନେଇ ଥାଆନ୍ତା । ମସ୍ତାନୀର ପୁଅକୁ ବାଜିରାଓଙ୍କ ଜାଗିର ଦିଆଗଲା । ମରହଟା ମାନଙ୍କ ସହିତ ଯୋଗ ଦେଇ ସେ ତୃତୀୟ ପାନିପଥ ଯୁଦ୍ଧରେ ନିହତ ହେଲା । ବାରମ୍ବାର ମୁସଲମାନ ଶାସକଙ୍କୁ ପରାସ୍ତ କରିଥିବା ଏହି ବୀରଙ୍କ କାହାଣୀକୁ ଉଦ୍ଦେଶ୍ୟ ମୂଳକ ଭାବେ ଦେଶବାସୀଙ୍କ ଠାରୁ ଅଜ୍ଞାତ ରଖାଗଲା ଆମର ଧର୍ମ ନିରେପେକ୍ଷତାର ଧ୍ୱଜା ଉଡାଇ ରଖିବା ପାଇଁ । ୨୦୧୫ ମସିହାରେ ବାଜିରାଓ ମସ୍ତାନୀ ଚଳଚିତ୍ର ସଂଜୟ ଲିଳା ଭୋନସଲେଙ୍କ ଦ୍ୱାରା ପ୍ରସ୍ତୁତ ହେଲା ପରେ ତାଙ୍କ କାହାଣୀ ଲୋକେ ଜାଣି ପାରିଲେ ।

ପେଶବା: ମରହଟ୍ଟା ଶାସନର ପ୍ରଧାନମନ୍ତ୍ରୀ (ଅମାତ୍ୟ)କୁ ପେଶବା କୁହାଯାଏ । ମୋରେପନ୍ତ ପିଙ୍ଗଲେ ଶିବାଜୀଙ୍କ ସମୟରେ ପ୍ରଥମ ପେଶବା ଥିଲେ । କାଳକ୍ରମେ ସେମାନେ ସମସ୍ତ କ୍ଷମତାର ଅଧିକାରୀ ହେଲେ । ଶିବାଜୀଙ୍କ ବଂଶଧର ସ୍ୱାମିନ ଉପାଧି ଧରି ନାମମାତ୍ର ଛତ୍ରପତି ହୋଇ ସତରାରେ ରହିଲେ । ବାଜିରାଓ ୭ମ ପେଶବା ଥିଲେ ।

ଚିତପାବନ ବ୍ରାହ୍ମଣ: କଙ୍କଣ ଉପକୂଳର ମହାରାଷ୍ଟ୍ରିୟ ବ୍ରାହ୍ମଣ । ମାଳଭୂମିର ବ୍ରାହ୍ମଣ ମାନଙ୍କୁ ଦେଶସ୍ଥ କୁହାଯାଏ । ଚିତପାବନ ମାନେ ପାଶ୍ଚାତ୍ୟ ଶିକ୍ଷାର ସୁଯୋଗ ନେଇ ଭାରତରେ ରାଜନୀତି, ସମାଜ ସଂସ୍କାର, ସ୍ୱାଧିନତା ଅନ୍ଦୋଳନ ସନ୍ତ୍ରାସ ବାଦୀ ଆନ୍ଦୋଳନରେ ପ୍ରମୁଖ ଭୂମିକା ନେଇଛନ୍ତି । ଗଙ୍ଗାଧର ତିଳକ, ଗୋପାଳକୃଷ୍ଣ ଗୋଖେଲ, ବୀର ସରବକାର, ଦାଦା ସାହେବ ଫାଲକେ, ବିନୋବା ଭାବେମ, ଚାପେକର ଭାଇମାନେ, ଦାଦା କାଲେକର, ମହାଦେବ ରାଣାଡେ, ଆନନ୍ଦି ବାଇ ଯୋଶି (ପ୍ରଥମ ମହିଳା ଡାକ୍ତର), ନିଳକଣ୍ଠ ସହସ୍ର ବୁଦ୍ଧେ, ମାଧୁରୀ ଦିକ୍ଷିତ, ନାଥୁରାମ ଗଡସେପାଣ୍ଡୁରଙ୍ଗା କାନେ (ଭାରତ ରତ୍ନ) ମରହଟ୍ଟା ପେଶବା ମାନେ ଏହି ସଂପ୍ରଦାୟର।

## ୫୭ ନଂ ରାଜ୍ୟ ରାଜପଥ ନୟନଯୋରୀ ଅବରୋଧ : ଜଳନିଷ୍କାସନ ହୋଇନପାରି ଚାଷ ନଷ୍ଟ

ଜଳେଶ୍ୱର,୦୯/୦୮ (ନି.ପ୍ର): ଚଳିତବର୍ଷ ଲଗାଣ ବର୍ଷା ହୋଇଥିବାରୁ ତଥା ଜଳେଶ୍ୱରରୁ ଚନ୍ଦନେଶ୍ୱର ୫୭ନଂ ରାଜ୍ୟରାଜପଥର ନୟନଯୋରୀ ଅବରୋଧ ହୋଇଥିବାରୁ ଜଳନିଷ୍କାସନ ଠପ୍ ହୋଇ ଯାଇଛି । ଫଳରେ ହଜାର ହଜାର ଜମିର ଧାନଚାଷ ନଷ୍ଟ ହେବାକୁ ବସିଥିବା ବେଳେ କେତେକ ଗାଁରେ ପାଣି ପଶିଛି । ଏ ସବୁର ସମାଧାନ ଲାଗି ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି । ରାଜପଥର ଉଭୟ ପାର୍ଶ୍ୱରେ ଥିବା ସରକାରୀ ନୟନଯୋରୀ ମାଧ୍ୟମରେ ବର୍ଷାଦିନେ ପାଣି ନିଷ୍କାସନ ହୋଇଥାଏ । କେତେକ ବ୍ୟକ୍ତି ଏହି ନୟନଯୋରୀକୁ ଅବରୋଧ ଓ ନିର୍ମାଣ କରିଥିବାରୁ ସେହିସବୁ ସ୍ଥାନରେ ଜଳନିଷ୍କାସନ ହୋଇ ପାରୁନାହିଁ। ବିଶେଷ କରି ଜଳେଶ୍ୱର ଅଂଚଳରୁ ଜଳ ନିଷ୍କାସିତ ହୋଇ ନାମ୍ପୋ ଖାଳ, ନାହରା ଖାଳ, ଚିତେଇ ଖାଳ, କପାସିଆ ନାଳ, ଟୋପି ନାଳ ଯୋଗେ ପାଣି ନିଷ୍କାସନ ହୋଇଥାଏ । କିନ୍ତୁ ପ୍ରଶାସନୀକ ଉଦାସୀନତା ଯୋଗୁଁ ଏପରି ଜବର ଦଖଲ ବଢି ଚାଲିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି । ପଶ୍ଚିମବଂଗର ଉଦ୍‌ବୃତ୍ତପାଣି ସହିତ ସ୍ଥାନୀୟ ବର୍ଷାପାଣି ଆମ୍ବଳିଅଠା ଠାରେ ପାଣି ନିଷ୍କାସନ ହୋଇ ପାରୁନଥିବାରୁ ରୋଆ ଯାଇଥିବା ଧାନଗଛ (ବୁଆଳି) ଗୁଡିକ ପଚିବାକୁ ବସିଲାଣି । ଲଘୁଚାପ ଜନିତ ବର୍ଷା ହେବା ଫଳରେ ୫ଦିନ ଧରି ଏହି ବର୍ଷାପାଣି ନିଷ୍କାସିତ ହୋଇନପାରି କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଛି । ତେଣୁ ଯଥାଶୀଘ୍ର ଜଳନିଷ୍କାସନ ଲାଗି ତହସିଲଦାର ଓ ପୂର୍ତ୍ତବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ୧୬ଟି ପ୍ରସ୍ତାବ ଉପରେ....

ସୂଚନା ଅନୁଯାୟୀ ଉପର ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପର ଦକ୍ଷିଣ ପାର୍ଶ୍ୱ କେନାଲର ପୁନରୁଦ୍ଧାର ଓ ପୁନଃପ୍ରତିଷ୍ଠା (୦କିମିରୁ ୪୧.୧୦ କିମି ପର୍ଯ୍ୟନ୍ତ) କରାଯିବାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଏଥିପାଇଁ ୧୪୮ କୋଟି ୧୨ ଲକ୍ଷ ୬୫ ହଜାର ୮୯୪ ଟଙ୍କା ବ୍ୟୟ ହେବାକୁ ଥିବା ବେଳେ ୨୪ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହେବ। ଏହି ପ୍ରକଳ୍ପ ଦ୍ୱାରା କଳାହାଣ୍ଡି ଜିଲ୍ଲାର ୪୨୪୫୫ ହେକ୍ଟର ଚାଷ ଜମିକୁ ଜଳସେଚନ ହୋଇପାରିବ। ଓଡିଶା ଅର୍ଥସେବା (ଓଏଫଏସ୍)କ୍ୟାଡର୍ ପୁନର୍ଗଠନ ପାଇଁ ଆସିଥିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଏହାଦ୍ୱାରା ଓଡିଶା ଅର୍ଥ ସେବା କ୍ୟାଡର ପଦବୀ ସଂଖ୍ୟା ୯୧୨ରୁ ୧୦୧୬କୁ ବୃଦ୍ଧି ପାଇଛି। ପୂର୍ବତନ ନିର୍ବନ୍ଧନ ମହାନିରୀକ୍ଷକ (ଆଇଜି ରେଜିଷ୍ଟ୍ରେସନ୍) ଅଞ୍ଜନ କୁମାର ମାଣିକଙ୍କୁ ଓଡିଶା ଲୋକସେବା ଆୟୋଗର ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ଏହି ନିଯୁକ୍ତି ରାଜ୍ୟ କ୍ୟାବିନେଟର ଅନୁମୋଦନ ଲାଭ କରିଛି। ରାଜ୍ୟର କାରାଗାର ଗୁଡିକରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କୁ ଖାଲିଥିବା ତୃତୀୟ ଶ୍ରେଣୀକୁ ପଦୋନ୍ନତି ଦିଆଯିବ। ଏସମ୍ପର୍କିତ ଓଡିଶା କାରାଗାର କିମ୍ବା ସୁଧାର ଅମଳା ସେବା (କନିଷ୍ଠ କିରାଣୀ ତଥା ଟାଇପିଷ୍ଟ , କନିଷ୍ଠ ହିସାବ ରକ୍ଷକ ଏବଂ ବରିଷ୍ଠ କିରାଣୀ ତଥା ହିସାବ ରକ୍ଷକ ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତ) ନିୟମାବଳୀ ୨୦୨୧ କୁ ରାଜ୍ୟ କ୍ୟାବିନେଟ୍ ମଂଜୁର କରିଛି। ଓଡିଶା ଘରୋଇ ସୁରକ୍ଷା ଏଜେନ୍ସି ନିୟମାବଳୀ ୨୦୦୯କୁ ସଂଶୋଧନ କରାଯାଇଛି।

### ଭୁବନେଶ୍ୱର ଲୋୟର ପିଏମଜିରେ....

କାର୍ଯ୍ୟକ୍ରମ ଉପରେ କଟକଣା ବଳବତର ରଖିଛନ୍ତି । ଏବେ ବି ବିବାହ ଓ ବ୍ରତଘର କାର୍ଯ୍ୟକ୍ରମରେ ସର୍ବାଧିକ ୨୫ଜଣ ଯୋଗଦେଇପାରିବେ ବୋଲି କଟକଣା ରହିଛି । ତେଣୁ ଏହି ସବୁ କାର୍ଯ୍ୟକ୍ରମକୁ ଜୀବିକା ଭାବରେ ଗ୍ରହଣ କରିଥିବା ଟେଂଟ ହାଉସ, କ୍ୟାଟରିଂ, ଫୁଲ ଓ ଲାଇଟ ସାଉଣ୍ଡ ବ୍ୟବସାୟୀ ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି । ସରକାରଙ୍କ କଟକଣା ସିଧାସଳଖ ଭାବେ ରାଜ୍ୟର ପ୍ରାୟ ୨୦ଲକ୍ଷ ଲୋକଙ୍କ ଜୀବନକୁ ଦୁର୍ବିସହ କରିପକାଇଛି । ତେଣୁ କରୋନା ଗାଇଡ୍ ଲାଇନ ଭିତରେ ଅନୁନ୍ୟ ୩ଶହ ଜଣଙ୍କୁ ନେଇ ସାମାଜିକ କାର୍ଯ୍ୟକ୍ରମ ପାଇଁ ଅନୁମତି ଦେବାକୁ ଦାବି କରିଛନ୍ତି ଏହି ସବୁ ବ୍ୟବସାୟୀ । ସରକାରଙ୍କ ପାଖରେ ଦାବି ପହଂଚାଇବା ପାଇଁ ଭୁବନେଶ୍ୱର ଲୋୟର ପିଏମଜିରେ ଏକାଠି ହୋଇଛନ୍ତି ।

### ଭୁବନେଶ୍ୱରରେ ଟେଣ୍ଟ ହାଉସ, କ୍ୟାଟରିଂ....

କଟକଣା ବଳବତର ରଖିଛନ୍ତି । ଏବେ ବି ବିବାହ ଓ ବ୍ରତଘର କାର୍ଯ୍ୟକ୍ରମରେ ସର୍ବାଧିକ ୨୫ଜଣ ଯୋଗଦେଇପାରିବେ ବୋଲି କଟକଣା ରହିଛି । ତେଣୁ ଏହି ସବୁ କାର୍ଯ୍ୟକ୍ରମକୁ ଜୀବିକା ଭାବରେ ଗ୍ରହଣ କରିଥିବା ଟେଂଟ ହାଉସ, କ୍ୟାଟରିଂ, ଫୁଲ ଓ ଲାଇଟ ସାଉଣ୍ଡ ବ୍ୟବସାୟୀ ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି । ସରକାରଙ୍କ କଟକଣା ସିଧାସଳଖ ଭାବେ ରାଜ୍ୟର ପ୍ରାୟ ୨୦ଲକ୍ଷ ଲୋକଙ୍କ ଜୀବନକୁ ଦୁର୍ବିସହ କରିପକାଇଛି । ତେଣୁ କରୋନା ଗାଇଡ୍ ଲାଇନ ଭିତରେ ଅନୁନ୍ୟ ୩ଶହ ଜଣଙ୍କୁ ନେଇ ସାମାଜିକ କାର୍ଯ୍ୟକ୍ରମ ପାଇଁ ଅନୁମତି ଦେବାକୁ ଦାବି କରିଛନ୍ତି ଏହି ସବୁ ବ୍ୟବସାୟୀ । ସରକାରଙ୍କ ପାଖରେ ଦାବି ପହଂଚାଇବା ପାଇଁ ଭୁବନେଶ୍ୱର ଲୋୟର ପିଏମଜିରେ ଏକାଠି ହୋଇଛନ୍ତି ।

### କୋଟିଆକୁ ଦୁଇ ଭାଗ କରିବାକୁ ....

ଚୌକି ପକାଇ ବସିଥିଲେ ପଟାଙ୍ଗୀର ବିଧାୟକ ପ୍ରୀତମ ପାଢ଼ୀ । ତାଙ୍କ ସହ ସ୍ଥାନୀୟ ନେତା ଓ ଅଧିକାରୀ ଡେରା ପକାଇଥିଲେ । ଏପରି ଆଭିମୁଖ୍ୟ ଦେଖି ଅଧା ବାଟରୁ ଫେରି ଯାଇଥିଲେ ଆନ୍ଧ୍ର ନେତା ଓ ଅଫିସର । ପୁଣିଥରେ କୋଟିଆ ଭିତରକୁ ପଶିବାକୁ ଉଦ୍ୟମ କଲେ ମାଡ ହେବ ବୋଲି ଚେତାବନୀ ଦେଇଛନ୍ତି ବିଧାୟକ ପ୍ରୀତମ ପାଢ଼ୀ । କୋଟିଆ ଦଖଲ ପାଇଁ ପଂଚାୟତ ନିର୍ବାଚନ ଏବଂ ଓଡ଼ିଶା ସରକାରଙ୍କ ବିରୋଧରେ ଲୋକଙ୍କୁ ମତାଇବା ଆଦି କୌଶଳ ଫେଲ ମାରିବା ପରେ ଭାଷା ଭିତିରେ କୋଟିଆ ଅଂଚଳବାସୀଙ୍କୁ ଦି'ଭାଗ କରିବାକୁ ଯୋଜନା କରିଛି ଆନ୍ଧ୍ର ।

### ଏସଆରସିଙ୍କ ଗାଇଡ୍ ଲାଇନ୍ ଜାରି .....

ଏହି ଅବସରରେ ଭୋଜିଭାତକୁ ବି ବାରଣ କରାଯାଇଛି। କୌଣସି ସ୍ଥାନରେ ଏହି ଅବସରରେ କୌଣସି ପ୍ରକାରର ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇପାରିବ ନାହିଁ। ଏହି ସବୁ ନିୟମକୁ କଡ଼ାକଡ଼ି ଭାବେ ପାଳନର ତଦାରଖ ଲାଗି ଜିଲ୍ଲାପାଳ ଓ ମୁନସିପାଲ୍ କମିଶନର ଓ କଟକ-ଭୁବନେଶ୍ୱର କମିସନରେଟ୍ ପୋଲିସକୁ ଦାୟିତ୍ୱ ଦିଆଯାଇଛି ବୋଲି ମାର୍ଗଦର୍ଶିକାରେ କୁହାଯାଇଛି ।

### ୨୦ ଜିଲ୍ଲାରେ କାଳବୈଶାଖୀ....

୧୧ ତାରିଖ ମଧ୍ୟରେ ନବରଙ୍ଗପୁର, ନୂଆପଡ଼ା, କୋରାପୁଟ, ମାଲକାନଗିରି, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଓ ବାଲେଶ୍ୱର ଆଦି ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ଥିବା ହେତୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏଥିସହିତ ୧୧ରୁ ୧୨ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ,, ଅନୁଗୁଳ, ଢ଼େଙ୍କାନାଳ ଓ କନ୍ଧମାଳ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ସୂତରୁ ପ୍ରକାଶ।

### ଆଜିଠୁ ରାଜ୍ୟରେ ଖୋଲିଲା....

ଜୋନରେ ରହୁଥିବା ଶିକ୍ଷକ, କର୍ମଚାରୀ, ଛାତ୍ରଛାତ୍ରୀ ଆସିବେ ନାହିଁ । ମାସ୍କ ପିନ୍ଧିବା ବାଧତାମୂଳକ କରାଯାଇଛି । ଶିକ୍ଷକ ଶିକ୍ଷୟିତୀ ଓ ଛାତ୍ରଛାତ୍ରୀ କ୍ୟାମ୍ପସରେ ବାରମ୍ବାର ହାତ ଧୋଇବା ସହ ସାନିଟାଇଜ୍ କରିବେ । କ୍ଲାସରୁମ୍, ଲାଇବ୍ରେରୀ ଓ ଲାବରୋଟାରୀରେ ୬ ଫୁଟର ସାମାଜିକ ଦୂରତା ରକ୍ଷା ଉପରେ ପ୍ରାଥମିକତା ଦିଆଯିବ ।

## ଦୋକାନରୁ ଚୋରୀ ଘଟଣାରେ ଏକ ଅଟକ

ନୀଳଗିରି,୦୯/୦୮ (ନି.ପ୍ର): ଗତ ରବିବାର ବିଳମ୍ବିତ ରାତିରେ କେନ୍ଦୁଖୁଣ୍ଟା ବଜାରରେ ଅଂଜନା ରାଉତଙ୍କ ଷ୍ଟେସନନାରୀ ଦୋକାନରୁ ବହୁ ସାମଗ୍ରୀ ସହିତ ନଗଦ ୫ହଜାର ଟଙ୍କା ଚୋରି ହୋଇଥିବାର ନୀଳଗିରି ଥାନାରେ ଅଭିଯୋଗ ହୋଇଛି । ବିଳମ୍ବିତ ରାତିରେ ଦୋକାନରୁ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଚୋରୀ କରିନେଇଥିବାର ଜଣାପଡ଼ିଛି । ଉକ୍ତ ଚୋରୀ ଘଟଣାର ଉକ୍ତ ଗ୍ରାମର ଯଶବନ୍ତ ବେହେରାଙ୍କର ହାତ ଥାଇପାରେ ବୋଲି ଏତଲାରେ ଉଲ୍ଲେଖ ଥିବା ବେଳେ ତଦନ୍ତକାରୀ ଅଧିକାରୀ ଶରତଚନ୍ଦ୍ର ଧଳ ଯଶବନ୍ତଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛନ୍ତି ।

## ରାସ୍ତା ଦୁର୍ଘଟଣାରେ ଯୁବକ ଗୁରୁତର

ନୀଳଗିରି,୦୯/୦୮ (ନି.ପ୍ର): ଆଜି ଦିନ ପ୍ରାୟ ୧ଟା ସମୟରେ ଆୟଡିହା ପେଟ୍ରୋଲ ପମ୍ପ ଠାରେ ନୀଳଗିରି ଥାନା ଅଧିନସ୍ଥ ଗୁହାଳିଆ ଗ୍ରାମର ମୃତ୍ୟୁଂଜୟ ବେହେରା (୫୫) ନିଜ ବାଇକରେ ବାଲେଶ୍ୱର ଯାଉଥିବା ବେଳେ ଶେରଗଡ଼ରୁ ନୀଳଗିରିକୁ ଆସୁଥିବା ଏକ ବାଇକ ଆରୋହୀ ଙ୍କ ସହିତ ମୁହାଁମୁହିଁ ଧକ୍କା ହେବାରୁ ଘଟଣା ସ୍ଥଳରେ ମୃତ୍ୟୁଂଜୟ ଗୁରୁତର ହୋଇପଡ଼ିଥିଲେ । ସ୍ଥାନୀୟ ଲୋକେ ସଂଗେ ସଂଗେ ମୃତ୍ୟୁଂଜୟକୁ ନୀଳଗିରି ମେଡିକାଲକୁ ଆଣି ପ୍ରାଥମିକ ଚିକିତ୍ସା କରିବା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି । ମୃତ୍ୟୁଂଜୟ ଙ୍କ ମୁହଁ ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି ।

## ଆଜାଦୀ କା ଅମ୍ରିତ ମହୋତ୍ସବ ଅବସରରେ ଏନଡିଆରଏଫ ପକ୍ଷରୁ ସାଇକେଲ ଶୋଭାଯାତ୍ରା



ଭୁବନେଶ୍ୱର,୦୯/୦୮(ନି.ପ୍ର): ଦେଶର ସ୍ୱାଧୀନତାକୁ ୭୫ତମ ବର୍ଷ ପୂର୍ତ୍ତି ଉପଲକ୍ଷେ "ଆଜାଦୀ କା ଅମ୍ରିତ ମହୋତ୍ସବ" ସମାରୋହ ପାଳନ ପରିପ୍ରେକ୍ଷୀରେ ମୁଣ୍ଡଳିସ୍ଥିତ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନଡିଆରଏଫ)ର ତୃତୀୟ ବାଟାଲିୟନ ପକ୍ଷରୁ ଆଜି ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏନଡିଆରଏଫ ମୁଣ୍ଡଳି ତୃତୀୟ ବାଟାଲିୟନର କମାଣ୍ଡାଣ୍ଟ ଜ୍ୟାକବ କିସପୋଟ୍ଟା ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ଏନଡିଆରଏଫ ବାଟାଲିୟନ ପରେଡ ପଡ଼ିଆରୁ ଆଜି ସକାଳ ୫ଟା ୩୦ ମିନିଟ ସମୟରେ ଆରମ୍ଭ ହୋଇଥିଲା। ଡେପୁଟି କମାଣ୍ଡାଣ୍ଟ ଧନଞ୍ଜୟ କୁମାର ଶୋଭାଯାତ୍ରାର ନେତୃତ୍ୱ ନେଇଥିବା ବେଳେ ଏଥିରେ ୨୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଲୋକମାନଙ୍କ ମଧ୍ୟରେ ବିପର୍ଯ୍ୟୟ ମୁକାବିଲା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଶୋଭାଯାତ୍ରାର ଉଦ୍ଦେଶ୍ୟ ଥିଲା। ଏହି ଶୋଭାଯାତ୍ରା ମାର୍ଗରେ ତିନୋଟି ଗ୍ରାମରେ ଅଟକିଥିଲା ଏବଂ ବିପର୍ଯ୍ୟୟ ସମୟରେ କ'ଣ କରିବା ଉଚିତ୍ ଏବଂ ଅନୁଚିତ୍ ସେ ସମ୍ପର୍କରେ ଗ୍ରାମବାସୀଙ୍କ ମଧ୍ୟରେ ସଚେତନତା ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ସ୍ଥାନୀୟ ବାସିନ୍ଦାମାନେ ଏନଡିଆରଏଫର ସାଇକେଲ ଶୋଭାଯାତ୍ରାକୁ ସ୍ୱାଗତ କରିବା ସହିତ ଏପରି ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଶୋଭାଯାତ୍ରା ୨୨ କିଲୋମିଟର ପର୍ଯ୍ୟନ୍ତ ଚାଲିଥିଲା। ଶେଷରେ ପ୍ରତିଯୋଗୀମାନେ କମାଣ୍ଡାଣ୍ଟଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହାଛଡ଼ା ଏହି ମୁହୂର୍ତ୍ତକୁ ଅଧିକ ସ୍ମରଣ କରିବା ଲାଗି ଇନ୍ସପେକ୍ଟର/ଇଏକ୍ସଇ ଅରବିନ୍ଦ ଗଜରାଜଙ୍କ ନେତୃତ୍ୱରେ ଏନଡିଆରଏଫ ଦଳ ଏବଂ କଟକ ରାମଦାସପୁରର ଜୟ ଭାରତ ସ୍ୱାଇସେସ ପ୍ରାଇଭେଟ ଲିମିଟେଡ ପକ୍ଷରୁ "ପ୍ରାଥମିକ ଚିକିତ୍ସା" ଉପରେ ଏକ ବିପର୍ଯ୍ୟୟ ପରିଚାଳନା ସଚେତନତା ଆୟୋଜନ କରାଯାଇଥିଲା। ଜୟ ଭାରତ ସ୍ୱାଇସେସ ପ୍ରାଇଭେଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୁଶାନ୍ତ ପଣ୍ଡା ଏହି ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସିପିଆର, ରକ୍ତ ବନ୍ଦ କରିବା ଏବଂ ଆଘାତର ପ୍ରାଥମିକ ଚିକିତ୍ସା ସମ୍ପର୍କରେ ଉପସ୍ଥିତ କର୍ମଚାରୀଙ୍କ ମଧ୍ୟରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ବିଷ୍ଣୁପୁର ଅଙ୍ଗନବାଡି କର୍ମୀଙ୍କ ଅକାଳ ବିୟୋଗ



ବାଲିଆପାଳ,୦୯/୦୮ (ନି.ପ୍ର): ବାଲିଆପାଳ ବ୍ଲକ ବିଷ୍ଣୁପୁର ପଂଚାୟତ ବିଷ୍ଣୁପୁର-୨ ଅଙ୍ଗନବାଡି କର୍ମୀ କବିତା ପ୍ରଧାନଙ୍କର ଆଜି ଅକାଳ ବିୟୋଗ ଘଟିଛି। କବିତା ଆଜି ସକାଳେ ମୁଣ୍ଡରେ ଯନ୍ତ୍ରଣା ଅନୁଭବ କରିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା କରିବାରୁ ତାଙ୍କ ରକ୍ତଚାପ ବଢିଯାଇଥିବା ଜଣା ପଡିଥିଲା। ତାଙ୍କୁ ତୁରନ୍ତ ବାଲେଶ୍ୱର ସଦର ଡାକ୍ତରଖାନାକୁ ନିଆଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିଲା। କବିତାଙ୍କ ମର ଶରୀର ଅପରାହ୍ନରେ ଗ୍ରାମରେ ପହଁଚିବା ପରେ ଶୋକାକୂଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ପୂର୍ବତନ ସରପଂଚ ମହେଶ୍ୱର ଜେନା, ପଂଚାୟତର ବିଜେଡି ସଭାପତି ସରୋଜ ଦାସ, ସୁଶାନ୍ତ ଦାସ, ଚନ୍ଦନ ଜେନା, ଅଙ୍ଗନବାଡି ସୁପଭାଇଜର ଅମ୍ବୀକା ନନ୍ଦି, ସୌଦାମିନୀ ଜେନା ଏବଂ ବହୁ ଅଙ୍ଗନବାଡି କର୍ମୀ ତାଙ୍କ ବାସଗୃହରେ ପହଁଚି ଶେଷ ଦର୍ଶନ କରିବା ସହ ମର ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ମର ଶରୀରକୁ ଶୋଭା ଯାତ୍ରାରେ ନିଆ ଯାଇ ଅନ୍ତିମ ସଂସ୍କାର କରାଯାଇଥିଲା।

## 'ସହାୟକ'ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ବାଲେଶ୍ୱର,୦୯/୦୮ (ନି.ପ୍ର): ପ୍ରତିବର୍ଷ ଭଳି ଅଗଷ୍ଟ ୯ କ୍ରାନ୍ତିଦିବସ ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସହାୟକ' ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ଚଳିତ ବର୍ଷ 'ସହାୟକ'ର ସଭ୍ୟ ସଭ୍ୟାଙ୍କ ବାଡ଼ିରେ ଗଛ ଲଗାଇବାର ଆୟୋଜନ କରାଯାଇଛି। 'ସହାୟକ'ର ସଭାପତି ଇଂ. ସୁରେନ୍ଦ୍ରନାଥ ଦାସ ଏବଂ ଉପଦେଷ୍ଟା ଦିବାକର ମହାପାତ୍ର ଯୁଗ୍ମ ଭାବରେ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସହାୟକର ପୃଷ୍ଠପୋଷକ ସଭ୍ୟ ଇଂ. କେଶବ ଚନ୍ଦ୍ର ମାହାନ୍ତିଙ୍କ ବାଡ଼ିରେ ପ୍ରଥମ ବୃକ୍ଷଚାରା ରୋପଣ କରାଯାଇଥିଲା। ପରେ ଅନ୍ୟାନ୍ୟ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟାଙ୍କ ବାଡ଼ିରେ ଲଗାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

## ବିଦ୍ୟାଳୟକୁ ସମାଜସେବୀଙ୍କ ସହାୟତା ପ୍ରଦାନ

ବାଲିଆପାଳ,୦୯/୦୮ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଅସ୍ତି ପଂଚାୟତ ଡାଙ୍ଗରପଦା ନୋଡାଲ ଉଚ୍ଚ ବିଦ୍ୟାଳୟର ବହୁ ପୁରାତନ ଶ୍ରେଣୀ ଗୃହର ପୁନଃନିର୍ମାଣ କାର୍ଯ୍ୟପାଇଁ ମୋ ସ୍କୁଲ ଅଭିଯାନ ମାଧ୍ୟମରେ ସମାଜସେବୀ ତଥା ଦୀନକୃଷ୍ଣ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୌରୀଶଙ୍କର ଜେନା୨୫ ହଜାର ଟଙ୍କା ପ୍ରଦାନ କରିଛନ୍ତି । ଶ୍ରୀ ଜେନା ଏହି ରାଶିକୁ ବିଦ୍ୟାଳୟର ଆଲୁମିନି ସଭାପତି ସନ୍ତୋଷ କୁମାର ଦାସ,ସଂପାଦକ ଅଜୟ କୁମାର ଗିରି,ପ୍ରଧାନ ଶିକ୍ଷକ ସମରଞ୍ଜନ ଜେନା,ସଂଯୋଜକ ପୂର୍ଣ୍ଣେନ୍ଦୁ ଦାସଙ୍କ ଉପସ୍ଥିତିରେ ପ୍ରଦାନ କରିଛନ୍ତି । ସୂଚନା ଯୋଗ୍ୟ ଗୌରୀ ଶଙ୍କରସ ଜେନା ପୂର୍ବରୁ ନିଜ ପୈତୃକ ଗ୍ରାମ ଅସ୍ତିରେ ଏକ ଭବ୍ୟଶିବମନ୍ଦିର ନିର୍ମାଣ କରି ସର୍ବସାଧାରଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରିଛନ୍ତି । ଶ୍ରୀ ଜେନାଙ୍କ ଏହି ବଦାନ୍ୟତା ପାଇଁ ବିଦ୍ୟାଳୟ ପରିଚାଳନା କମିଟି, ଶିକ୍ଷକକ ଶିକ୍ଷୟିତ୍ରୀ, ଗ୍ରାମବାସୀ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## କ୍ରାନ୍ତି ଦିବସରେ ନୀଳଗିରିରେ ସିଟୁ ଓ ସି.ପି.ଆଇ.ଏମ. ପକ୍ଷରୁ ବିକ୍ଷୋଭ ସମାବେଶ

ନୀଳଗିରି,୦୯/୦୮ (ନି.ପ୍ର): ଅଗଷ୍ଟ ୯ରେ ବ୍ରିଟିଶ ସରକାର ବିରୁଦ୍ଧରେ ଭାରତ ଛାଡ଼ ଆନ୍ଦୋଳନ ଡାକରା ଦିଆଯାଇଥିଲା । ଏହି କ୍ରାନ୍ତି ଦିବସରେ ନୀଳଗିରିରେ ସିଟୁ ଓ କୃଷକ ସଭା ତରଫରୁ ମୋଦୀ ସରକାର ଗାଦି ଛାଡ଼ ଡାକରା ଦିଆଯାଇଛି । ଆଜି ସି.ପି.ଆଇ.ଏମ. କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ନୀଳଗିରି ଉପଜିଲ୍ଲାପାଳ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ । ଏହି ବିକ୍ଷୋଭ ରାମଚନ୍ଦ୍ର ସ ଙ୍କ ଅଧକ୍ଷତାରେ କରାଯାଇଥିଲା । ଉକ୍ତ ବିକ୍ଷୋଭରେ ଜିଲ୍ଲାସଂପାଦକ ମଣ୍ଡଳୀର ସଭ୍ୟ ବିଜୟ ପାତ୍ର, ରାଜ୍ୟ ସଂପାଦକ ମଣ୍ଡଳୀର ସଭ୍ୟ ନିର୍ମଳ ନାୟକ, ଯୋଗାନନ୍ଦ ଦାଶ, ରଥ ସିଂ, ପରମାନନ୍ଦ ବେହେରା ବକ୍ତବ୍ୟ ରଖିଥିଲେ । ଏକ୧୨ ଦଫା ସମ୍ବଳିତ ଦାବୀପତ୍ର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୀଳଗିରି ଉପଜିଲ୍ଲାପାଳଙ୍କୁ ଦେଇଥିଲେ । ଦାବୀ ଗୁଡ଼ିକ ମଧ୍ୟରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦର କମାଇବା, କଳା କୃଷି ଆଇନ ବାତିଲ କରିବା, ଡିଜେଲ , ପେଟ୍ରୋଲ ଓ ରନ୍ଧନ ଗ୍ୟାସ ର ଦର କମାଇବା, ବେରୋଜଗାରିଆଙ୍କୁ ନିଯୁକ୍ତି ଦେବା, ମନରେଗା ଯୋଜନାରେ ୨୦୦ଦିନ କାମ ଯୋଗାଇବା, ସମସ୍ତଙ୍କୁ ମାଗଣାରେ କୋଭିଡ ଟୀକା ଦେବା, ଲକଡାଉନରେ ସମସ୍ତଙ୍କୁ ରୋଜଗାର ଦେବା ଆଦି ଦାବୀ କରିଥିଲେ ।

## କଳାକୃଷି ଆଇନ ବିରୋଧରେ ବ୍ଲକ ସମ୍ମୁଖରେ ବିକ୍ଷୋଭ




ବାଲିଆପାଳ,୦୯/୦୮ (ନି.ପ୍ର): ଐତିହାସିକ କ୍ରାନ୍ତି ଦିବସ ଉପଲକ୍ଷେ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଓ ଅଖିଳ ଭାରତ କୃଷକ ସଂଘର ଆହ୍ୱାନ କ୍ରମେ ଆଜି ବାଲିଆପାଳଚାଷୀ ଏକତା ମଞ୍ଚ, ସୂଚନ ଅଧିକାର, ଗଜଚେତନା ମଞ୍ଚ ତଥା ସିଟୁ ପକ୍ଷରୁ ବାଲିଆପାଳ ବ୍ଲକ ସମ୍ମୁଖରେ ଗଣ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚାଷୀ ଏକତା ମଞ୍ଚର ସଭାପତି ଅରୁଣ ଜେନା ବକ୍ତବ୍ୟ ପ୍ରଦାନକରି ମହାମାରୀଭଳୀ ଅତି କଠୋର ପରିସ୍ଥିତିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସାଧାରଣଲୋକ, ଚାଷୀ, ଗରିବ, ଖଟିଖିଆଙ୍କ ଉପରେ ତୁହାକୁ ତୁହା ଆକ୍ରମଣ କରି ଚାଲିଛନ୍ତି , କୃଷକ ଓ କୃଷି ଅର୍ଥନିତି ବ୍ୟବସ୍ଥାପ୍ରତି ଚରମ କଠୋରଘାତ ବଠିଛି । କୃଷକ ମାନଙ୍କ ଓ ତାଙ୍କ ଉତ୍ପାଦିତ ଫସଲର ଉପଯୁକ୍ତ ଦର ମିଳୁ ନାହିଁ ।ଚାଷି ଋଣ ବୋଝ ସମ୍ଭାଳି ନପାରି ଆତ୍ମହତ୍ୟା କରୁଛି ।ଅତ୍ୟାବଶ୍ୟକରଣ ପଣ୍ୟ ଆଇନକୁ ବାତିଲ କରିବା ସହିତ ସମସ୍ତ ସରକାରୀ ଉଦ୍ୟୋଗ ଗୁଡିକୁ ଘରୋଇ କମ୍ପାନୀକୁ ବିକ୍ରି କରିଦିଆଯାଉଛି । ଲୋକାଭିମୁଖ ଶ୍ରମ ଆଇନକୁ ବାତିଲ କରି ଶ୍ରମିକ ମାନଙ୍କୁ ଅବସ୍ଥାକୁ ଠେଲିଦିଆଯାଉଛି ବୋଲି କହିବା ସହ ସରକାର ତୁରନ୍ତ ଜନ ବିରୋଧି ଚାଷୀ ଚାଷ ଧ୍ୱଂସକାରୀ କଳା କୃଷି ଆଇନ-୨୦୨୦କୁ ବାତିଲ କରିବା,ସମସ୍ତ କରୋନା ପିଡିତକୁ ମାଗଣା ଚିକିତ୍ସା ଯୋଗାଇ ଦେବା, ସମସ୍ତ ଲୋକଙ୍କୁ ରୋଜଗାରର ଗ୍ୟାରେଣ୍ଟି କରାଇବା, ସଂଶୋଧିତ ବିଦ୍ୟୁତ ଆଇନ, ଅତ୍ୟାବଶ୍ୟକ ଗଣ୍ୟ ଆଇନ ସଂଶୋଧନ ପ୍ରତ୍ୟାହାର କରିବା ଆଦି ସାଧାରଣ ଲୋକଙ୍କର ଗଣତାନ୍ତ୍ରୀକ ଓସାମ୍ବିଧାନିକ ଅଧିକାର କୁ କ୍ଷୁର୍ଣ୍ଣ କରୁଥିବା ଫାଶୀବାଦୀ ବ୍ୟବସ୍ଥାକୁ ବାତିଲ କରା ନଗଲେ ଆଗାମୀ ଦିନରେ ଦେଶବ୍ୟାପୀ ଆନ୍ଦୋଳନ ଜୋରଦାର ହେବ ବୋଲି ଚେତାବନୀ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଅଭି୍ଯାନର ଆବାହକ ଅନୁଜ ମହାପାତ୍ର,କୁଶଧ୍ୱଜ ଜେନା, ଗୋପୀନାଥ ଗଙ୍ଗାଇ, ମୃତ୍ୟୁଞ୍ଜୟ ରାଉତ, ଶରତ ପାତ୍ର, ଦେବେନ୍ଦ୍ର ଦାସ,ଶ୍ରୀକାନ୍ତ ଦଣ୍ଡପାଟ, ଏକାଦୁସୀ ମାହାନା ପ୍ରମୁଖ ସାମିଲ ହୋଇଥିଲେ ।

## ରାତ୍ରିକାଳୀନ କର୍ଫ୍ୟୁ ପ୍ରତ୍ୟାହାର ଦାବିରେ ଯାତ୍ରା କଳାକାର ସଂଘର ବିକ୍ଷୋଭ

ବାଲେଶ୍ୱର,୦୯/୦୮ (ନି.ପ୍ର): ରାତ୍ରିକାଳୀନ କର୍ଫ୍ୟୁ ହଟାଇବା ଦାବିରେ କରୋନା ପ୍ରଭାବିତ ଯାତ୍ରା କଳାକାରଙ୍କ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି। ଓଡ଼ିଶା କଳାକାର ମହାସଂଘର ଆହ୍ୱାନ କ୍ରମେ ସମଗ୍ର ରାଜ୍ୟରେ ସରକାରଙ୍କ କରୋନା ପରିଚାଳନା ନୀତି ବିରୋଧରେ ବିକ୍ଷୋଭ ପ୍ରଦର୍ଶିତ ହୋଇଥିବା ବେଳେ ବାଲେଶ୍ୱରରେ ମଧ ଅନୁରୂପ ସ୍ଥିତ ପରିଲକ୍ଷିତ ହୋଇଛି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଶାଖାର ଶତାଧିକ କଳାକାର ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରଥିଲେ। କରୋନା କାଳରେ କଳାକାରମାନେ ଜୀବିକା ହରାଇ ଦୀର୍ଘଦିନ ଧରି ଦୟନୀୟ ସ୍ଥିତିରେ ରହିଥିବା ସେମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ଉଦାସୀନତା କ୍ରମଶଃ ଅତିଷ୍ଠ ହେଲାଣି ବୋଲି ସଂଘର କର୍ମକର୍ତ୍ତାମାନେ ଆରୋପ କରିଛନ୍ତି। ପ୍ରଥମ ଲହର କରୋନା କାଳରୁ ଦ୍ୱିତୀୟ ଲହର ପର୍ଯ୍ୟନ୍ତ ତାଲାବନ୍ଦ, ସାପ୍ତାହିକ ବନ୍ଦ ଓ ରାତ୍ରିକାଳୀନ କର୍ଫ୍ୟୁ ସବୁବର୍ଗର ଯାତ୍ରା କଳାକାର ଜୀବିକା ହରାଇଛନ୍ତି । କରୋନା କଟକଣାରେ ପ୍ରଭାବିତ ଲୋକଙ୍କୁ ତେଲେଙ୍ଗାନା, ତାମିଲନାଡୁ ଏବଂ ଦିଲୀ ଭଳି ରାଜ୍ୟରେ ସବୁ ବର୍ଗର ଲୋକଙ୍କୁ ସରକାର ଆର୍ଥିକ ସହାୟତା ଦେଉଥିବା ବେଳେ ଓଡିଶା ସରକାର କଳାକାରଙ୍କ ପ୍ରତି ଆଖି ବୁଜିଦେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି କର୍ମକର୍ତ୍ତାମାନେ କହିଛନ୍ତି। ଏନେଇ ବିଗତ ଦିନରେ କଳାକାର ମହାସଂଘ ପକ୍ଷରୁ ଭତ୍ତା ପ୍ରଦାନ ପାଇଁ ଦାବି କରାଯାଇଥିଲା। ମାତ୍ର ସରକାର ଏହି ଦାବି ପୂରଣ କରିବା ପରିବର୍ତ୍ତେ ୫୦ ପ୍ରତିଶତ ଦର୍ଶକରେ ଯାତ୍ରା ମଞ୍ଚସ୍ଥ ପାଇଁ ଅନୁମତି ଦେଇଥିଲେ। ମାତ୍ର ରାତ୍ରୀକାଳୀନ କର୍ଫ୍ୟୁ ଯୋଗୁଁ ଯାତ୍ରା କରିବା ବି ସମ୍ଭବ ନୁହେଁ। ସରକାରଙ୍କ ଦୋମୁହାଁ ନୀତି କଳାକାରଙ୍କୁ ଆଶ୍ୱସ୍ତି ଦେବା ପରିବର୍ତ୍ତେ ହତୋତ୍ସାହିତ କରିଛି। ଶେଷରେ ବାଧ୍ୟ ହୋଇ ସଂଘ ପକ୍ଷରୁ କ୍ରାନ୍ତି ଦିବସରେ ସମଗ୍ର ଓଡ଼ିଶାରେ ବିକ୍ଷୋଭ ପ୍ରଦର୍ଶନ ପାଇଁ ନିଷ୍ପତ୍ତି ନିଆଯାଇଥିବା କର୍ମକର୍ତାମାନେ ସୂଚନା ଦେଇଛନ୍ତି। କରୋନା କାଳରେ କଳାକାରଙ୍କୁ ମାସିକ ୫ ହଜାର ଲେଖାଏଁ ଭତ୍ତା ପ୍ରଦାନ, କଳାକାରଙ୍କୁ ଏମଏସଏମଇ ତାଲିକାଭୁକ୍ତ ସହ ଋଣ ପ୍ରଦାନ, ନେଇଥିବା ଋଣ ପରିଶୋଧ ପାଇଁ ଅଧିକ ୨ବର୍ଷର ଅବଧି ପ୍ରଦାନ, ଯାତ୍ରା ପରିବେଷଣ ପାଇଁ ରାତ୍ରିକାଳୀନ କର୍ଫ୍ୟୁ ତୁରନ୍ତ ପ୍ରତ୍ୟାହାର, ସାମ୍ଭାବ୍ୟ ତୃତୀୟ ଲହର କରୋନା ପାଇଁ ତାଲାବନ୍ଦ ଘୋଷଣା ପୂର୍ବରୁ ଅନ୍ୟୂନ ୬ ମାସର ଆର୍ଥିକ ପ୍ୟାକେଜ ପ୍ରଦାନ ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଏ ନେଇ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା ।

ବାଲେଶ୍ୱର ମଙ୍ଗଳବାର, ୧୦ ଅଗଷ୍ଟ, ୨୦୨୧

# ଧ୍ୱନି ପ୍ରତିଧ୍ୱନି



## ଗୋଟିଏ ଦିନରେ ୮୮୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୯/୦୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୮୮୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୮୭୯୫୬ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୬୯୯୧୬ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ସଂଖ୍ୟା ୧୧୪୮୬ ରହିଛି। ଆଜି ଚିହ୍ନଟ ହୋଇଥିବା ୮୮୬ ଜଣଙ୍କ ମଧ୍ୟରୁ ୫୧୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୭୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୫୩ ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୩୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୬୨ ଜଣ, ବରଗଡ଼ରୁ ୮ ଜଣ, ଭଦ୍ରକରୁ ୩୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବୌଦ୍ଧ ଜିଲ୍ଲାରୁ ୨, କଟକରୁ ୮୧, ଦେବଗଡ ଜିଲ୍ଲାରୁ ୨ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୧ ଜଣ, ଗଜପତି ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଞ୍ଜାମରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୫୪ ଜଣ, ଯାଜପୁରରୁ ୬୦ ଜଣ, ଝାରସୁଗୁଡ଼ାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡିରୁ ୧୧ ଜଣ, କନ୍ଧମାଳ ଜିଲ୍ଲାରୁ ୫ ଜଣ. କେନ୍ଦ୍ରାପଡ଼ାରୁ ୩୩ ଜଣ, କେନ୍ଦୁଝରରୁ ୧୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୨୫୩ ଜଣ, କୋରାପୁଟରୁ ୭, ମାଲକାନଗିରି ଜିଲ୍ଲାରୁ ୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ଦିନକରେ ୬୨ ନୂଆ କରୋନା ସଂକ୍ରମିତ

ବାଲେଶ୍ୱର,୦୯/୦୮ (ନି.ପ୍ର): ରାଜ୍ୟର ଅନ୍ୟାନ୍ୟ ବହୁ ଜିଲାରେ ଦୈନିକ ସଂକ୍ରମଣ ହାର ଏକ ଅଙ୍କକୁ ଖସିବା ସହ କେତେକ ଜିଲାରେ ଶୂନରେ ପହଞ୍ଚିଥିବା ବେଳେ ବାଲେଶ୍ୱରରେ ଏହା ୫୦ରୁ ୧୦୦ ମଧ୍ୟରେ ରହୁଛି। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାରେ ୬୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ପୌରାଞ୍ଚଳରେ ୬ ଜଣ ଓ ବ୍ଲକ ଅଞ୍ଚଳରେ ୫୬ ଜଣ ଅଛନ୍ତି। ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୮,୫୧୬ରେ ପହଞ୍ଚିଥିବା ବେଳେ ୩୭,୬୦୧ଜଣ ସଂକ୍ରମିତ ସୁସ୍ଥ ହୋଇଛନ୍ତି। ତେବେ ଗତ ୨୪ଘଣ୍ଟା ମଧ୍ୟରେ କୌଣସି କରୋନା ଆକ୍ରାନ୍ତଙ୍କର ମୃତ୍ୟୁ ନଥିବା ବେଳେ ଜିଲାରେ ଏବେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୨୧୩ରେ ସ୍ଥିର ରହିଥିବା ସରକାରୀ ୱେବସାଇଟରେ ସୂଚିତ କରାଯାଇଛି।

# ସରକାରଙ୍କ ଜନବିରୋଧୀ ନୀତିର ପ୍ରତିବାଦ

## କ୍ରାନ୍ତି ଦିବସରେ ଶ୍ରମିକ ସଂଗଠନ ମିଳିତ ମଞ୍ଚର ବିକ୍ଷୋଭ




ବାଲେଶ୍ୱର,୦୯/୦୮ (ନି.ପ୍ର): ଐତିହାସିକ ଅଗଷ୍ଟ ୯ କ୍ରାନ୍ତି ଦିବସ ଅବସରରେ କେନ୍ଦ୍ରୀୟ ଶ୍ରମିକ ସଂଗଠନଙ୍କ 'ଦେଶ ବଞ୍ଚାଅ' ଆହ୍ୱାନ କ୍ରମେ ଶ୍ରମିକ ସଂଗଠନ ମିଳିତ ମଞ୍ଚ ପକ୍ଷରୁ ବାଲେଶ୍ୱରରେ ବିକ୍ଷୋଭ ଓ ପ୍ରତିବାଦ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏନେଇ ସ୍ଥାନୀୟ ଫାଣ୍ଡିଛକରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ସେଠାରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ 'ଏଆଇସିଟିୟ'ର କର୍ମକର୍ତ୍ତା ରବୀନ୍ଦ୍ର ବେହେରା ଅଧକ୍ଷତା କରିଥିଲେ। ବରିଷ୍ଠ ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ, ଆଇଏନଟିୟୁସିର ଜିଲା ସଭାପତି ସୁରେଶ ଚନ୍ଦ୍ର ବେହେରା, ସିଆଇଟିୟୁ ନେତା ଶିଶିର ହୁଇ, ଏଆଇଟିୟୁସି ଜିଲା ସଭାପତି ଭାଗବତ ପ୍ରତିହାରୀ, ଟିୟୁସିସି ସମ୍ପାଦକ ସର୍ବେଶ୍ୱର ମିଶ୍ର, ବୀମା କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା, ଉମାକାନ୍ତ ଦାସ, ପ୍ରତିରକ୍ଷା କର୍ମଚାରୀ ନେତା ନିରଞ୍ଜନ ଦାସ, ବସ୍ତିବାସିନ୍ଦା ସଂଘ ସଭାପତି ବେଣୁଧର ବାରିକ ପ୍ରମୁଖ ଏହି ପ୍ରତିବାଦ ସଭାରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିଥିଲେ । କେନ୍ଦ୍ର ସରକାର ଘରୋଇ କମ୍ପାନି ମାଲିକଙ୍କ ସ୍ୱାର୍ଥରକ୍ଷା ପାଇଁ ଶ୍ରମ ଆଇନ ସଂଶୋଧନ, କଳା କୃଷି ଆଇନ ପାରିତ ସହ ପେଟ୍ରୋଲ, ଡିଜେଲ ଓ ଜାଳେଣି ଗ୍ୟାସ ପ୍ରଭୃତି ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ଦରବୃଦ୍ଧି କରି ଚାଲିଛନ୍ତି ବୋଲି ସେମାନେ କହିଥିଲେ। ସମଗ୍ର ଦେଶରେ ଜନସାଧାରଣଙ୍କ ପୁଞ୍ଜିଭୂତ ଅସନ୍ତୋଷ ଦିନକୁ ଦିନ ଉଗ୍ର ରୂପ ନେଉଛି। କେନ୍ଦ୍ରର ମୋଦି ସରକାର ବିଦେଶୀ କମ୍ପାନିଙ୍କ ଜରିଆରେ ଦେଶର ବିଶିଷ୍ଟ ବ୍ୟକ୍ତିଙ୍କ ମୋବାଇଲ ତଥ୍ୟକୁ ଗୁପ୍ତଚର ବୃତ୍ତିରେ ଚୋରି କରିବା ଘଟଣାର ତଦନ୍ତ ଦାବି କରି ବକ୍ତାମାନେ ଦେଶ ଓ ସମ୍ବିଧାନ ବଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ମୋଦି ସରକାରଙ୍କ ସମସ୍ତ ଜନବିରୋଧୀ ନୀତିକୁ ଓଡ଼ିଶାରେ ନବୀନ ପଟ୍ଟନାୟକ ସରକାର ସମର୍ଥନ କରୁଥିବାରୁ ରାଜ୍ୟବାସୀ ମଧ୍ୟ ଏଥିରେ ଅତିଷ୍ଠ ହେବାକୁ ଲାଗିଲେଣି ବୋଲି ବକ୍ତାମାନେ କହିଥିଲେ। ବିଶେଷ କରି କେନ୍ଦ୍ର ସରକାରଙ୍କର ପୁଞ୍ଜିପତି ତୋଷଣ ନୀତି ଯୋଗୁଁ ଲାଭରେ ଚାଲିଥିବା ରାଷ୍ଟ୍ରୀୟ ଉଦ୍ୟୋଗ ଏବଂ ଜାତୀୟ ସମ୍ପତ୍ତି ବିକ୍ରି କରାଯିବା ନିଷ୍ପତ୍ତି ବାସ୍ତବିକ ଦୁର୍ଭାଗ୍ୟର ବିଷୟ ବୋଲି ମିଳିତ ମଞ୍ଚ ପକ୍ଷରୁ ଆରୋପ କରାଯାଇଛି। ବିଭିନ୍ନ ଶ୍ରମିକ କର୍ମଚାରୀ ସଂଗଠନ ପକ୍ଷରୁ ନିକୁଞ୍ଜ ବସନ୍ତ ରାୟ, ଉମାକାନ୍ତ ଜେନା, ଭରତ ସେଠୀ, ଶ୍ୟାମସୁନ୍ଦର ଜେନା, ଯତୀନ ପାତ୍ର, ଲକ୍ଷ୍ମୀଧର ଗିରି, ବଂଶୀଧର ବେହେରା, ମଧୁସୂଦନ ଜେନା, ବନ୍ଦନା ବିଶ୍ୱାସ ଓ ଶଶିକାନ୍ତ ବେହେରା ପ୍ରମୁଖ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ନେତୃତ୍ୱ ନେଇଥିଲେ। ପରିବହନ ଶ୍ରମିକ ସଂଘ କର୍ମକର୍ତ୍ତା ରାଜକିଶୋର ଲେଙ୍କା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ଜବାହର ନବୋଦୟ ବିଦ୍ୟାଳୟ ଷଷ୍ଠ ଶ୍ରେଣୀ ଚୟନ ପରୀକ୍ଷା ୧୧ରୁ

ବାଲେଶ୍ୱର,୦୯/୦୮ (ନି.ପ୍ର): ଆସନ୍ତା ଅଗଷ୍ଟ ୧୧ତାରିଖ, ବୁଧବାର ଅନୁଷ୍ଠିତ ହେବାକୁ ଯାଉଛି ଜବାହର ନବୋଦୟ ବିଦ୍ୟାଳୟ ଷଷ୍ଠ ଶ୍ରେଣୀ ଛାତ୍ରଛାତ୍ରୀ ଚୟନ ପରୀକ୍ଷା-୨୦୨୧। ଏନେଇ ଜିଲାର ୪୬ଟି କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବା ବେଳେ ବିଭିନ୍ନ ବିଦ୍ୟାଳୟରେ ନିର୍ମାଣ କାର୍ଯ୍ୟ ଜାରି ଥିବା ଯୋଗୁଁ ୯ଟି କେନ୍ଦ୍ରକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି । ବାଲେଶ୍ୱର ଜିଲା ବାଗୁଡ଼ି ଜବାହର ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ସୂଚନା ଅନୁଯାୟୀ 'ବାଲେଶ୍ୱର ପବ୍ଲିକ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ର ସାଉଁ ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟକୁ ସ୍ଥାନାନ୍ତରିତ ହୋଇଥିବା ବେଳେ ବାଲେଶ୍ୱର ଜିଲା ସ୍କୁଲ ପରୀକ୍ଷା କେନ୍ଦ୍ର ସୁନହଟ ଶକୁନ୍ତଳା ସରକାରୀ ଉଚ୍ଚ ବିଦ୍ୟାଳୟକୁ ସ୍ଥାନାନ୍ତରିତ ହୋଇଛି। ଅନୁରୂପ ଭାବେ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ର ଭୋଗରାଇ ସରସ୍ୱତୀପୁର ସ୍ଥିତ ରଘୁନାଥ ଏକାଡେମୀକୁ ଏବଂ ଗୋପାଳପୁର ମଣିଭଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ର ଗିଲଦା ଉଚ୍ଚ ବିଦ୍ୟାଳୟକୁ ସ୍ଥାନାନ୍ତରିତ ହୋଇଛି। ସେହିପରି ଖଇରା ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ର ଗଣ୍ଡିବେଢ଼ ଉଚ୍ଚ ବିଦ୍ୟାଳୟକୁ ଏବଂ ନୀଳିଗିରି କେ.ସି. ହାଇସ୍କୁଲ ପରୀକ୍ଷା କେନ୍ଦ୍ର କାଆଁସ ନୋଡାଲ ଉଚ୍ଚ ବିଦ୍ୟାଳୟକୁ, ଔପଦା ହାଇସ୍କୁଲ କେନ୍ଦ୍ର ପରୀକ୍ଷାର୍ଥୀ ବଡ଼ପୋଖରୀ ଦାନ୍ତୋର ହାଇସ୍କୁଲ ଏବଂ ରେମୁଣା ହାଇସ୍କୁଲ ପରୀକ୍ଷା କେନ୍ଦ୍ରର ପରୀକ୍ଷାର୍ଥୀ ସାହୁପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେବେ। ଅନ୍ୟ ପକ୍ଷରେ ସୋର ଏସ.ଏନ. ହାଇସ୍କୁଲ ପରୀକ୍ଷା କେନ୍ଦ୍ର ବାଗୁଡି ହାଇସ୍କୁଲକୁ ସ୍ଥାନାନ୍ତର ହୋଇଥିବା ଜବାହର ନବୋଦୟ ବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ପରୀକ୍ଷାର୍ଥୀମାନେ ପୂର୍ବ ନିର୍ଦ୍ଧାରିତ ପରୀକ୍ଷା କେନ୍ଦ୍ର ବଦଳରେ ପରିବର୍ତ୍ତିତ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବାକୁ ପ୍ରସ୍ତୁତ ହେବା ସହ ଆବଶ୍ୟକ ସ୍ଥଳେ ଏ ସଂକ୍ରାନ୍ତରେ କୌଣସି ସ୍ପଷ୍ଟୀକରଣ ପାଇଁ ବାଗୁଡ଼ି ଜବାହର ନବୋଦୟ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିପାରିବେ ।

## ବାଲେଶ୍ୱର ସାଂସଦ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଦାବି ଜଣାଇଲେ

ନୀଳଗିରି,୦୯/୦୮ (ନି.ପ୍ର): ଆଜି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଙ୍କୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସାକ୍ଷାତ କରି ବାଲେଶ୍ୱର ବାସୀଙ୍କର ଦୁଇଟି ଦାବୀ ବିଷୟରେ ଲିଖିତ ଦାବୀପତ୍ର ପ୍ରଦାନ କରିଛନ୍ତି । ପ୍ରଥମତଃ ବାଲେଶ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ରେଲୱେ ଷ୍ଟେସନ ହୋଇଥିବାରୁ ଓ ଏହାକୁ ଦକ୍ଷିଣ ପୂର୍ବାଞ୍ଚଳ ଅନ୍ତର୍ଗତ ଖଡ଼ଗପୁର ଡିଭିଜନରେ ରଖିବା ହେତୁ ବହୁ ସମସ୍ୟା ହେଉଥିବାରୁ ଏହାକୁ ଦକ୍ଷିଣପୂର୍ବ ରେଳବାଇରୁ ବାହାର କରି ରୁପସା-ବାଙ୍ଗିରିପୋଷୀ ସେକସନକୁ ମିଶାଇ ବାଲେଶ୍ୱରକୁ ପୂର୍ବତନ ରେଳବାଇ ଅଧିନରେ ଏକ ସ୍ୱତନ୍ତ୍ର ଡିଭିଜନରେ ମାନ୍ୟତା ଦିଆଯାଉ । ଦ୍ୱିତୀୟରେ ଦୀର୍ଘ ଦିନ ଧରି ନୀଳଗିରି -ଡାହାଣିମରା- ଗୋପିନାଥପୁର ମାଲବୁହା ରେଳଷ୍ଟେସନକୁ ଏକ ପାସେଞ୍ଜର ରେଳ ଷ୍ଟେସନରେ ପରିଣତ କଲେ ଅନେକ ଗରିବ ଆଦିବାସୀ ଲୋକ ଉପକୃତ ହୋଇପାରିବେ । କେନ୍ଦ୍ର ରେଳ ମନ୍ତ୍ରୀ ଏହାକୁ କାର୍ଯ୍ୟକାରୀ କରିବେ ବୋଲି ପ୍ରତିଶୃତି ଦେଇଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ପୂର୍ବରୁ ସାଂସଦ ଶ୍ରୀ ଷଡ଼ଙ୍ଗୀ ବାଲେଶ୍ୱର ରେଲୱେ ଷ୍ଟେସନର ଆଧୁନିକ କରଣ ପାଇଁ ଚିଠି ଲେଖିଥିଲେ ଓ ପୂର୍ବ ରେଳମନ୍ତ୍ରୀ ପିୟୁଷ ଗୋଏଲ ଙ୍କ ସହ ଆଲୋଚନା କରିଥିଲେ । ଆନନ୍ଦର ବିଷୟ ଯେ ସରକାର ଏ ଦିଗରେ ପ୍ରଥମ ପଦକ୍ଷେପ ସ୍ୱରୂପ ସର୍ଭେ କରାଇ ଏକ ଡି.ପି.ଆର ପ୍ରସ୍ତୁତ କରିଛନ୍ତି । ଏଥିପାଇଁ ମାନ୍ୟବର ରେଳମନ୍ତ୍ରୀ ଓ ବିଭାଗୀୟ ଅଧିକାରୀମାନଙ୍କୁ ଶ୍ରୀ ଧନ୍ୟବାଦ ପ୍ରଦାନ କରିଛନ୍ତି ।

## କ୍ୟାନସରରେ ଯୁବକଙ୍କ ମୃତ୍ୟୁ : ବାପା ଛେଉଣ୍ଡ ହେଲେ ଦୁଇ ନିଷ୍ପାପ ଶିଶୁ



ବାଲିଆପାଳ,୦୯/୦୮ (ନି.ପ୍ର): ବାଲିଆପାଳ ବ୍ଲକ ମଧୁପୁରା ପଂଚାୟତ ଚୌଧୁରିକୁଦ ଗ୍ରାମର ବୈକୁଣ୍ଠ ବେହେରାଙ୍କ ପୁଅ ବିଜୟ ବେହେରା (୩୫)ବର୍ଷଙ୍କର ଆଜି କ୍ୟାନସରରେ ମୃତ୍ୟୁ ହୋଇଯାଇଛି । ପରିବାରର ଆର୍ଥିକ ସ୍ଥିତି ଭଲ ନଥିବାରୁ ବିଜୟ ଦିଲୀରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ ଘର ପାଖରେ ବୃଦ୍ଧ ବାପା, ପତ୍ନୀ, ୫ ବର୍ଷର ଜଣେ ଝିଅ ଏବଂ ୨ ବର୍ଷର ପୁଅ ରହୁଥିଲେ । ଘର ପାଖକୁ ଯାହା ଅର୍ଥ ପଠାଉଥିଲେ ସେଥିରେ ପରିବାର ସୁଖରେ ଚଳିଯାଉଥିଲା । ୬ ମାସ ତଳେ ବିଜୟ ପେଟରେ ଯନ୍ତ୍ରଣା ହେବାରୁ ଚିକିତ୍ସା ପାଇଁ ଡାକ୍ତରଙ୍କ ପାଖକୁ ଯିବାରୁ ସେ କ୍ୟାନସରରେ ପିଡୀତ ଥିବା ଜଣା ପଡିଥିଲା। କ୍ୟାନସର ଶେଷ ଷ୍ଟେଜରେ ପହଁଚିଥିବାରୁ ଚିକିତ୍ସା ପାଇଁ ଆବଶ୍ୟକ ଅର୍ଥ ଯୋଗାଡ କରି ପାରିଲେ ନାହିଁ । ୧୫ ଦିନ ତଳେ ଗ୍ରାମକୁ ଫେରି ଆସିଥିଲେ। ଘର ପାଖରେ ମଧ୍ୟ ଅର୍ଥର ଅଭାବ ଥିବାରୁ ବଂଚିବାର ଆଶା ନରଖି ଚିକିତ୍ସା ପାଇଁ କଟକ ଯାଇ ପାରିଲେ ନାହିଁ । ଶେଷରେ ଆଜି ସକାଳେ ତାଙ୍କର ମୃତ୍ୟୁ ହୋଇଯାଇଛି । ଦୁଇ ନିଷ୍ପାପ ଶିଶୁଙ୍କ ମୁହଁରେ ଆହାର ଦେଇ ନିଜେ କେମିତି ବଂଚି ରହିବେ ତାହାକୁ ନେଇ ତାଙ୍କ ପତ୍ନୀ ଭାଙ୍ଗି ପଡିଛନ୍ତି । ଏଭଳି ପରିସ୍ଥିତିରେ ଏହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି ।

## ଭଞ୍ଜସେନାର କର୍ମୀ ସମ୍ମିଳନୀ ଅନୁଷ୍ଠିତ

ବାରିପଦା,୦୯/୦୮ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଅଣରାଜନୈତିକ ଯୁବଛାତ୍ର ସଂଗଠନ ଭଞ୍ଜସେନାର ଏକ କର୍ମୀ ସମ୍ମୀଳନୀ ଆଜି ବାରିପଦା ଠାରେ ଅନୁଷ୍ଠିତ ହୋଇ ଯାଇଛି । ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ନିର୍ଦ୍ଦେଶ କ୍ରମେ ସଭାପତି ପିଣ୍ଟୁ ମାଇତିଙ୍କ ଆହ୍ୱାନ ତଥା ଯୁବ-ଛାତ୍ର ସଂଯୋଜକ ରାକେଶ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ମୟୁରଭଞ୍ଜ ଜିଲ୍ଲାକୁ ଉନ୍ନତି ପଥରେ ଆଗେଇ ନେବା ପାଇଁ ଜିଲ୍ଲାରେ ରହିଥିବା ପ୍ରତ୍ୟେକଟି ଗଣ ସମସ୍ୟାକୁ ନେଇ ଭଞ୍ଜସେନା ସଂଗ୍ରାମ ଜାରି ରଖିବା ସହିତ ମୟୁରଭଞ୍ଜ ଜିଲ୍ଲାରେ ରକ୍ତ ଅଭାବରୁ କେହି ନମରନ୍ତୁ ଲକ୍ଷ୍ୟ ନେଇ କାର୍ଯ୍ୟକାରୀ କରାଯାଉଥିବା ଭଞ୍ଜସେନା ରକ୍ତଭଣ୍ଡାର କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱୀତ କରାଯିବାର ନିଷ୍ପତି ଗ୍ରହଣ କରାଯାଇଛି । ଆଜିର ଏହି ବୈଠକରେ ଭଞ୍ଜସେନାର ଉପସଭାପତି-ରାକେଶ୍ ମହାନ୍ତି, ସାଫଲ୍ୟ ମିଶ୍ର, ସନାତନ ସାହୁ, ଜିତୁ ଶିବାନନ୍ଦ, ପ୍ରଶାନ୍ତ ମହାକୁଡ, ଦୀପକ୍ ଶୋ, ଯୁବ ସଭାପତି ମାନସ ବେହେରା, ଛାତ୍ର ସଭାପତି ସୌମ୍ୟରଞ୍ଜନ ମିଶ୍ର, ସଂପାଦକ ଏସ୍.କେ ରାଜା ଖାନ, ଯୁବ ନେତା ମନୋଜ ପାତ୍ର, ପଙ୍କଜ କରନ ପ୍ରମୁଖ ଉପସ୍ଥିତ ଥିଲେ ବୋଲି ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଜଣାଇଛନ୍ତି ।

## 'ହିରୋ ମୋଟକୋର୍ପ'ର ଦଶବର୍ଷ ପୂର୍ତ୍ତି ଉତ୍ସବ



ବାଲେଶ୍ୱର,୦୯/୦୮ (ନି.ପ୍ର): ଦେଶର ଅନ୍ୟତମ ଖ୍ୟାତନାମା ୨ଚକିଆ ଯାନ ନିର୍ମାତା 'ହିରୋ ମୋଟକୋର୍ପ'ର ଦଶମ ବର୍ଷ ପୂର୍ତ୍ତି ଉତ୍ସବ ବାଲେଶ୍ୱରର ଅଧିକୃତ ବିକ୍ରେତା 'ନୀଲମ ମୋଟର୍ସ' ପକ୍ଷରୁ ପାଳିତ ହୋଇଯାଇଛି । ଏହି ଅବସରରେ ଅତ୍ୟାଧୁନିକ ବାଇକ 'ହିରୋ ଗ୍ଲେମୋର ଏକ୍ସ-ଟେକର ଶୁଭ ବଜାର ପ୍ରବେଶ ହୋଇଥିଲା। ନୀଲମ ମୋଟର୍ସର ପରିଚାଳନା ନିର୍ଦ୍ଦେଶକ ନନ୍ଦ କିଶୋର ସରାଓ୍ୱଗୀ ଓ ନିର୍ଦ୍ଦେଶକ ମନୀଷ ସରାଓ୍ୱଗୀ ମିଳିତ ଭାବେ ନୂତନ ମଡେଲର ବାଇକକୁ ଅନାବରଣ କରିଥିଲେ। ହିରୋ କମ୍ପାନିର ୧୨୫ ସିସି ଇଂଜିନ କ୍ଷମତା ବିଶିଷ୍ଟ ବାଇକରେ ଉପଲବ୍ଧ ବ୍ଲୁ-ଟୁଥ୍ ସଂଯୋଗ, ଟର୍ଣ୍ଣ ବାଇ ଟର୍ଣ୍ଣ ନେଭିଗେସନ, ସାଇଡ ଷ୍ଟେଣ୍ଡ ଇଞ୍ଜିନ କଟ ଅଫ ସହିତ ଇଂଟିଗ୍ରେଟେଡ ୟୁଏସବି ଚାର୍ଜର, ବ୍ୟାକ ଏଙ୍ଗେଲ ସେନ୍ସର, ଏଲଇଡି ହେଡଲ୍ୟାମ୍ପ ପ୍ରଭୃତି ବ୍ୟବସ୍ଥା ଗ୍ରାହକମାନଙ୍କୁ ସୁଖଃଦ ଯାତ୍ରାର ଅନୁଭୂତି ଦେବ ବୋଲି ନୀଲମ ମୋଟର୍ସ କର୍ତ୍ତୃପକ୍ଷ ଆଶା ପ୍ରକାଶ କରିଛନ୍ତି । ଏଥିରେ ବେଟର ଫୁଏଲ ଇକନମି ସହ ଚାଳକଙ୍କ ସୁରକ୍ଷା ବ୍ୟବସ୍ଥା କରାଯାଇଛି ବୋଲି ନିର୍ଦ୍ଦେଶକ ମନୀଷ ସରାଓ୍ୱଗୀ କହିଛନ୍ତି। ହୋଣ୍ଡା କମ୍ପାନି ଠାରୁ ପୃଥକ ହେବାର ଦଶମ ବାର୍ଷିକ ପୂର୍ତ୍ତି ପାଳନ ଅବସରରେ ନୀଲମ ହୀରୋ ପକ୍ଷରୁ ପ୍ରତି ସ୍କୁଟର ଓ ଏକ୍ସଟ୍ରିମ ବାଇକ ଉପରେ ୫ହଜାର ଟଙ୍କା ଓ ଅନ୍ୟ ବାଇକ ଉପରେ ୨ ହଜାର ଟଙ୍କା ରିହାତି ଦିଆଯାଇଥିବା ସେ ସୂଚନା ଦେଇଥିଲେ । ଏହି ଅବସରରେ ପ୍ରଥମ ଗ୍ରାହକ ଅବସରପ୍ରାପ୍ତ ସାମରିକ କର୍ମଚାରୀ ଅନନ୍ତ ଗୋପାଳ କରଙ୍କୁ ନୀଲମ ମୋଟର୍ସ ପକ୍ଷରୁ ଚାବି ହସ୍ତାନ୍ତର କରାଯାଇଥିଲା।

## ଇନରହ୍ୱିଲ କ୍ଲବ ପକ୍ଷରୁ ବିଶ୍ୱ ମାତୃ ସ୍ତନ୍ୟପାନ ଦିବସ ପାଳିତ



ବାରିପଦା,୦୯/୦୮ (ନି.ପ୍ର): ବାରିପଦା ଆନ୍ତର୍ଜାତିକ ମହିଳା ସଙ୍ଗଠନ ଇନରହ୍ୱିଲ କ୍ଲବ ପକ୍ଷରୁ 'ବିଶ୍ୱ ମାତୃସ୍ତନ୍ୟ ପାନ ଦିବସ' ସ୍ଥାନୀୟ ଭଂଜପୁର ଠୋର ଥିବା ଅଙ୍ଗନ ବାଡ଼ି କେନ୍ଦ୍ରେର ସମ୍ପୂର୍ଣ୍ଣ କୋଭିଡ କଟକଣା ନିୟମ ପାଳନ ପୂର୍ବର୍କ ପ୍ରାୟ ୪୦ ଜଣ ଆଶା କର୍ମୀ ଓ ଅଙ୍ଗନବାଡିର ମାଆ ମାନଙ୍କ ଉପସ୍ଥିତେିର ପାଳିତ ହୋଇଯାଇଛି । ଏହି ଉପଲେକ୍ଷ ଆୟୋଜିତ ଏକ ଆଲୋଚନା ସଭୋର କ୍ଲବର ସଭାପତି ସୁଜାତା ମହାପାତ୍ର ମାଆ ମାନଙ୍କୁ 'ଶିଶୁର ଯେନ୍ରେ ମା' କ୍ଷୀରର ଆବଶ୍ୟକତା'' ସମ୍ବନ୍ଧେର ଦିଗଦର୍ଶନ ଦେଇ ଥେିଲ । ପେର ପେର ଶିଶୁ ସ୍ୱାସ୍ଥ୍ୟ ରକ୍ଷା ସମ୍ବନ୍ଧୀୟ ଏକ ପ୍ରେଶ୍ନାତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଦସ୍ୟା ମୋନ ମାଆ ମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସ୍ତନ୍ୟପାନ ସମ୍ପକର୍ରେ ସେଚତନତା ସୃଷ୍ଟି କରିଥେିଲ । ଏଥେିର ସମ୍ପାଦିକା ପାବର୍ତୀ ବାରିକଙ୍କ ସେମତ, ସଂଯୁକ୍ତା ଦାଶ, ସଂଯୁକ୍ତା ଚାନ୍ଦ,ପ୍ରଭାତୀ ମହାପାତ୍ର, ସୁସ୍ମିତା ଘୋଷାଲ , ଡ଼.ପୁଷ୍ପା ପାତ୍ର, ପ୍ରଣତି ଦାସ ଓ ସୁଜାତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିବା ମାଆ ମାନଙ୍କୁ ମାସ୍କ ଓ ସାନିଟାଇଜର ବଣ୍ଟନ କରିଥେିଲ । ଶେଷେର ସଦଶ୍ୟା ସଂଯୁକ୍ତା ଚାନ୍ଦ ଧନ୍ୟବାଦ ଅପର୍ଣ କରିଥେିଲ ।

## ଛିନ୍ତାଇ ଘଟଣାରେ ୪ଅଟକ

ନୀଳଗିରି,୦୯/୦୮ (ନି.ପ୍ର): ବିଶ୍ୱରେ କରୋନା ମହାମାରି ଯୋଗୁଁ ବେରୋଜଗାର ବଢୁଥିବାରୁ ବେକାର ଯୁବକ ମାନେ ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଜନୈକ ଦମ୍ପତ୍ତିଙ୍କ ଠାରୁ ସୁନାହାର ଓ ନଗଦ ୩୫ହଜାର ଟଙ୍କା ଲୁଟ କରିବା ଘଟଣାରେ ୪ଜଣ ଲୁଟେରାକୁ ନୀଳଗିରି ପୋଲିସ ଅଟକ ରଖିଛି। ଘଟଣାରୁ ପ୍ରକାଶ ଖନ୍ତାପଡ଼ା ଥାନା ଅଧୀନସ୍ଥ ନଇଛଣପୁର ଗ୍ରାମର ବସନ୍ତ ମହାଳିକ ଓ ସ୍ତ୍ରୀ ତିଳୋତ୍ତମା ମହାଳିକ ଏକ ବାଇକରେ ନିଜ ବନ୍ଧୁଘର ବଡୁଆ ଗ୍ରାମରୁ ଫେରୁଥିବା ବେଳେ ଡାହାଣିମରା ରେଲୱେ କ୍ରସିଂ ଠାରେ ୭ଜଣ ଯୁବକ ମଟର ସାଇକେଲରେ ଆସି ରାସ୍ତାରେ ଅଟ୍କା ପକାଇ ସ୍ୱାମୀ ଓ ସ୍ତ୍ରୀ ଙ୍କୁ ଭୁଜାଲି ଓ ବନ୍ଧୁକ ଦେଖାଇ ଏକ ସୁନା ଚେନ ଓ ନଗଦ ୩୫ ହଜାର ଟଙ୍କା ଲୁଟ କରିନେଇଥିଲେ। ବାଇକକୁ ମଧ ଭଙ୍ଗାରୁଜା କରିଥିଲେ । ଖବରପାଇ ନୀଳଗିରି ଥାନାର ଭାରପ୍ରାପ୍ତ ଆଇ.ଆଇ.ସି. ବାସୁଦେବ ଜୟସିଂହ ଘଟଣା ସ୍ଥଳରେ ପହଞ୍ଚି ୪ଜଣକୁ ଅଟକ ରଖିବା ସହ ବ୍ୟବହୃତ ବାଇକ କୁ ଜବଦ କରିଛନ୍ତି । ଅଟକ ୪ଜଣ ହେଲେ ବରିସାହି ଗାଁର କାଳିଆ, ବାଲିଗୋହିରୀ ଗ୍ରାମର ଗୁଡୁ, ଚିକୁ ଓ ବର୍ଣ୍ଣି ବୋଲି ଜଣାପଡ଼ିଛି । ଏ ନେଇ ତିଳୋତ୍ତମା ମହାଳିକ ନୀଳଗିରି ଥାନାରେ ଅଭିଯୋଗ କରିଥିବା ବେଳେ ଘଟଣାର ତଦନ୍ତ ଜାରି ରହିଥିବାର ବାସୁଦେବ ଜୟସିଂହ ପ୍ରକାଶ କରିଛନ୍ତି ।

## ଜେଏମଏମ ପକ୍ଷରୁ ଶହୀଦ ନିର୍ମଳ ମାହାତୋ ଦିବସ ପାଳନ



ବାରିପଦା,୦୯/୦୮ (ନି.ପ୍ର): ବାରିପଦାର ଜୁବଲି ମଣ୍ଡପଠାରେ ଜେଏମଏମ ପୂର୍ବ ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ଝାଡଖଣ୍ଡ ଆନ୍ଦୋଳନର ପ୍ରମୁଖ ନେତା ସହିଦ ନିର୍ମଳ ମହାତୋଙ୍କ ୩୪ତମ ଶହୀଦ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବାରିପଦା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦାସ ମାର୍ଣ୍ଡିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜେଏମଏମର ବରିଷ୍ଠ ନେତା ବିଶିଷ୍ଟ ଝାଡଖଣ୍ଡ ଆନ୍ଦୋଳନକାରୀ ଶିବାଜୀ ମୌଲ୍ଲିକ ଯୋଗ ଦେଇ ନୂତନ ଜିଲ୍ଲା କର୍ମକର୍ତ୍ତା ମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରାଯିବା ସହ ସମସ୍ତେ ଶହୀଦ ନିର୍ମଳ ମାହାତୋଙ୍କ ଫଟୋଚିତ୍ରରେ ଧୂପ, ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ପାର୍ଟିର କର୍ମକର୍ତ୍ତା ମାନେ ପୂର୍ବ ସାଙ୍ଗଠନିକ ଜିଲ୍ଲାର କାର୍ଯ୍ୟ ସମୀକ୍ଷା କରିବା ସହିତ ନୂତନ ସଙ୍ଗଠନର କର୍ମୀ କିଭଳି କାର୍ଯ୍ୟ କରିବେ ସେ ଦିଗରେ ଅଧିକ ଗୁରୁତ୍ୱ ଦେବା ସହିତ ଆଗକୁ ଟ୍ରେନିଙ୍ଗ କ୍ୟାମ୍ପ କରିବାର ସ୍ଥିର କରାଯାଇଥିଲା । ଆସନ୍ତାକାଲି ବିଶ୍ୱ ଇଣ୍ଡିଜିନିୟସ ଦିବସ ଅବସରରେ ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଯାଇ ମହାମହିମ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ଏହି ଶହୀଦ ଦିବସ ପାଳନ ସମାରୋହରେ ଜେଏମଏମର ଜିଲ୍ଲା ସଭାପତି ପ୍ରଭୁଦନ ମାର୍ଣ୍ଡିଙ୍କ ସମେତ ସମ୍ପାଦକ ସୁନ୍ଦର ମୋହନ ସିଂ, ଉପସଭାପତି ଚକ୍ରଧର ସିଂ, ସହ ସମ୍ପାଦକ ପ୍ରଭାତ ମହାନ୍ତ ଏବଂ ରାଇସେନ ମୁର୍ମୁ, କୋଷାଧ୍ୟକ୍ଷ ଜଗନ୍ନାଥ ମାର୍ଣ୍ଡି, ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ଶଙ୍କର ପ୍ରସାଦ ମୁର୍ମୁ, ଡକ୍ଟର ସିଂ, ରଞ୍ଜିତ ଦାସ, ଜେଏମଏମ ଯୁବମୋର୍ଚ୍ଚାର ଜିଲ୍ଲା ସଭାପତି ଅର୍ଜୁନ ମୁର୍ମୁ, ବରିଷ୍ଠ ନେତା ଅନନ୍ତ ମୁର୍ମୁ, ଯୁବମୋର୍ଚ୍ଚା ସମ୍ପାଦକ ଚୈତନ ସୋରେନ, ସହ ସମ୍ପାଦକ ଜଗବନ୍ଧୁ ସିଂ ଏବଂ ରୁଦ୍ରନାରାୟଣ ଦୀପକ ମହାନ୍ତ, ଅଫିସ ସେକ୍ରେଟାରୀ ଜଗନ୍ନାଥ ସାହୁ, କାର୍ଯ୍ୟକାରୀଣି ସଦସ୍ୟ ହିମତଲାଲ ସିଂ, ଶରତ ମହାକୁଡ, ସୁରୋଜ କୁମାର ଘୋଡେଇ,ରାକେଶ ମହାନ୍ତ, ମହିଳା ମୋର୍ଚ୍ଚା ଜିଲ୍ଲା ଉପସଭାପତି ସୁମିତ୍ରା ହେମ୍ବ୍ରମ ଏବଂ ସହ ସମ୍ପାଦିକା ଭଗବତୀ ସୋରେନ ଓ ଶାର୍ଙ୍ଗି ଟୁଡୁ ପ୍ରମୁଖ ବହୁ କର୍ମକର୍ତା ଉପସ୍ଥିତ ଥିଲେ ।

## କ୍ରାନ୍ତି ଦିବସରେ ଗୌରଗୋପାଳ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ରକ୍ତଦାନ ଶିବିର

ଜଳେଶ୍ୱର,୦୯/୦୮ (ନି.ପ୍ର): ଅଗଷ୍ଟ ୯ କ୍ରାନ୍ତି ଦିବସ ଉପଲକ୍ଷେ ଏବଂ ସ୍ୱର୍ଗତ ଗୌରଗୋପାଳ ଦାସଙ୍କ ସ୍ମୃତିରେ ଜଳେଶ୍ୱର ବ୍ଲକ ଅଧିନ କୋଟ ସାହି ସ୍କୁଲ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ବିଧାୟକ ଅଶ୍ୱିନୀ କୁମାର ପାତ୍ର, ତହସିଲଦାର ଶଂକର କୁମାର ପଟ୍ଟନାୟକ ମିଳିତଭାବେ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ । ବିଜେଡି ମହିଳା ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ରେବତୀ ସଂପାଦିକା ସମାଜସେବୀ ସୁବାସିନୀ ଜେନା ଜଳେଶ୍ୱର, ଆଇଆଇସି ପ୍ରଜ୍ଞା ମହାନ୍ତି, ଜିଲା ମହିଳା ବିଜେଡି ସଭାପତି ବିନ୍ଦୁବାଳା ନନ୍ଦି, ମୋ ପରିବାର ଜୀବନବିନ୍ଦୁର ଜିଲା ସଂଯୋଜକ ସାଇରୁଲ ହକ୍, ବ୍ଲକ ସଂଯୋଜକ ମଧୁସୂଦନ ସେନାପତି, ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ଜିଲାପରିଷଦ ସଭ୍ୟା ସାବିତ୍ରୀ ଦାସ, ସମବାୟବିତ୍ ମାନସ ଜେନା, ବ୍ଲକ ସଭାପତି ଭୁପତି ଚରଣ ମିର୍ଦ୍ଧା ସମ୍ମାନୀତ ଅତିଥିଭାବେ ଯୋଗ ଦେଇ ରକ୍ତର ବିକଳ୍ପ ନ ଥିବାରୁ ରକ୍ତଦାନ ପ୍ରତି ପ୍ରତ୍ୟେକେ ଗୁରୁତ୍ୱ ଦେବାକୁ କହିଥିଲେ । ଏହି କାର୍ଯ୍ୟକ୍ରମକୁ କାଳିଚରଣ ଦାସ, ସଂଚିତା ସେନାପତି, ଦିଲ୍ଲିପ ସାମଲ, ଚନ୍ଦନ କର, ରାସବିହାରୀ ରଣା, ସଂଜୟ ମହାନ୍ତି, ବିଶ୍ୱନାଥ ଦାସମହାପାତ୍ର, ରାଧାଶ୍ୟାମ ନାଥ, ସୁରଜିତ ଘୋଷ, ପ୍ରତାପ ପ୍ରଧାନ, ଆନନ୍ଦ କର, ପ୍ରମୁଖ ରକ୍ତ ସଂଗ୍ରହରେ ସହାୟତା କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo